

ଜଗତସିଂହପୁର ଜିଲ୍ଲାର ଗର୍ବ ଓ ଗୌରବ

ଜଳ ସଂପଦ, ସୂଚନା ଓ ଲୋକସଂପର୍କ ବିଭାଗ ମନ୍ତ୍ରୀ

ରଘୁନନ୍ଦନ ଦାସ

ସତ୍ୟ ଓ ତଥ୍ୟ ଭିତ୍ତିକ ସମ୍ବାଦ

RNI Regd No : ODIODI/2016/74122

# ସଂପର୍କବାର୍ତ୍ତା

SAMPARK BARTA

ODIA WEEKLY

www.samparkabarta.in

ଜଗତସିଂହପୁର ଜିଲ୍ଲାର ସମ୍ମାନ, ଗର୍ବ ଓ ଗୌରବ

IAS COLLECTOR

PARUL PATAWARI



Vol.5 | Issue- 22 | November 8 to 14, 2021, | Jagatsinghpur | Page-8 | Rs. 5/-

ବର୍ଷ-୫ | ସଂଖ୍ୟା- ୨୨ | ନଭେମ୍ବର ୮ ରୁ ୧୪, ୨୦୨୧, | ଜଗତସିଂହପୁର, | ପୃଷ୍ଠା-୮ | ମୂଲ୍ୟ-୫ଟଙ୍କା




ଜଗତସିଂହପୁର ଜିଲ୍ଲାର ସମ୍ମାନ

IPS SP

AKHILESWAR SINGH

## ଗଙ୍ଗାଜଳ ପରି ପବିତ୍ର

# ମନ୍ତ୍ରୀ ଦିବ୍ୟ ଶଙ୍କର

**ଭୁବନେଶ୍ୱର(ରାମଚନ୍ଦ୍ର ମହାନ୍ତି, ରାଜ୍ୟ ପ୍ରତିନିଧି):-** ରାଜ୍ୟରେ ଥମୁନି ମମିତା ମେହେର ମର୍ଡର ତାତି। ବିରୋଧୀଙ୍କ ହୋହାଲ୍ଲା ମଧ୍ୟରେ କମ୍ପୁଛି ରାଜ୍ୟ। ଆମେ ପୂର୍ବରୁ ବାରମ୍ବାର "ସଂପର୍କବାର୍ତ୍ତା"ରେ ଲେଖିଆସୁଛୁ **"ମନ୍ତ୍ରୀ ନିଷ୍କଳଙ୍କ, ବିରୋଧୀଙ୍କ ଅଭଦ୍ରାମୀ"** ପରେ **"ବିରୋଧୀ ମିଛୁଆ"** ତଥାପି ଥମୁନି ମିଛୁଆଙ୍କ ରାଜନୀତି। ଏବେ ସମଗ୍ର ରାଜ୍ୟବାସୀ ଅନୁଭବ କଲେଣି ବିରୋଧୀ ମିଛ କହୁଛନ୍ତି **"ସଜ ମାଛରେ ପୋକ ପକାଇବା"** ଭଳି ରାଜନୀତି କରୁଛନ୍ତି। କ୍ଷମତା ପାଇବାର ଲାଳସାରେ ଗୋଟିଏ ପରେ ଗୋଟିଏ ଘଟଣାକୁ ଇସୁ କରି ରାଜ୍ୟରେ



ବିଶୃଙ୍ଖଳା ସୃଷ୍ଟି କରିବା ସହ ଆଇନକୁ ହାତକୁ ନେଉଛନ୍ତି। ସାଧାରଣ ଜୀବନଯାପନ ବାଧାପ୍ରାପ୍ତ ହେଉଛି। ରାଜ୍ୟର ବିଭିନ୍ନ ସ୍ଥାନରେ ଶୁଣିବାକୁ ମିଳୁଛି ବା କୁହାଗଲାଣି **"ଗଙ୍ଗାଜଳ ପରି ପବିତ୍ର ମନ୍ତ୍ରୀ ଦିବ୍ୟ ଶଙ୍କର ମିଶ୍ର"** ତଥାପି ହତ୍ୟାକାଣ୍ଡର ମୁଖ୍ୟ ଅଭିଯୁକ୍ତ ଗୋବିନ୍ଦ ସାହୁଙ୍କ ସହିତ ମନ୍ତ୍ରୀ ଦିବ୍ୟଶଙ୍କରଙ୍କ ଲିଙ୍କ୍ ଥିବା ନେଇ ରାଜ୍ୟ ସରକାରଙ୍କୁ ଘେରୁଛି ବିରୋଧୀ। ଗୋଟିଏ ପଟେ ରାଜ୍ୟ ଗୃହରାଷ୍ଟ୍ରମନ୍ତ୍ରୀଙ୍କ ଇସ୍ତଫା ଦାବିରେ ବିରୋଧୀ ଅଡି ବସିଥିବା ବେଳେ ଏ ନେଇ ପୁଣି ଥରେ ମୁହଁ ଖୋଲିଛନ୍ତି ମନ୍ତ୍ରୀ ଦିବ୍ୟଶଙ୍କର। ବିରୋଧୀଙ୍କ ବହିଷ୍କାର ଦାବି ନେଇ **(ପୃଷ୍ଠା-୨)**

## ମୋଦି ଲୋକପ୍ରିୟତା ଶୀର୍ଷରେ

**ନୂଆଦିଲ୍ଲୀ(ସଂପର୍କବାର୍ତ୍ତା):-** ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ପୁଣି ଥରେ ବିଶ୍ୱର ସବୁଠାରୁ ଲୋକପ୍ରିୟ ନେତା ଭାବେ ଶୀର୍ଷରେ ରହିଛନ୍ତି। ମନି କନ୍‌ସଲ୍ଟ ଦ୍ୱାରା ପ୍ରକାଶିତ ଗ୍ଲୋବାଲ୍ ଲିଡର ଆପ୍ରୁଭାଲ୍ ମୂଲ୍ୟାୟନରେ ମୋଦି ୭୦% ଆପ୍ରୁଭାଲ ସହ ଶୀର୍ଷ ସ୍ଥାନ ହାସଲ କରିଛନ୍ତି। ମୋଦି ଏଥିରେ ସର୍ବାଧିକ ରେଟିଂ ପାଇଛନ୍ତି। ମନି କନ୍‌ସଲ୍ଟ ୨୦୧୯ରେ ଏ ନେଇ ତଥ୍ୟ ଆରମ୍ଭ କରିଥିଲା। ମେକ୍ସିକୋର ରାଷ୍ଟ୍ରପତି ଆଣ୍ଡ୍ରେସ୍ ମାନୁଏଲ୍ ଲୋପେଜ ଓବ୍ରାଡୋର ୬୬% ରେଟିଂ ସହ ଏହି ତାଲିକାରେ ଦ୍ୱିତୀୟ ସ୍ଥାନରେ ଅଛନ୍ତି। ଏହାପରେ ୫୮% ନମ୍ବର ସହ ଇଟାଲି ପ୍ରଧାନମନ୍ତ୍ରୀ ମାରିଓ ଡ୍ରାଗି ତୃତୀୟ



ସ୍ଥାନରେ ଅଛନ୍ତି। ୪ର୍ଥ ସ୍ଥାନରେ ଥିବା ଜର୍ମାନ୍ ଚାନ୍ସେଲର୍ ଆଞ୍ଜେଲା ମର୍କେଲ୍ ୫୪% ଅଙ୍କ ହାସଲ କରିଛନ୍ତି। ସେହିପରି ଅଷ୍ଟ୍ରେଲିଆ ପ୍ରଧାନମନ୍ତ୍ରୀ ସ୍କଟ୍ ମୋରିସନ୍ ୪୭% ଆପ୍ରୁଭାଲ୍ ସହ ୫ମ ସ୍ଥାନରେ ଅଛନ୍ତି।

## ବିରୋଧୀଙ୍କୁ ମମିତା ବାପାଙ୍କ ଅନୁରୋଧ

### ରାଜନୀତି ନ କରନ୍ତୁ, ମୋ ଝିଅ ଚରିତ୍ର ଉପରେ ଆଙ୍ଗୁଳି ଉଠା ନଯାଉ

**ବଲାଙ୍ଗୀର(ସଂପର୍କବାର୍ତ୍ତା):-** ସନ୍‌ସାଇନ୍ ସ୍କୁଲ୍ ଅଧକ୍ଷା ମମିତା ମେହେର ହତ୍ୟା ମାମଲା ଘଟଣାକୁ ନେଇ ବିରୋଧୀ ଓ କିଛି ଗଣମାଧ୍ୟମ ମାଇଲେଜ୍ ନେବା ପାଇଁ ଘଟଣାକୁ ବିଭ୍ରାନ୍ତ କରୁଛନ୍ତି। ଏ ନେଇ ମମିତାଙ୍କ ବାପା ସୁରେନ୍ଦ୍ର ମେହେର ହାତଯୋଡି ନିବେଦନ କରୁଛନ୍ତି ମୋ ଝିଅ ମମିତା ଗୋଟିଏ ବହୁତ ଭଲ ଝିଅ ଥିଲା। ତା' ହତ୍ୟା ପରେ ଆମ ପରିବାର ଲୋକେ ସଂପୂର୍ଣ୍ଣ ଭାଙ୍ଗି ପଡିଛୁ। ମୋ ଝିଅ ହତ୍ୟାକାଣ୍ଡର ତଦନ୍ତ ବିଷୟରେ ଜାଣିବା ପାଇଁ ପୋଲିସ୍ ପାଖକୁ ଯାଇଥିଲି। ପୋଲିସ୍ ତଦନ୍ତରେ ଆମେ ସଂପୂର୍ଣ୍ଣ ସନ୍ତୁଷ୍ଟ ଅଛୁ। ମୋ ଝିଅ ହତ୍ୟାକାରୀ ଗୋବିନ୍ଦ ସାହୁ ସାଙ୍ଗରେ ସେ କେବେ ରାୟପୁର ଯାଇନଥିଲା ଓ ମୁଁ ସମସ୍ତଙ୍କୁ ନିବେଦନ କରୁଛି ମୋ ଝିଅର ଚରିତ୍ର ଉପରେ ଆଙ୍ଗୁଳି ଉଠାନଯାଉ, ଏ ସବୁ ବନ୍ଦ କରାଯାଉ। ମୁଁ ରାଜନୈତିକ ଦଳ ମିଡିଆମାନଙ୍କୁ ନିବେଦନ କରୁଛି ମୋ ଝିଅ ହତ୍ୟା ଘଟଣାରେ ରାଜନୀତି କରାନଯାଉ ଏସବୁ ବନ୍ଦ କରାଯାଉ। ମୋର ଓ ମୋର ପରିବାରର ସଂପୂର୍ଣ୍ଣ ଭରଷା ଅଛି ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଆମକୁ ନ୍ୟାୟ ଦେବେ ବୋଲି। ମମିତାଙ୍କ ବାପା ସୁରେନ୍ଦ୍ର ମେହେର




ହାତଯୋଡି ନିବେଦନ କରିଛନ୍ତି। ସେହିପରି ମମିତାଙ୍କ ବଡବାପା କୌଶିକ ମେହେର ମଧ୍ୟ ମିଡିଆକୁ ନିବେଦନ କରିଛନ୍ତି। ମମିତାର ହତ୍ୟା ଘଟଣା ପରଠୁଁ ଆମେ ବହୁତ ଦୁଃଖରେ ଅଛୁ। ପୋଲିସ୍ ତା'ର ତଦନ୍ତ ଜାରି ରଖିଛି ଓ ଆମେ ପୋଲିସ୍ ତଦନ୍ତରେ ସନ୍ତୁଷ୍ଟ ଅଛୁ। ମମିତାର ଚରିତ୍ର ଉପରେ ସଂହାର କରୁଛନ୍ତି ଓ ଆମ ପରିବାରକୁ ବଦନାମ କରିବାକୁ ଚେଷ୍ଟା କରୁଛନ୍ତି। ଯେଉଁ ମିଡିଆ ବା ବିରୋଧୀ ହୁଅନ୍ତୁ ନା କାହିଁକି ସେ ଏସବୁ ବନ୍ଦ କରନ୍ତୁ। ଆମକୁ ନ୍ୟାୟ ଦରକାର ଓ ଦୋଷୀକୁ ଫାଶି ଦଣ୍ଡରେ ଦଣ୍ଡିତ କରିବା ଦରକାର। ଏହା ମୁଁ ନିବେଦନ କରୁଛି। ଏ ନେଇ ସମସ୍ତଙ୍କୁ ନିବେଦନ କରୁଛି ଆମକୁ ନେଇ ରାଜନୀତି ନ କରି ପୀଡିତା ପରିବାରକୁ ଆଉ ଦୁଃଖୀ କରନ୍ତୁ ନାହିଁ ବୋଲି ମମିତାଙ୍କ ବଡବାପା ନିବେଦନ କରୁଛନ୍ତି।

## ସୌମ୍ୟରଞ୍ଜନ ଟିକେଟ୍ ପାଇବେନି:ବାହିନୀପତି

**ଭୁବନେଶ୍ୱର(ରାମଚନ୍ଦ୍ର ମହାନ୍ତି, ରାଜ୍ୟ ପ୍ରତିନିଧି):-** ବିଧାୟକ ସୌମ୍ୟରଞ୍ଜନ ବିଭିନ୍ନ ସମୟରେ ନିଜର ସମ୍ପାଦକୀୟରେ ନିଜର ମତ ସାବ୍ୟସ୍ତ କରନ୍ତି। ନିଜର ମନ୍ତବ୍ୟରେ ସେ ବିଜେଡି ଦଳକୁ ପରୋକ୍ଷରେ ସମାଲୋଚନା କରିବା ସହ ନବୀନଙ୍କୁ ମଧ୍ୟ ସମାଲୋଚନା କରିଛନ୍ତି। ଯାହା ବିଜେଡିକୁ ଅଡୁଆରେ ପକାଇଥାଏ। ଏବେ ପୁଣି ଗୋଟିଏ ସମ୍ପାଦକୀୟ ପ୍ରକାଶ କରି ଗୃହ ରାଷ୍ଟ୍ରମନ୍ତ୍ରୀଙ୍କୁ ଟାର୍ଗେଟ୍ କରିଛନ୍ତି। ସମ୍ପାଦକୀୟ ବୃତ୍ତି ପାର୍ଟି ଓ ମାଟି ଶିର୍ଷକରେ ମମିତା ହତ୍ୟାକାଣ୍ଡରେ ସେ ଗୃହ ରାଷ୍ଟ୍ରମନ୍ତ୍ରୀଙ୍କୁ ଖୁଲମଖୁଲା ଟାର୍ଗେଟ୍ କରିଛନ୍ତି। ଏହାକୁ ନେଇ କଂଗ୍ରେସ ବିଧାୟକ ପ୍ରତିକ୍ରିୟା ରଖିଛନ୍ତି।

ବାହିନୀପତି କହିଛନ୍ତି ଯେ, ବିଧାନସଭାରେ ପୂର୍ବରୁ ଅନେକ ଥର କହିଛି ପ୍ରଥମେ ମାଟି ଓ ତା' ପରେ ପାର୍ଟି। ସୌମ୍ୟବାବୁ ଯାହା ଲେଖିଛନ୍ତି ସ୍ୱାଗତଯୋଗ୍ୟ। କିନ୍ତୁ ନବୀନ ପଟ୍ଟନାୟକଙ୍କ ପାଇଁ ପାର୍ଟି ବଡ ମାଟି ବଡ ନୁହେଁ। କୋଟିଆ ଆଜି ହାତରୁ ଖସିଗଲାଣି। ଦିବ୍ୟଶଙ୍କର ମିଶ୍ର ନୈତିକତା ଦୃଷ୍ଟିରୁ ଇସ୍ତଫା ଦେଇଦବା କଥା। ଦିବ୍ୟଶଙ୍କର ଇସ୍ତଫା ଦେବା ପରିବର୍ତ୍ତେ ମୁଖ୍ୟମନ୍ତ୍ରୀ ଇସ୍ତଫା ଦେବା ଦରକାର। ରାଜ୍ୟରେ ଦୁଷ୍କର୍ମ, ନିର୍ଯ୍ୟାତନା ବଢୁଛି ଆଉ ଗୃହ ବିଭାଗର



ମୁଖ୍ୟ ଥିବା ହେତୁ ମୁଖ୍ୟମନ୍ତ୍ରୀ ଇସ୍ତଫା ଦେବା ଦରକାର। ତେବେ ବିଜେଡି ଦଳରେ ଥାଇ ସୌମ୍ୟରଞ୍ଜନ ପଟ୍ଟନାୟକ ନିଜର ଖବରକାଗଜ ସମ୍ପାଦକୀୟରେ ସମାଲୋଚନା କରିଛନ୍ତି। ସିଏ ଆଉ ବିଜେଡିରୁ ଟିକେଟ୍ ପାଇବେ ନାହିଁ ଏବଂ ତାଙ୍କ ଉପରେ ମଧ୍ୟ ଭିଜିଲାନ୍ସ ରେଡ୍ କରାଯାଇପାରେ ବୋଲି ବାହିନୀପତି କହିଛନ୍ତି।

## ବସନ୍ତ ପଣ୍ଡା ହଟହଟା

**ଧର୍ମଗଡ(ସଂପର୍କବାର୍ତ୍ତା):-** ବିଜେପି ସାଂସଦ ବସନ୍ତ ପଣ୍ଡାଙ୍କୁ ମହାଲିଙ୍ଗବାସୀଙ୍କ ତୀବ୍ର ବିରୋଧ। ଫେଲ୍ ମାରିଲା ବିଜେପିର ମାଇଲେଜ ରାଜନୀତି। ବିଜେପି ସଭାରେ ହଟହଟା ହୋଇଛନ୍ତି ବିଜେପି ସାଂସଦ ବସନ୍ତ ପଣ୍ଡା। ଅପ୍ରସଙ୍ଗକୁ ସବୁବେଳେ ପ୍ରସଙ୍ଗ କରୁଥିବା ବିଜେପିକୁ ପୁଣି ଥରେ ହିନସ୍ଥା ହେବାକୁ



ପଡିଛି। କଳାହାଣ୍ଡି ସାଂସଦଙ୍କୁ ତାଙ୍କ ଅଞ୍ଚଳରେ ପୁରାଇ ଦେଲେନି ଲୋକେ। ନିର୍ବାଚନ ଜିତିବାର ଏତେ ଦିନ ପରେ ଯାଇଥିବାରୁ ପ୍ରଶ୍ନ ବାନରେ ଘେରିଲେ ଜନସାଧାରଣ। ଏତେଦିନ କେଉଁଠି ଥିଲ ବୋଲି ପ୍ରଶ୍ନ କରିଛନ୍ତି ମହାଲିଙ୍ଗବାସୀ। ୨୦୧୯ ନିର୍ବାଚନ ଜିତିବା ପରେ ଅଞ୍ଚଳରେ ବିକାଶ ଓ ଶିକ୍ଷାର ଉନ୍ନତି **(ପୃଷ୍ଠା-୨)**

## ଉତ୍କଳ ସାମ୍ବାଦିକ ସଂଘ ସଭାପତି ବୁଲନ୍ ଭାଇଙ୍କୁ ହତ୍ୟା କରିବାକୁ ଗୋଡାଉଛନ୍ତି ଦୁର୍ବୃତ୍ତ ! ପୋଲିସ୍ ନୀରବ

**ଭୁବନେଶ୍ୱର(ନବଘନ ଜେନା):-** ରାଜ୍ୟର ସର୍ବପୁରାତନ **"ଉତ୍କଳ ସାମ୍ବାଦିକ ସଂଘ"**ର ସଭାପତି ପରମେଶ୍ୱର ଦାଶ(ବୁଲନ୍ ଭାଇ)ଙ୍କୁ ୫/୬ ଜଣ ଦୁର୍ବୃତ୍ତ ହତ୍ୟା କରିବାକୁ ଗୋଡାଉଥିବାରୁ ସେ ଲୁଚିଥିବାର ଶୁଣିବାକୁ ମିଳୁଛି। ସଂଘର ବିବାଦୀୟ ପରିସ୍ଥିତିକୁ କମିଶନରେଟ୍ ପୋଲିସ୍ ଖାମ୍‌ଖିଆଲି କରିଆସୁଥିବାରୁ ସାମ୍ବାଦିକମାନଙ୍କ ମଧ୍ୟରେ ଉଷ୍ମତା ବୃଦ୍ଧି ପାଇବାରେ ଲାଗିଛି। ସଂପୃକ୍ତ ଦୁର୍ବୃତ୍ତଙ୍କ ବିରୁଦ୍ଧରେ ୨ରୁ ୩ ଅଭିଯୋଗ ଖାରବେଳନଗର ଥାନାରେ ହୋଇଥିବା ଏବଂ ୩୦୭ ଦଫା ସହିତ ଅନ୍ୟାନ୍ୟ ସଙ୍ଗୀନ ଅଭିଯୋଗ ଥିବା ସତ୍ତ୍ୱେ ପୋଲିସ୍



ନୀରବ କାହିଁକି ବୋଲି ସାଧାରଣରେ ପ୍ରଶ୍ନ ହେଉଛି। ତା'ର ପ୍ରତିପକ୍ଷ ଗୋଷ୍ଠୀଙ୍କ ସର୍ଦ୍ଦାର ମଦ ମାଫିଆ ଓ ହୋଟେଲ୍ ମାଲିକ ହୋଇଥିବାରୁ ସଂଘକୁ ୫/୬ ନକଲି ସାମ୍ବାଦିକ ଗୁଣ୍ଡାକୁ କରାୟତ କରି ବୁଲନ୍ ଭାଇଙ୍କୁ ଗୋଡାଉଥିବା କୁହାଯାଉଛି। ଉକ୍ତ ସଂଘରୁ ଓ ବେଆଇନ୍ ଭାବେ ନିର୍ମିତ ବ୍ୟବସାୟୀ ଅନୁଷ୍ଠାନ(କ୍ୟାଣ୍ଟିନ୍), ପର୍ବପର୍ବାଣୀ, ବାହାଘର ଆଦି ସବୁ ଉକ୍ତ ସଂଘରେ କରାଯାଉଥିବାରୁ ବର୍ଷକୁ ଲକ୍ଷାଧିକ ଟଙ୍କା ରୋଜଗାର ହେଉଥିବାରୁ ମଦ ମାଫିଆ ତଥା ହୋଟେଲ୍ ମାଲିକ ସଂଘକୁ କରାୟତରେ ରଖିବା ନେଇ ଗୁଣ୍ଡା ରଖି ବୁଲନ୍‌ଙ୍କୁ ଗୋଡାଯାଉଥିବା କୁହାଯାଉଛି। ପ୍ରାୟ ୭/୮ ବର୍ଷ ଧରି ଉକ୍ତ ସଂଘ ଗ୍ରାମାଞ୍ଚଳ ପାଇଁ ଉଦ୍ଦିଷ୍ଟ ଥିଲେ ମଧ୍ୟ କୌଣସି ଗ୍ରାମାଞ୍ଚଳରୁ ସାମ୍ବାଦିକ ଏହି **(ପୃଷ୍ଠା-୨)**

## ଜିଲ୍ଲାପାଳ ସମର୍ଥ ବର୍ମାଙ୍କ ମହାନତା

**କେନ୍ଦ୍ରାପଡା(ସଂପର୍କବାର୍ତ୍ତା):-** ଆଇଏଏସ୍ ଅଫିସର୍ ତଥା କେନ୍ଦ୍ରାପଡା ପୂର୍ବତନ ଜିଲ୍ଲାପାଳ ଓ ବର୍ତ୍ତମାନର ପୁରୀ ଜିଲ୍ଲାପାଳ ସମର୍ଥ ବର୍ମାଙ୍କ ସାହାଯ୍ୟ ଓ ସହଯୋଗ ମୁଁ କେବେ ଭୁଲି ପାରିବି ନାହିଁ। ସେ ସହାୟତାର ହାତ ବଢାଇ ନଥିଲେ ମୋର ଡାକ୍ତରୀ ପାଠ ପଢାଇବାର ସ୍ୱପ୍ନ ଭାଙ୍ଗୀ ଚୂରମାର୍ ହୋଇଯାଇଥାଆନ୍ତା। ତାଙ୍କରି(ଡାକ୍ତର ସମର୍ଥ) ସହଯୋଗ ପାଇଁ ମୁଁ ଭୁବନେଶ୍ୱରରେ ମେଡିକାଲ୍ କୋଚିଂ ନେଲି ଓ ଆଜି ଡାକ୍ତରୀ ପଢିବାର ସୁଯୋଗ ପାଇଛି ବୋଲି କହିଛନ୍ତି ନିକଟରେ ମେଡିକାଲ୍ ପାଠ୍ୟକ୍ରମ ପାଇଁ ନିଟ୍ ପ୍ରବେଶିକା ପରୀକ୍ଷାରେ ଉର୍ତ୍ତୀର୍ଣ୍ଣ ହୋଇଥିବା କେନ୍ଦ୍ରାପଡା ଜିଲ୍ଲା ମହାକାଳପଡା ବ୍ଲକ୍ ଅନ୍ତର୍ଗତ ରାଜଗଡ ପଞ୍ଚାୟତର ଗୟାସପୁର ଗ୍ରାମର ପିତା ଅମୁଜ କୁମାର ରାଉତ ଓ ମା'



ସୌଦାମିନୀ ରାଉତଙ୍କ ପୁଅ ଅମୃତ ମୋହନ ରାଉତ ଯେପରି ତୁଳସୀ ଦୁଇ ପତ୍ରରୁ ବାସୀବା ଭଳି ଅମୃତ ପିଲାଟିଦିନରୁ ଜଣେ ମେଧାବୀ ଛାତ୍ର ଥିଲେ। ତେଣୁ ତାଙ୍କ ବାପାଙ୍କ ଆର୍ଥିକ ଅବସ୍ଥା ସ୍ୱଚ୍ଛଳ ନଥିଲା। ଜଣେ ସାଧାରଣ ଶିକ୍ଷା ସହାୟକ ଭାବେ ମାସିକ ମାତ୍ର ୭୨୦୦ ଟଙ୍କା ଦରମା ପାଉଥିବା ତାଙ୍କ ବାପାଙ୍କ ପକ୍ଷେ ପରିବାର ପ୍ରତିପୋଷଣ କରିବା

### ଭୁଲି ପାରୁନି ନିଟ୍ ଛାତ୍ର ଅମୃତ

ଅତ୍ୟନ୍ତ କଷ୍ଟକର ଥିଲା। ପୁଅ ଅମୃତ ପିଲାଟି ଦିନୁ ସ୍ୱପ୍ନ ଦେଖୁଥିଲା ଡାକ୍ତର ହେବା ପାଇଁ ହେଲେ ପୁଅକୁ ପାଠ ପଢାଇବା ପାଇଁ ବାପାଙ୍କ ଆର୍ଥିକ ସମ୍ବଳ ନଥିଲା। ତେଣୁ ସେ ପୁଅ ପାଇଁ ସବୁବେଳେ ଚିନ୍ତିତ ଥିଲେ। ହେଲେ




ପୁଅ ନିଜର ବାଗ୍ମିତା ପ୍ରତିପାଦନ କରିବାରେ ପଛଘୁଞ୍ଚା ଦେଇନଥିଲା।

କେନ୍ଦ୍ରାପଡା ସେଣ୍ଟ୍ ଜାଭିୟର୍ ସ୍କୁଲ୍‌ରେ ୯୭.୩୩% ମାର୍କ ରଖି ମାଟ୍ରିକ୍ ପରୀକ୍ଷା ଉର୍ତ୍ତୀର୍ଣ୍ଣ ହୋଇଥିଲା। ଏହାପରେ ଭୁବନେଶ୍ୱର ୟଙ୍ଗ୍ ଫନିକ୍ ପବ୍ଲିକ୍ ସ୍କୁଲ୍‌ରେ +୨ ଅଧ୍ୟୟନ କଲା। ସେଥିରେ ୯୫.୨୨% ନମ୍ବର ରଖି ନିଜର ବାଗ୍ମିତାର ପରିଚୟ ଦେଇଥିଲା। ଏହାପରେ ଡାକ୍ତରୀ ପରୀକ୍ଷା ପାଇଁ ନିଜକୁ ପ୍ରସ୍ତୁତ କରିଥିଲା। ହେଲେ ଅର୍ଥ ଏକ ମୁଖ୍ୟ ପ୍ରତିବନ୍ଧକ ହୋଇ ଛିଡା ହୋଇଥିଲା। କୌଣସି ସୂତ୍ରରୁ ଅମୃତଙ୍କ ବାଗ୍ମିତା ସମ୍ପର୍କରେ ଖବର ପାଇଥିଲେ କେନ୍ଦ୍ରାପଡା **(ପୃଷ୍ଠା-୨)**

# ମହାଲିଙ୍ଗ କଲେଜ ମିଛ ଗୁଜବରୁ ହଟୁଛି ପରଦା

### ମମିତା ମେହେର ହତ୍ୟା ମାମଲା

**ଧର୍ମଗଡ(ସଂପର୍କବାର୍ତ୍ତା):-** ମହାଲିଙ୍ଗ କଲେଜକୁ ନେଇ ମଛି ଗୁଜବ ଉପରୁ ହଟୁଛି ପରଦା । ମମିତା ମେହେର ହତ୍ୟା ମାମଲାରେ ବିନା କାରଣରେ କାଠଗଡାକୁ ଟଣା ହୋଇଥିଲା ମହାଲିଙ୍ଗ କଲେଜ୍ । ସୁରକ୍ଷିତ ବାତାରଣରେ ଶିକ୍ଷାଦାନ ଚାଲୁଥିବା ବେଳେ ମିଛ ଅପବାଦ ଆଣିଥିଲା ସାତ ଆତଙ୍କ ହେଲେ ଏବେ ବଦନାମୀର ମିଛ କାଳିମା ହଟିଛି , ପାଠପଢା ସହ ଫେରୁଛି ସ୍ୱାଭାବିକ ସ୍ଥିତି । ସେପଟେ କଲେଜର ସମସ୍ତ ଦସ୍ତାବିଜକୁ ପ୍ରଶାସନ ଯାଞ୍ଚ କରିବା ସହ ଗଭର୍ଣିଂ ବଡି ପାଇଁ ଅନୁମତି ଦେବେ ନା ନାହିଁ ସେନେଇ ବିଚାର ଚାଲିଛି । ମମିତା ହତ୍ୟା ମାମଲାରେ କଲେଜ ଉପରେ ବୋଳା ହୋଇଥିଲା ମିଛ କାଳିମା ନା ତଥ୍ୟ ନା ପ୍ରମଣା , ଅଭିଯୁକ୍ତକୁ ଯୋଡି କଲେଜକୁ କାଠଗଡାକୁ ଟଣାଗଲା । ଦୋଷ କଲା ଜଣେ,ବିନା ଦୋଷରେ ବଦନାମ୍ ହେଲା କଲେଜ । ବାଜିରେ ଲାଗିଲା ୨ହଜାର ପିଲାଙ୍କ ଭବିଷ୍ୟତ । ଏବେ ଗୁଜବ ଉପରୁ ପରଦା ଉଠିଛି । ଫସର ଫାଟିଛି ଅପପ୍ରଚାରୀଙ୍କ ଯୋଜନା ମିଛର କାଳବାଦଲ ହଟିଛି, ଏବେ ଜଳଜଳ ଦିଶୁଛି ମହାଲିଙ୍ଗ କଲେଜର ସତ । ଭବିଷ୍ୟତ ଗଢିବାକୁ କ୍ୟାମ୍ପସରେ କୋଳାହଳ । ଗତିକାଲିଠାରୁ ଯୁକ୍ତଦୁଇ ପ୍ରଥମ ବର୍ଷ କଲେଜ ସହ ହଷ୍ଟେଲ ବି ଖୋଲିଛି । କ୍ଲାସରୁମ୍ ଓ ବିଜ୍ଞାନ ଲ୍ୟାବରେ ପଢୁଛନ୍ତି ପିଲା ସେପଟେ ଧର୍ମଗଡ ଉପଜିଲ୍ଲାପାଳଙ୍କ ନେତୃତ୍ୱରେ ଜିଲ୍ଲା ଶିକ୍ଷା ଅଧିକାରୀ, ବ୍ଲକ ଶିକ୍ଷା ଅଧିକାରୀ ଓ ମାଜିଷ୍ଟ୍ରଟ ଦାୟିତ୍ୱରେ ଥିବା ଗୋଲାମୁଣ୍ଡା ତହସିଲଦାର କଲେଜକୁ ଯାଇ ତଦନ୍ତ କରିଛନ୍ତି । ପୂର୍ବଭଳି କଲେଜକୁ ଯାଇ ତଦନ୍ତ କରିଛନ୍ତି ।ପୂର୍ବଭଳି କଲେଜରେ ପାଠପଢା ଚାଲିଛି । କୌଣସି ଗୁଜବରେ ଭୟ ନକରି ନିୟମିତ ଭାବେ କଲେଜ ଆସିବାକୁ କହିଛନ୍ତି ଅଧ୍ୟାପକ ସୁଶାନ୍ତ ନାୟକ। ମମିତା ହତ୍ୟା ମାମଲାରେ ଆଇନ ଫାଶରେ ଅଭିଯୁକ୍ତ । ତଦନ୍ତ ଚାଲିଛି , ତଥ୍ୟ, ପ୍ରମାଣ ଯୋଗାଡ କାରଯାଇଛି । ହେଲେ ବିନା କାରଣରେ ମହାଲିଙ୍ଗ କଲେଜକୁ ବଦନାମ କରିବାକୁ ଉଦ୍ୟମ ହୋଇଥିଲା। ଅପରାଧ ପାଇଁ ମିଛରେ ଆତଙ୍କ ସୃଷ୍ଟି କରାଯାଇଥିଲା ଏବେ ସତ ସାମନାକୁ ଆସିବା ପରେ କଲେଜରେ ସ୍ୱାଭାବିକ ହେଉଛି ପାଠପଢା ।

# କେନ୍ଦ୍ରକୁ ଦୀପାବଳିରେ ତେଲ ବାଣ ମାରିଲେ ଚିଦାମ୍ବରମ



**ନୂଆଦିଲ୍ଲୀ(ସଂପର୍କବାର୍ତ୍ତା):-** ଦୀର୍ଘ ଦିନର ମହଙ୍ଗା ମାଡ ପରେ କେନ୍ଦ୍ର ସରକାର ପେଟ୍ରୋଲ ଓ ଡିଜେଲ ଉପରେ ଲାଗୁ କରୁଥିବା ଉତ୍ପାଦ ଶୁଳ୍କକୁ ସାମାନ୍ୟ ହ୍ରାସ କରିଛନ୍ତି । ପେଟ୍ରୋଲ ଉପରୁ ଉତ୍ପାଦ ଶୁଳ୍କ ୫ ଟଙ୍କା ଓ ଡିଜେଲ ଉପରକୁ ୧୦ଟଙ୍କା ଟିକସ ହ୍ରାସ କରାଯାଇଛି । ତଥାପି ବିଭିନ୍ନ ସ୍ଥାନରେ ପେଟ୍ରୋଲର ଲିଟର ପିଛା ଦର ୧୦୦ ଟଙ୍କା ଉପରେ ରହିଛି । ତେବେ ଦୀପାବଳିର ଗୋଟିଏ ଦିନ ପୂର୍ବରୁ ହଠାତ୍ କେନ୍ଦ୍ର ସରକାର ଉତ୍ପାଦ ଶୁଳ୍କକୁ ଉପ ନିର୍ବାଚନ ରେଜଲ୍ଟ ସହ ଯୋଡିଛନ୍ତି । ଦୀପାବଳିରେ ବରିଷ୍ଠ କଂଗ୍ରେସ ନେତା ଟ୍ୱିଟ କରି କେନ୍ଦ୍ର ସରକାର ଓ ବିଜେପିକୁ ତେଲ ବାଣ ମାରିଛନ୍ତି । ଅକ୍ଟୋବର ୩୦ରେ ଅନୁଷ୍ଠିତ ହୋଇଥିବା ୩ ଲୋକସଭା ଓ ୩୦ ବିଧାନସଭା ଉପ ନିର୍ବାଚନରେ ବିଜେପି ପରାଜୟ ପଛରେ ଦରବୃଦ୍ଧି ମୁଖ୍ୟ କାରଣ ଥିଲା ଏହାର ପ୍ରଭାବ ଦଳ ଉପରେ ପଡୁ ଥିବାରୁ କେନ୍ଦ୍ର ସରକାର ତେଲ ଉପରକୁ ଉତ୍ପାଦ ଶୁଳ୍କ ହ୍ରାସ କରିଥିବା ସେ କହିଛନ୍ତି । ସେ କହିଛନ୍ତି, ୩୦ ବିଧାନସଭା ଓ ୩ ଲୋକସଭା ଆସନରେ ଅନୁଷ୍ଠିତ ଉପ ନିର୍ବାଚନର ରେଜଲ୍ଟ ଯୋଗ କେନ୍ଦ୍ର ସରକାର ଏପରି କରିଛନ୍ତି । କେନ୍ଦ୍ର ସରକାର ପେଟ୍ରୋଲ ଓ ଡିଜେଲ ଉପରେ ଲାଗୁଥିବା ଉତ୍ପାଦ ଶୁଳ୍କକୁ ହ୍ରାସ କରିଛନ୍ତି । ଉଚ୍ଚ ଟିକସ ଯୋଗୁ ତୈଳ ଦର ଅଧିକ ରହୁଛି । କେନ୍ଦ୍ର ସରକାର ଅଧିକ ଲୋକ କରୁଥିବାରୁ ଲୋକମାନେ ଦର ବୃଦ୍ଧିର ସମ୍ମୁଖୀନ ହେଉଛି ବୋଲି ସେ କହିଛନ୍ତି ।

# ଭୟରେ ପେଟ୍ରୋଲ ଦର କମାଇଛନ୍ତି:ପ୍ରିୟଙ୍କା



**ନୂଆଦିଲ୍ଲୀ(ସଂପର୍କବାର୍ତ୍ତା):-** କେନ୍ଦ୍ର ସରକାର ପେଟ୍ରୋଲ ଏବଂ ଡିଜେଲ ଉପରେ ଉତ୍ପାଦ ଶୁଳ୍କ କମାଇବା ପରେ ରାଜନୀତି ଜୋର ଧରିଛି । କଂଗ୍ରେସର ନେତ୍ରୀ ପ୍ରିୟଙ୍କା ଗାନ୍ଧୀ କେନ୍ଦ୍ର ସରକାରଙ୍କୁ ଟାର୍ଗେଟ କରି କହିଛନ୍ତି ଯେ ଏହି ନିଷ୍ପତ୍ତି ସରକାରଙ୍କ ହୃଦୟରୁ ନୁହଁ ବରଂ ଡରରେ ନିଆଯାଇଛି । ଆଗମୀ ଦିନରେ ହେବାକୁ ଥିବା ନିର୍ବାଚନରେ ଜନତା ଏହାର ଦୃଢ ଜବା ଦେବେ । ପ୍ରିୟଙ୍କା ଗାନ୍ଧୀ ଆହୁରୀ ମଧ୍ୟ କହିଛନ୍ତି ଯେ , ଏବେ ପାର୍ବଣର ମାହୋଲ ଚାଲିଛି। ଦରଦାମ ବୃଦ୍ଧି ସାଧାରଣ ଲୋକଙ୍କୁ ଚିନ୍ତାରେ ପକାଉଛି। ବିଜେପି ସରକାର ସାଧାରଣ ଲୋକଙ୍କୁ ଲୁଟ୍ କରିଚାଲିଛି ।ଦରଦାମ କମ କରିବା ପରବର୍ତ୍ତି ଗ୍ୟାସ ସିଲିଣ୍ଡର, ପେଟ୍ରୋଲ-ଡିଜେଲ,ତେଲ ,ପନିପରିବା ମୂଲ୍ୟ ଆକାଶଛୁଆଁ କରିଦେଇଛି ।ତେବେ ଆଗକୁ ହେବାକୁ ଥିବା ନିର୍ବାଚନରେ ଜନତା ଏହାର ଦୃଢ ଜବାବ ଦେବେ ।ସାଧାରଣ ଜନତା ଏହି ସରକାରଙ୍କୁ କେବେବି କ୍ଷମା କରିବେ ନାହିଁ । ସୂଚନାଯୋଗ୍ୟ ଯେ ,କେନ୍ଦ୍ର ସରକାର ପେଟ୍ରୋଲ ଓ ଡିଜେଲ ଉପରେ ଏକ୍ସାଇଜ୍ ଦର କମାଇବା ପରେ ଅନେକ ରାଜ୍ୟ ଟିକସ କମାଇ ଦେଇଛନ୍ତି । ଯାହାଫଳରେ ଏବେ ପେଟ୍ରୋଲ ଓ ଡିଜେଲ ମୂଲ୍ୟ କମିଛି ।ଏହା ରାଜ୍ୟ ଗୁଡିକ ହେଉଛି ଗୋଆ, ଓଡିଶା, ବିହାର, ସିକ୍କିମ୍, କର୍ଣ୍ଣାଟକ, ଉତ୍ତରପ୍ରଦେଶ, ଆସାମ, ତ୍ରିପୁରା, ହରିୟାଣା ଓ ମଣିପୁର । ସେହିପର ପେଟ୍ରୋଲ ଓ ଡିଜେଲ ଉପରେ ଭାଟ୍ ଲିଟର ପ୍ରତି ୧୨ ଟଙ୍କା କମ କରିବେ ବୋଲି ଉତ୍ତରପ୍ରଦେଶ ସରକାର ଘୋଷଣା କରିଛନ୍ତି । ସିକ୍କିମ ସରକାର ପେଟ୍ରୋଲ ଏବଂ ଡିଜେଲରେ ଭାଟ୍ ୭ଟଙ୍କା କମ କରିବେ ବୋଲି କହିଛନ୍ତି । ଅନ୍ୟପଟେ ବିହାର ସରକାର ସବୁଠାରୁ କମ ଭାଟ ଶୁଳ୍କ କମାଇଛନ୍ତି ।ବିହାର ସରକାର ପେଟ୍ରୋଲରେ ୧.୩୦ ପଇସା ଓ ଡିଜେଲରେ ୧.୯୦ ପାଇସା ହ୍ରାସ କରିଛନ୍ତି । ଆସାମ ସରକାର ମଧ୍ୟ ଡିଜେଲ ଓ ଡିଜେଲରେ ଭାଟ୍ ୭ ଟଙ୍କା କମ କରିବେ ବୋଲି କହିଛନ୍ତି । ଅନ୍ୟପଟେ ବିହାର ସରକାର ସବୁଠାରୁ କମ ଭାଟ ଶୁଳ୍କ କମାଇଛନ୍ତି । ବିହାର ସରକାର ପେଟ୍ରୋଲ ରେ ୧.୩୦ ପଇସା ଓ ଡିଜେଲରେ ୧.୯୦ ପଇସା ହ୍ରାସ କରିଛନ୍ତି । ଆସମ ସରକାର ମଧ୍ୟ ଡିଜେଲ ଓ ପେଟ୍ରୋଲ ଉପରେ ଭାଟ ୭ଟଙ୍କା ପର୍ଯ୍ୟନ୍ତ କମାଇବାକୁ ନିଷ୍ପତ୍ତି ନେଇଛନ୍ତି।

# ତେଲ ୫୦ଟଙ୍କା କରିବାର ଅଛି ତ ବିଜେପିକୁ ଆହୁରି ହରାନ୍ତୁ



**ନୂଆଦିଲ୍ଲୀ(ସଂପର୍କବାର୍ତ୍ତା):-** ପେଟ୍ରୋଲ ଓ ଡିଜେଲ୍ ଦର ହ୍ରାସ କରିବା ପାଇଁ କେନ୍ଦ୍ର ସରକାର ଗତକାଲି ଉତ୍ପାଦ ଶୁଳ୍କ କମ କରିଥିଲେ ।ଉପ ନିର୍ବାଚନରେ ମାଟି କାମୁଡିବା ପରେ କେନ୍ଦ୍ରର ମୋଦୀ ସରକାର ଏମିତି ପଦକ୍ଷେପ ନେବାକୁ ବାଧ୍ୟ ହୋଇଥିଲେ । ଏବେ ଶବିସେବା ନେତା ସଜୟ ରାଉତ କେନ୍ଦ୍ରକୁ ଟାର୍ଗେଟ୍ କରିଛନ୍ତି । ସେ କହିଛନ୍ତି ଉପ ନିର୍ବାଚନ ହାରିବା ପରେ ପେଟ୍ରୋଲ ଦାମ ୫ଟଙ୍କା ଶସ୍ତା କରାଯାଇଛି। ଯଦି ତୈଳ ଦର ଲିଟର ପିଛା ୫୦ଟଙ୍କାରେ ଦେଖିବାକୁ ଚାହାନ୍ତି ତେବେ ବିଜେପିକୁ ସଂପୂର୍ଣ୍ଣ ହରାଇବାକୁ ପଡିବା ମହାରଷ୍ଟ୍ରରେ ଏନସିପି ଓ କଂଗ୍ରେସ ସହ କ୍ଷମତାରେ ଥିବା ଶିବସେବାର ନେତା ସଜୟ ରାଉତ ସାମ୍ବାଦିକଙ୍କ ସହ ଆଲୋଚନା ବେଳେ କହିଛନ୍ତି , ଉପ ନିର୍ବାଚନ ହାରିବା ପରେ ବିଜେପିକୁ ତେଲ ଦରବୃଦ୍ଧି କଥା ମନେ ପଡିଲା ଉପ ନିର୍ବାଚନ ହାରିନଥିଲେ ବୋଧହୁଏ ତେଲ ଦାମ ହ୍ରାସ ହୋଇଥାନ୍ତି । ଦେଶରେ ଗତ କିଛି ଦିନ ହେବ ପେଟ୍ରୋଲ ଲିଟର ପିଛା ୧୦୦ ଟଙ୍କା ଉପରେ ରହିଛି। କେନ୍ଦ୍ର ସରକାର ଗତକାଲି ପେଟ୍ରୋଲ ଉପରେ ଉତ୍ପାଦ ଶୁଳ୍କ ୫ଟଙ୍କା କମ କରିଥିଲେ ସଜୟ ରାଉତ କହିଛନ୍ତି । ପେଟ୍ରୋଲ ଦାମ ୫ ଟଙ୍କା କମ କରାଯିବାର କୌଣସି ଅର୍ଥ ନାହିଁ । ଦାମ ଅନ୍ତତଃ ୨୫ଟଙ୍କା କମ କରାଯିବାର ଥିଲା ପରବର୍ତ୍ତୀ ସମୟରେ୫୦ ଟଙ୍କା ପର୍ଯ୍ୟନ୍ତ ପେଟ୍ରୋଲ ଓ ଡିଜେଲ୍ ହ୍ରାସ କରାଯିବାର ଥିଲା ହେଲେ ଉପ ନିର୍ବାଚନ ହାରିବା ପରେ କେନ୍ଦ୍ର ସରକାର ୫ଟଙ୍କା କମ କରିବା ପାଇଁ ବିଜେପିକୁ ସଂପୂର୍ଣ୍ଣ ହରାଇବାକୁ ପଡିବ ବୋଲି ରାଉତ କହିଛନ୍ତି।

# ୫୦ଟଙ୍କା ବଢାଇ ୬ଟଙ୍କା କମ୍ କଲେ:ଟିକାୟତ




**ନୂଆଦିଲ୍ଲୀ(ସଂପର୍କବାର୍ତ୍ତା):-** ଦିପାବଳୀର ଗୋଟିଏ ଦିନ ପୂର୍ବରୁ କେନ୍ଦ୍ର ସରକାର ପେଟ୍ରୋଲ ଏବଂ ଡିଜେଲ୍ ଉପରେ ଭ୍ୟାଟ୍ ହ୍ରାସ କରିଛନ୍ତି ।ଏହାକୁ ନେଇ ଭାରତୀୟ କିଷାନ ୟୁନିୟନର ରାଷ୍ଟ୍ରୟ ପ୍ରବକ୍ତା ରାକେଶ ଟିକାୟତ କେନ୍ଦ୍ର ଉପରେ ବର୍ଷିଛନ୍ତି ।୫୦ ଟଙ୍କା ବଢାଇ ୬ଟଙ୍କା କମାଇଦେଲେ ।ଏହି ଦାମ୍‌କୁ ୬୦-୬୫ ଟଙ୍କାକୁ ଆଣିବା ଦରକାର ବୋଲି ଟିକାୟତ କହିଛନ୍ତି । ଜାତୀୟ ଗଣମାଧିମ ସହ ଆଲୋଚନା ବେଳେ ଟିକାୟତ କହିଛନ୍ତି , ତୈଳ ଦର ଆହୁରି କମ୍ ହେବା ଆବଶ୍ୟକ । ଆଗାମୀ ନିର୍ବାଚନ ପାଇଁ ସରକାର ଦାମ ଖସାଇଛନ୍ତି ବୋଲି ମଧ୍ୟ ସେ ଅଭିଯୋଗ କରିଛନ୍ତି । ତେଲ ଦର ୧୦୦ଟଙ୍କାକୁ ବଢାଇ ୫-୧୦କମ୍ କରୁଛନ୍ତି । ଯେଉଁଭଳି ଭାବେ ତୈଳ ଦର ବଢୁଛି ସେମିତି ଫସଲ ଦାମ ବଢୁ ବୋଲି ଟିକାୟତ ଦାବି କରିଛନ୍ତି । ସେହିଭଳି ଗ୍ୟାସ ସିଲିଣ୍ଡର ଦାମକୁ ନେଇ ଟିକାୟତ ପ୍ରତିକ୍ରିୟା ଦେଇଛନ୍ତି । ସରକାର ତେଲ ଦାମ ତ କମାଇଲେ । କିନ୍ତୁ ସିଲିଣ୍ଡର ଦାମର କଣ ହେଲା ? ଅନ୍ୟ ଜିନିଷ ର ଦାମର କଣ ହେଲା ବୋଲି ମଧ୍ୟ ସେ ପ୍ରଶ୍ନ କରିଛନ୍ତି ।ବୁଧବାର କେନ୍ଦ୍ର ପେଟ୍ରୋଲ ଏବଂ ଡିଜେଲ ଉପରେ ଭ୍ୟାଟ୍ ଯାଥକ୍ରମେ ୫ ଏବଂ ୧୦ଟଙ୍କା କମ୍ କରିଛନ୍ତି । ଏହା ପରେ ପରେ ଓଡିଶା, ଉତ୍ତର ପ୍ରଦେଶ, ଗୁଜୁରାଟ, ଗୋଆ, କର୍ଣ୍ଣାଟକ, ଉତ୍ତରାଖଣ୍ଡ, ଆସମ, ମଣିପୁର ମ ବିହାର, ବିହାର ସରକାର ମଧ୍ୟ ପେଟ୍ରୋଲ ଏବଂ ଡିଜେଲ ଉପରେ ଭ୍ୟାଟ କମ୍ କରିଛନ୍ତି ।

# କର୍ମଚାରୀଙ୍କୁ ନୂଆବର୍ଷର ଭେଟି, ବଢିବ ଦରମା




**ନୂଆଦିଲ୍ଲୀ(ସଂପର୍କବାର୍ତ୍ତା):-** ବୀପାବଳୀ ବୋନସ୍ ପରେ ରେଳ କର୍ମଚାରୀଙ୍କୁ ନୂଆବର୍ଷ ଭେଟି ଦେବାକୁ ଯାଉଛନ୍ତି କେନ୍ଦ୍ର ସରକାର। ନୂଆବର୍ଷରୁ ଅଧିକ ଦରମା ପାଇପାରନ୍ତି ରେଳ କର୍ମଚାରୀ। ଏ ନେଇ ଜାତୀୟ ଗଣମାଧ୍ୟମ ଦୈନିକ ଜାଗରଣ ପକ୍ଷରୁ ଏକ ରିପୋର୍ଟ ପ୍ରକାଶ ପାଇଛି। ରିପୋର୍ଟରେ ଦର୍ଶାଯାଇଛି ଯେ, ୧୧.୫୬ ଲକ୍ଷରୁ ଅଧିକ କର୍ମଚାରୀଙ୍କ ହାଉସ୍‌ରେଣ୍ଟ୍ ଆଲାଉନ୍ସ(HRA) ନେଇ ଦାବି ଉଠିବା ପରେ ଅର୍ଥ ମନ୍ତ୍ରଣାଳୟ ପକ୍ଷରୁ ବିଚାର ଆରମ୍ଭ ହୋଇଛି। ତେବେ ପ୍ରାଥମିକ ଦାବି ଅନୁଯାୟୀ ଏମିତି ଏକ ପ୍ରସ୍ତାବକୁ ରେଳ ବୋର୍ଡକୁ ଅନୁମୋଦନ ପାଇଁ ପଠାଯାଇଛି। ପ୍ରସ୍ତାବ ଅନୁମୋଦନ ପରେ କର୍ମଚାରୀମାନେ ଜାନୁଆରୀ ୨୦୨୧ରୁ ନୂଆ(HRA) ପାଇବେ। ଭାରତୀୟ ରେଳ ବୈଷୟକି ସୁପରଭାଇଜର ସଂଘ(ARTSA) ଏବଂ ନ୍ୟାସ୍‌ନାଲ୍ ଫେଡେରେସନ୍ ଅଫ୍ ରେଲ୍‌ୱେମ୍ୟାନ୍(NFIR) ପକ୍ଷରୁ (HRA) ବୃଦ୍ଧି ନେଇ ଦାବି କରାଯାଇଥିଲା। ଖାଲି ସେତିକି ନୁହେଁ ସେମାନଙ୍କ ମହଙ୍ଗା ଭତ୍ତା ବି ବୃଦ୍ଧି ହୋଇପାରେ। ୭ମ ବେତନ ଆୟୋଗର ପେ ମ୍ୟାଟ୍ରିକ୍ସ ଅନୁଯାୟୀ କର୍ମଚାରୀ ଡିଏ ଏବଂ ଏଚ୍‌ଆର୍‌ଏ ବଢିଲେ ଦରମା ମଧ ବୃଦ୍ଧି ହେବ। ୭ମ ବେତନ ଆୟୋଗର ସୁପାରିସ୍ ଅନୁଯାୟୀ DA ୨୫% ଅତିକ୍ରମ କରିବ ସେତବେଳେ HRA ମଧ ବୃଦ୍ଧି ପାଇବ। ଏହା ୮, ୧୬, ୨୪ ପ୍ରତିଶତରୁ ୯, ୮, ୨୭% ବୃଦ୍ଧି ପାଇପାରେ। ତେଣୁ ଯଦି ଜଣଙ୍କର ମାସିକ ବେସିକ୍ ଦରମା ୩୦ହଜାର ଟଙ୍କା ହୋଇଥାଏ ତେବେ ସେ ପ୍ରାୟ ୫୪୦୦ରୁ ୮୧୦୦ ଲାଭ ପାଇବେ। ଘରଭଡା ଭତ୍ତା ମାସିକ ସର୍ବନିମ୍ନ ୫୪୦୦ ଟଙ୍କା ସ୍ଥିର କରାଯାଇଛି। ଏହାଠାରୁ ଆଉ କମ୍ ହୋଇପାରିବ ନାହିଁ।

# ଇମ୍ରାନ ଖାନ ପ୍ରଧାନମନ୍ତ୍ରୀ ପାଇଁ ଯୋଗ୍ୟ ନୁହଁନ୍ତି:ସିନ୍ଧ ମୁଖ୍ୟମନ୍ତ୍ରୀ



**ନୂଆଦିଲ୍ଲୀ(ସଂପର୍କବାର୍ତ୍ତା):-** ପାକିସ୍ତାନ ପ୍ରଧାନମନ୍ତ୍ରୀ ଇମରାନ ଖାନ ଜନି ଦେଶରେ ରାଜନୈତିକ ଆକ୍ରମଣର ଶିକାର ହୋଇଛନ୍ତି । ବୋରଧୀ ଦଳର ନେତାମାନେ କ୍ରମଗତ ଭାବେ ଇମ୍ରାନଙ୍କୁ ଟାର୍ଗେଟ କରିଛନ୍ତି । ଏବେ ସିନ୍ଧର ମୁଖ୍ୟମନ୍ତ୍ରୀ ମୁରାଦ ଅଲୀ ଶାହା ମଧ୍ୟ ଇମ୍ରାନ ଖାନଙ୍କୁ ଟାର୍ଗେଟ କରିଛନ୍ତି । ସେ କହିଛନ୍ତି ଯେ, ଇମ୍ରାନ ଖାନ ପ୍ରଧାନମନ୍ତ୍ରୀ ହେବା ଭଳି ଯୋଗ୍ୟ ପ୍ରାର୍ଥ୍ୟ ନୁହଁନ୍ତି । ପାକିସ୍ତାନର ସିନ୍ଧ ରାଜ୍ୟର ମୁଖ୍ୟମନ୍ତ୍ରୀଙ୍କ କହିବା ଅନୁସାରେ ପ୍ରଧାନମନ୍ତ୍ରୀ ଇମ୍ରାନ ଖାନ ଦେଶର ମୁଖ୍ୟ ଭାବରେ କାମ କରିବା ବଦଳରେ ପାକିସ୍ତାନ କ୍ରିକେଟ ବୋର୍ଡରେ ଭଲ କାମ କରନ୍ତି। ଜିଓ ନ୍ୟୁଜ ରିପୋର୍ଟ ଅନୁସାରେ ଇସଲାମାବାଦରେ ଗଣମାଧ୍ୟମକୁ ସିନ୍ଧ ମୁଖ୍ୟମନ୍ତ୍ରୀ ଇମ୍ରାନ ସରକାରଙ୍କୁ ଜୋରଦାର ଟାର୍ଗେଟ କରିଛନ୍ତି ମୁରାଦ ଅଲୀଶାହ କହିଛନ୍ତି ଯେ, ପାକିସ୍ତାନରେ ସମସ୍ତେ ଜାଣିଛନ୍ତି ଯେ ପିଟିଆଇ ନିର୍ବାଚନ କେମିତି ଜିତିଛି । ସେ ଆତ୍ମବିଶ୍ୱାସର ସହିତ କହିଛନ୍ତି ଯେ, ଏଣିକି ପିଟିଆଇର ଲୋକେ ନିର୍ବାଚନରେ ନିଜର ଗ୍ୟାରେଣ୍ଟି ହରାଇବେ । କାରଣ ବାତାବରଣ ବଦଳିଯାଇଛି । ବ୍ୟାନ ସଂଗଠନ ହରୀକ – ଏ ଲବ୍ୟାକ ପାକିସ୍ତାନ (ଟିଏଲପି)ର ବିରୋଧ ପରେ ପିଟିଆଇ ସରକାର ଦେଶରେ ଅରାଜକତାକୁ କେମିତି ପରିଚାଳନା କରୁଛି, ଏହାର ଉପରେ ମୁଖ୍ୟମନ୍ତ୍ରୀ କହିଛନ୍ତି ।

# ପ୍ରଥମ ପୃଷ୍ଠାରୁ...

## ମନ୍ତ୍ରୀ...

ମୁହଁ ଖୋଲିଲେ ଦିବ୍ୟଶଙ୍କର ତାଙ୍କ ବିରୁଦ୍ଧରେ ମିଥ୍ୟା ଅଭିଯୋଗ କରାଯାଉଛି। ତାଙ୍କ ଉପରେ ଆରୋପ ଲଗାଯାଉଥିବା ବିରୋଧୀ ଉପଯୁକ୍ତ ପ୍ରମାଣ ଦିଅନ୍ତୁ। ଶହ ଶହ ମିଥ୍ୟା କେବେହେଲେ ସତକୁ ଘୋଡାଇପାରିବ ନାହିଁ ବୋଲି କହିଛନ୍ତି ରାଜ୍ୟ ଗୃହରାଷ୍ଟ୍ର ମନ୍ତ୍ରୀ। ପୂର୍ବରୁ ମଧ ନିଜ ଉପରେ ଆସିଥିବା ଅଭିଯୋଗର ପ୍ରମାଣ ମାଗିଥିଲେ ମନ୍ତ୍ରୀ। ଏ ପର୍ଯ୍ୟନ୍ତ ବିରୋଧୀ ସକ୍ଷମ ହୋଇପାରିନାହାଁନ୍ତି।

ଅନ୍ୟପକ୍ଷରେ, ମମିତା ମେହେର ହତ୍ୟାକାଣ୍ଡରେ ପୋଲିସ୍ ହାତରେ ଲାଗିଥିବା ପ୍ରମାଣର ତାଲିକା ସାମ୍ନାକୁ ଆସୁଛି। ତାଲିକାରୁ ସ୍ପଷ୍ଟ ଜଣାପଡୁଛି ମନ୍ତ୍ରୀ ଦିବ୍ୟଶଙ୍କରଙ୍କର କୌଣସି ଟିକେ ହେଲେ ସଂପୃକ୍ତି ନାହିଁ। ଅଭିଯୁକ୍ତ ଗୋବିନ୍ଦ ସାହୁ ବ୍ୟବହାର କରିଥିବା କାର୍ ପୋଲିସ୍ ଜବତ କରିଥିଲା। ସେଥିରୁ କିଛି ସାମଗ୍ରୀ ଜବତ ହୋଇଥିଲା। ଏପରିକି ମହାଲିଙ୍ଗ ମିନି ଷ୍ଟାଡିୟମ୍‌ରୁ ପୋଲିସ୍ ସାଇଣ୍ଟିଫିକ୍ ଟିମ୍ ବିଭିନ୍ନ ସାମଗ୍ରୀ ଜବତ କରିଥିଲା। ପ୍ରାୟ ୭୦ଟା ଆଇଟମ୍ ଫରେନ୍ସିକ୍ ଲ୍ୟାବ୍‌କୁ ପଠାଯାଇଛି। ସେଥିରୁ କିନ୍ତୁ ମାମଲାର ମୁଖ୍ୟ ରହସ୍ୟ ଥିବା କୁହାଯାଉଥିବା ମୋବାଇଲ୍ ଫୋନ୍ ସଂପର୍କିତ କିଛି ତଥ୍ୟ ନାହିଁ। ଡିଆଇଜି ଶେଷ ସାମ୍ବାଦିକ ସମ୍ମିଳନୀରେ ମମିତା ମୋବାଇଲ୍‌କୁ ନେଇ ଯାହା କିଛି କହିଥିଲେ(ପୋଡା ପ୍ଲାଷ୍ଟିକ୍ ମେଟେରିଆଲ୍ସ) ତାହା କେସ୍ ରେକର୍ଡରେ ଜବ୍ତ ତାଲିକାରେ ନଥିବା ଜଣାପଡିଛି। ଅନ୍ୟପଟେ ସିଧାସଳଖ କୌଣସି ପ୍ରମାଣ ପୋଲିସ୍ ପାଖରେ ନାହିଁ।

**ମନ୍ତ୍ରୀ ଦିବ୍ୟଶଙ୍କରଙ୍କୁ କ୍ଲିନ୍‌ଚିଟ୍** ଦେବାକୁ ବିଜେଡି ନିଷ୍ପତ୍ତି କରିଥିବା ଶୁଣାଯାଉଛି। ଦିବ୍ୟଶଙ୍କରଙ୍କ ମନ୍ତ୍ରୀ ପଦକୁ ସୁରକ୍ଷିତ ରଖି କଳାହାଣ୍ଡିରେ ପୁଣି ଥରେ ସକ୍ରିୟ କରାଇବା ଓ ମମିତା ହତ୍ୟା ମାମଲାରେ ପୋଲିସ୍ ତଦନ୍ତ ପରିସରଭୁକ୍ତ ନ କରାଇ ଶାସକ ବିଜେଡି ୮ ତାରିଖରେ ମୁଖ୍ୟମନ୍ତ୍ରୀଙ୍କ କଳାହାଣ୍ଡି ଜିଲ୍ଲା ଗସ୍ତବେଳେ ତାଙ୍କୁ ସଭାମଞ୍ଚରେ ବସାଇ ବିରୋଧୀକୁ କଡା ଜବାବ ଦେବାକୁ ରଣନୀତି ପ୍ରସ୍ତୁତ କରିଥିବା ଶୁଣାଯାଉଛି। ମମିତା ମେହେର ହତ୍ୟାକୁ ଆଜି ସୁଦ୍ଧା ମାସେ ପୁରିବାକୁ ଯାଉଛି। ବଲାଙ୍ଗୀର ପୋଲିସ୍ ଏସ୍‌ପିଙ୍କୁ ବ୍ୟକ୍ତିଗତ ହାଜର ହୋଇ ମମିତା ହତ୍ୟା ମାମଲାର ତଦନ୍ତ ଅଗ୍ରଗତି ସଂପର୍କରେ ତଥ୍ୟ ରଖିବାକୁ ଜାତୀୟ ଶିଶୁ ସୁରକ୍ଷା ଅଧିକାର ଆୟୋଗ (ଏନ୍‌ସିପିସିଆର୍) ନିର୍ଦ୍ଦେଶ ଦେଇଥିବା ବେଳେ ରାଜ୍ୟ ସରକାର ଗୃହ ରାଷ୍ଟ୍ରମନ୍ତ୍ରୀଙ୍କ **ସଂପୃକ୍ତିକୁ ରୋକ୍‌ଠୋକ୍ ଖାରଜ କରିଦେଇଛନ୍ତି।** ମମିତା ହତ୍ୟାକାଣ୍ଡକୁ ଏକ ମାସ ପୁରିବା ଦିନ ଅର୍ଥାତ୍ ୮ ତାରିଖରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ କଳାହାଣ୍ଡି ଜିଲ୍ଲା ଗସ୍ତରେ ଯାଇ ଭବାନୀପାଟଣା ଠାରେ ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ ଯୋଜନାର ସ୍ମାର୍ଟକାର୍ଡ ବଣ୍ଟନର ଶୁଭାରମ୍ଭ ସହ ବିଭିନ୍ନ ପ୍ରକଳ୍ପର ଶିଳାନ୍ୟାସ ଓ ଉଦ୍‌ଘାଟନ କରିବା କାର୍ଯ୍ୟକ୍ରମ ରହିଛି।

## ବସନ୍ତ...

ପାଇଁ କିଛି ବି କରିନାହାଁନ୍ତି। କିନ୍ତୁ ମହାଲିଙ୍ଗ କଲେଜକୁ ବଦନାମ କରିବାକୁ ବାରମ୍ବାର ବିବାଦୀୟ ମନ୍ତବ୍ୟ ଦେଉଛନ୍ତି ବିଜେପି ନେତା। ଏଭଳି ପ୍ରଶ୍ନରେ ଉକ୍ଷିପ୍ତ ହୋଇ ବସନ୍ତ ପଣ୍ଡା ସ୍ଥାନୀୟ ଲୋକଙ୍କ ସହ ଯୁକ୍ତିତର୍କ କରିଥିଲେ। ଫଳରେ ଉତ୍ତେଜନା ପ୍ରକାଶ ପାଇଥିଲା। ଏହାକୁ ମହାଲିଙ୍ଗ ଅଞ୍ଚଳର ଲୋକେ ତୀବ୍ର ବିରୋଧ କରିଛନ୍ତି। ଗତ କାଲି ଏକ ଭିଡିଓ ବାର୍ତ୍ତା ଜାରି କରି ମମିତାଙ୍କ ପରିବାର ଏହାକୁ ନେଇ ରାଜନୀତି ନ କରିବାକୁ ଅନୁରୋଧ କରିଥିଲେ।

ମମିତା ଜଣେ ଝିଅ ଥିଲେ ଏବଂ ମୃତ୍ୟୁକୁ ନେଇ ତାଙ୍କର ଚରିତ୍ର ସଂହାର କରାନଯାଉ। ପୋଲିସ୍ ସଠିକ୍ ଦିଗରେ ତଦନ୍ତ କରୁଛି। ମୁଖ୍ୟ ଅଭିଯୁକ୍ତ ଗିରଫ ହୋଇଛି। ଫାଷ୍ଟଟ୍ରାକ୍ଟ କୋର୍ଟରେ ବିଚାର କରାଯାଇ ମାମଲାରେ ସଂପୃକ୍ତ ଅଭିଯୁକ୍ତଙ୍କୁ କଠୋର ଦଣ୍ଡ ଦିଆଯିବ ବୋଲି ଉତ୍ତରାଞ୍ଚଳ ଡିଆଇଜି କହିବା ପରେ ପରିବାର ପକ୍ଷରୁ ରାଜନୀତି ନ କରିବାକୁ ସବୁ ରାଜନୈତିକ ଦଳକୁ ଅନୁରୋଧ କରାଯାଇଥିଲା। ତଥାପି ବ୍ୟକ୍ତିଗତ ସ୍ୱାର୍ଥ ଓ ପଞ୍ଚାୟତ ନିର୍ବାଚନକୁ ଆଖି ଆଗରେ ରଖି କଳାହାଣ୍ଡି ସାଂସଦ ମହାଲିଙ୍ଗରେ ଯେଉଁଭଳି ଆଚରଣ ପ୍ରଦର୍ଶନ କଲେ ତାଙ୍କୁ ବିଭିନ୍ନ ଅଞ୍ଚଳରେ ନିନ୍ଦା କରାଯାଉଛି।

## ଉକ୍ଳ...

ସଂଘରେ ରହିବାକୁ ଭୟ କରି ଆସୁନଥିବାରୁ ଏକଛତ୍ରବାଦୀ ଭଳି ସଂଘକୁ କରାୟତ କରି ରଖାଯାଇଥିବା କୁହାଯାଉଛି। ମାନ୍ୟବର କମିଶନରେଟ୍ ପୋଲିସ୍ ଓ ଖାରବେଳନଗର ଥାନା ପୋଲିସ୍ ଏଥିପ୍ରତି ତୁରନ୍ତ ଦୃଷ୍ଟି ଦେବାକୁ ସାଧାରଣରେ ଦାବି କରାଯାଉଛି। ଯଦି ସେପରି କିଛି ଅଘଟଣ ଘଟେ ସେଥିପାଇଁ ପୋଲିସ୍ ଦାୟୀ ରହିବ ବୋଲି ବୁଲନ୍ ଭାଇଙ୍କ ପକ୍ଷରୁ ରାଜ୍ୟ ସରକାରଙ୍କ ବିଭିନ୍ନ ତଦନ୍ତକାରୀ ସଂସ୍ଥାକୁ ଅବଗତ କରାଯାଇଥିବା ସଭାପତି ବୁଲନ୍ ଭାଇ ପ୍ରକାଶ କରିଛନ୍ତି।

ସୂଚନା ଥାଉକି ଗତ ଫେବୃୟାରୀ ମାସରୁ ମାନ୍ୟବର ଡିସିପିଙ୍କ କୋର୍ଟରେ ଉଭୟ ପକ୍ଷଙ୍କ ବିବାଦୀୟ ମାମଲା ବିଚାର ହୋଇ ଚାଲିଆସୁଥିଲା। କିଛି ଦିନ ତଳେ ରାୟ ପ୍ରକାଶ ପାଇଛି। ଉଭୟ ପକ୍ଷ ଯେହେତୁ ସାମ୍ବାଦିକ ସମସ୍ତେ ସଂଘରେ ରହିବା ଓ ଯିବା-ଆସିବା କରିପାରିବା ଲାଗି ରାୟରେ ଉଲ୍ଲେଖ ଥିବା ଶୁଣାଯାଉଛି। ଏହା ସତ୍ତ୍ୱେ ବୁଲନ୍ ଭାଇଙ୍କ ପ୍ରତିପକ୍ଷ ଗୋଷ୍ଠୀ ବିତ୍ତଶାଳୀ ଓ ବାହୁବଳୀ ଲଗାଇ ସଂଘକୁ କରାୟତି କରି ରଖିବାକୁ ଚାହୁଁଥିବାରୁ ବୁଲନ୍ ଭାଇ ଗୋଷ୍ଠୀଙ୍କୁ ସଂଘରେ ନ ପୁରାଇଦେବା ଲାଗି ଏପରି କରାଯାଉଥିବା ସାଧାରଣରେ ଆଲୋଚନା ହେଉଛି। ସଂଘକୁ ତୁରନ୍ତ ସିଲ୍ କରାଗଲେ ପ୍ରାୟ ପରିସ୍ଥିତି ଶାନ୍ତ ପଡିବା ସହିତ ଆପେ ଆପେ ସମାଧାନର ବାଟ ଖୋଲିଯିବ ବୋଲି କୁହାଯାଉଛି।

## ଜିଲ୍ଲାପାଳ...

ଜିଲ୍ଲାପାଳ ଆଇଏଏସ୍ ସମର୍ଥ ବର୍ମା। ଅମୃତଙ୍କ ଡାକ୍ତରୀ ପାଠ୍ୟକ୍ରମ କୋଚିଂ ପାଇଁ ସମସ୍ତ ପ୍ରକାର ସାହାଯ୍ୟ ଓ ସହଯୋଗ କରିବେ ବୋଲି ପ୍ରତିଶ୍ରୁତି ଦେଇଥିଲେ ଶ୍ରୀ ବର୍ମା। ଜିଲ୍ଲାପାଳଙ୍କଠାରୁ ପ୍ରତିଶ୍ରୁତି ପାଇଲା ପରେ ଅମୃତଙ୍କ ମୁହଁରେ ହସ ଫୁଟିଥିଲା। ଅମୃତ ଭୁବନେଶ୍ୱରର ଆଲେନ୍ କ୍ୟାରିୟର୍ ଇନ୍‌ଷ୍ଟିଚ୍ୟୁଟ୍‌ରେ ଡାକ୍ତରୀ ପାଠ୍ୟକ୍ରମର କୋଚିଂ ନେବାର ସମସ୍ତ ଖର୍ଚ୍ଚ ନିଜ ଦରମାରୁ ବହନ କରିଥିଲେ କେନ୍ଦ୍ରାପଡା ଜିଲ୍ଲାପାଳ ସମର୍ଥ ବର୍ମା। ଫଳରେ ଅମୃତ ଏହି ସଫଳତା ହାସଲ କରିବାରେ ସକ୍ଷମ ହୋଇଛନ୍ତି ବୋଲି ଗଣମାଧ୍ୟମକୁ ସୂଚନା ଦେଇଛନ୍ତି। ଏଥିସହ ପୂର୍ବତନ ଜିଲ୍ଲାପାଳ ଶ୍ରୀ ବର୍ମାଙ୍କ ନିକଟରେ ଚିରକୃତଜ୍ଞ ବୋଲି ତାଙ୍କ ପ୍ରତିକ୍ରିୟାରେ କହିଛନ୍ତି ଅମୃତ।

# ନକଲି ପନିରକୁ କିପରି ଚିହ୍ନିବେ ?



**ଭୁବନେଶ୍ୱର(ସଂପର୍କବାର୍ତ୍ତା):-** ଆଜିକାଲି ଅଧିକାଂଶ ଲୋକ ପନିର ଖାଇବାକୁ ପସନ୍ଦ କରୁଛନ୍ତି । ଘର ହେଉକି ଭୋଜି ସବୁଠି ପନିରର ଚାହିଦା ରହିଛି । କିନ୍ତୁ ଅନେକ ସମୟରେ ଲକ୍ଷ୍ୟ କରାଯାଏ ଯେ ମାର୍କେଟରୁ କିଣା ଯାଇଥିବା ପନିର ପାଟିକୁ ସ୍ୱାଦିଷ୍ଟ ଲାଗିନଥାଏ । ଘର ତିଆରି ପନିର ନରମ ଲାଗିଥାଏ କିନ୍ତୁ ମାର୍କେଟ ପନିର ଟାଣ ବା ରବର ଭଳି ଲାଗିଥାଏ । ଆପଣ କେବେ ଏହାର କାରଣ ଜାଣିବାକୁ ଚେଷ୍ଟା କରିଛନ୍ତି ? ଆପଣ ଜାଣିଲେ ଆଶ୍ଚର୍ଯ୍ୟ ହେବେ ମାର୍କେଟରେ ମିଳୁଥିବା କିଛି ପନିର ନକିଲ ଅଟେ । ଏହା ଦେଖିବାକୁ ଅସଲି ଭଳି ହୋଇଥିବାରୁ କିଣିବା ସମୟରେ ଗ୍ରାହାକ ଧୋକା ଖାଇଥାନ୍ତି । କିନ୍ତୁ ଏପରି କିଛି ଉପାୟ ଅଛି ଯାହା ଦ୍ୱାରା ଆପଣ ଜାଣିପାରିବେ ତାହା ଅସଲି କି ନ କଲି । ପନିର କିଣିଲା ବେଳେ ସେଥିର ଟିକେ ଆଣି ହାତରେ ମଳନ୍ତୁ, ଯଦି ଏହା ଗୁଣ୍ଡହୋଇଯାଉଛି, ତାହେଲେ ଏହା ନକଲି ଅଟେ। ଯଦି ପନିର ଆବଶ୍ୟକତା ଠାରୁ ଅଧିକ ଟାଣ ଲାଗୁଛି, ତେବେ ଏହା ନକଲି ବୋଲି ଜାଣିନିଅନ୍ତୁ କାରଣ ଅସଲି ପନିର ସର୍ବଦା ସଫ୍ଟ ହୋଇଥାଏ । ପନିରକୁ କିଛି ସମୟ ଗରମ ପାଣିରେ ଫୁଟାନ୍ତୁ ଏହାକୁ କିଛି ସମୟ ଥଣ୍ଡା କରି, ପନିର ଉପରେ ସୋୟାବିନ କିମ୍ବା ହରଡ ଡାଲି ପାଉଡର ପକାନ୍ତୁ କିଛି ସମୟ ପରେ ଯଦି ଏହା ନକଲି ଓ ଏଥିରେ ଡିଟରଜେଣ୍ଟ କିମ୍ବା ୟୁରିଆ ମିଶାଯାଇଛି।

# ପାଟି ଦୁର୍ଗନ୍ଧ ପାଇଁ ବନାନ୍ତୁ ମାଉଥଓାସ୍

**ଭୁବନେଶ୍ୱର(ସଂପର୍କବାର୍ତ୍ତା):-** ଅନେକ ଲୋକଙ୍କ ପାଟିକୁ ଦୁର୍ଗନ୍ଧ ବାହାରିଥାଏ ।ଆଉ କାହା ସହ କଥା ହେଉଥିବାବେଳେ ଏମାନଙ୍କୁ ଲଜ୍ଜିତ ହୋବାକୁ ପଡିଥାଏ ।ତେବେ ପାଟି ଦୁର୍ଗନ୍ଧ ବାହାରିବାର ଅନେକ କାରଣ ରହିଛି ।ଯେମିତିକି ପଟେ ସଫା ନହେବା , ଠିକ ଭାବେ ବ୍ରସ ନକରିବା ଦାନ୍ତରେ ମଇଳା ଜମିବା ମାଢି ରୋଗ ଏବଂ ସାଇନସ୍ ଆଦି । ତେବେ ପାଟି ଦୁର୍ଗନ୍ଧର ପ୍ରଥମ କାରଣ ହୋଇଥାନ୍ତି ବ୍ୟାକ୍ଟେରିୟା ଖାଦ୍ୟ ଖାଇବା ପରେ ମାଉଥଓାସ କରିବା ବହୁତ ଜରୁରୀ ହୋଇଥାଏ ।ତେଣୁ ବଜାରରେ ଅନେକ ପ୍ରକାର ମାଉଥଓାସ୍ ମିଳିଯାଏ ।କିନ୍ତୁ ଆପଣ ଘରେ ବି ଅତି ସହଜରେ କମ୍ ସମୟରେ ମାଉଥାଓାସ୍ ବନାଇପାରିବେ ।ଆଜି ଆମେ ଆପଣଙ୍କ ପାଇଁ ଆଣିଛୁ ଏହାର ଟିପ୍ସ ଖାଦ୍ୟ ଖାଇବା ପରେ ମାଉଥଓାସ୍ କରିବା ବହୁତ ଜରୁରୀ ହୋଇଥାଏ ତେଣୁ ବଜାରରେ ଅନେକ ପ୍ରକାର ମାଉଥଓାସ୍ କରିବା ଜରୁରୀ ହୋଇଥାଏ ।ତେଣୁ ବଜାରରେ ଅନେକ ପ୍ରକାର ମାଉଥଓ୍ାସ୍ ମିଳିଯାଏ । କିନ୍ତି ଆପଣ ଘରେ ବି ଅତି ସହଜରେ କମ୍ ସମୟରେ ମାଉଥଓାସ୍ ବନାଇପାରିବେ । ଆଜି ଆମେ ଆପଣାଙ୍କ ପାଇଁ ଆଣିଛୁ ଏହାର ଟିପ୍ସ ମୁଖ ଦୁର୍ଗନ୍ଧକୁ ଦୂର କରିବା ପାଇଁ ଆପଣ ଡାଲଚିନି ଏବଂ ଲବଙ୍ଗର ବ୍ୟବହାର କରିପାରିବେ ।ଏହାକୁ ବନାଇବା ପାଇଁ ପାଣିରେ ୧୦-୧୫ ବୁନ୍ଦା ଡାଲଚିନି ଏବଂ ଲବଙ୍ଗର ତେଲ ପକାଇ ପାରିବେ । ଏହାକୁ ଏକ ବୋତଲରେ ରଖି ମାଉଥଓାସ୍ ଭଳି ବ୍ୟବହାର କରିପାରିବେ ଆପଲ ଭିନେଗାରର ମଧ୍ୟ ବ୍ୟବହାର କରିପାରିବେ ।ଏହା ଦାନ୍ତ ପାଇଁ ବହୁତ ଲାଭକାରୀ ହୋଇଥାଏ । ଏଥିପାଇଁ ଏକ କପ୍ ଗରମ ପାଣିରେ ୩ ଚାମଚ ଆପଲ ଭଲଭାବେ ମିଶାଇ ଦିଅନ୍ତୁ ଏବଂ ବ୍ରଣ କରିବା ପରେ ଏହାକୁ ବ୍ୟବହାର କରନ୍ତୁ । ଦେଖିବେ ।ଏହାମୁଖ । ଆପଲ ଭିନେଗାରର ମଧ୍ୟ ବ୍ୟବହାର କରିପାରିବେ ।ଏହା ଦାନ୍ତ ପାଇଁ ବହୁତ ଲାଭକାରୀ ହୋଇଥାଏ ।ଏଥିପାଇଁ ଏକ କପ୍ ଗରମ ପାଣିରେ ୩ ଚାମଚ ଆପଲ ଭିନେଗାରକୁ ଭଲଭାବେ ମିଶାଇ ଦିଅନ୍ତୁ ଏବଂ ବଣ୍ଡ କରିବା ପରେ ଏହାକୁ ବ୍ୟବହାର କରନ୍ତୁ ।ଦେଖିବେ ଏହା ମୁଖ ଦୁର୍ଗନ୍ଧ ଦୂର କରିବା ସହିତ ଦାନ୍ତ ଖରାପ ହେବା ଠାରୁ ରକ୍ଷା କରିଥାଏ ।ଆପଣ ପାଟି ଦୁର୍ଗନ୍ଧ ପାଇଁ ଚିନ୍ତାରେ ଥିଲେ ବେକିଙ୍ଗ ସୋଡାକୁ ବ୍ୟବହାର କରୁ ଏହାକୁ ଦୂର କରିପାରବେ । ଏଥିପାଇଁ ଏକ କପ୍ ପାଣିରେ ୮-୧୦ ବୁନ୍ଦା ପୋଦିନା ଏବଂ ଟି ଟ୍ରୀ ଅଏଲ ମିଶାନ୍ତୁ ଏବଂ ଭଲଭାବେ ମକ୍ସଳର କରିନିଅନ୍ତୁ । ପରେ ଏକ ଚାମଚ ବେକିଙ୍ଗ ସୋଡା ମିଶାଇ ଦିଅନ୍ତୁ ଏବଂ ମାଉଥଓାସ୍ ଭଳି ବ୍ୟବହାର କରନ୍ତୁ ।


RNI Regd No : ODIODI/2016/74122
ସତ୍ୟ ଓ ତଥ୍ୟ ଭିତ୍ତିକ ସମ୍ବାଦ
ସଂପର୍କବାର୍ତ୍ତା
SAMPARK BARTA
ODIA WEEKLY
ନଭେମ୍ବର ୮ ରୁ ୧୪, ୨୦୨୧, ଜଗତସିଂହପୁର
November 8 to 14, 2021, Jagatsinghpur
www.samparkabarta.in


# କଟକରେ ଆଇନ୍‌କୁ ଆଖିଠାର, ବାଣ ଢୋ ଢା

**କଟକ(ସଂପର୍କବାର୍ତ୍ତା):-** ସନ୍ଧ୍ୟା ହେଉହେଉ ଆରମ୍ଭ ହୋଇଗଲା ଢୋ...ଢା । ପ୍ରଚଣ୍ଡଢରେ କମ୍ପି ଉଠୁଥିଲା ସହରରୁ ଗାଁ । କେଉଁଠି ସୂତୁଲି ବାଣ ତ କେଉଁଠି ବକ୍ସ ବମ୍ । ସବୁଜ ବାଣ ନାଁରେ ବେଧଡକ ଫୁଟୁଥିଲା ଯେତେସବୁ ନିଷିଦ୍ଧ ବାଣ । ଛାତ ଉପରୁ ସୁଁ ସାଁ ହୋଇ ଉଠୁଥିଲା ରକେଟ୍ । ରାସ୍ତା ଉପରେ କୁମ୍ପି,କୋନ୍ ବାଣରେ ଝଲ୍ସି ଯାଉଥିଲା ପୂରା ଅଞ୍ଚଳ । ଖାଲି ଶବ୍ଦ ପ୍ରଦୂଷଣ ନୁହେଁ; ଧୂଆଁମୟ ହୋଇ ଯାଇଥିଲା ପରିବେଶ । ବାଣଫୁଟାରେ ଆହାତଙ୍କ ସଂଖ୍ୟା ବି କିଛି କମ୍ ନ ଥିଲା । କେବଳ ରାଜଧାନୀରେ ବାଣ ଫୁଟାଇ ପ୍ରାୟ ୭୦ରୁ ଅଧିକ ଆହାତ ହୋଇଥିବା ବେଳେ ୧୫ ଜଣ କ୍ୟାପିଟାଲ ହସ୍ପିଟାଲରେ ଭର୍ତି ହୋଇଥିଲେ । ରାଜ୍ୟର ଆଉ କେତେକ ସ୍ଥାନରେ ତିନି ଜଣ ପ୍ରାଣ ହରାଇଥିବାର ଖବର ମଧ୍ୟ ମିଳିଛି । ଦୀପାବଳୀରେ ରାଜ୍ୟସାରାର ଚିତ୍ର ଥିଲା ଏମିତି । ସରକାର ଜାରି କରିଥିବା କରୋନା କଟକଣା;ରାତି ୮ରୁ୧୦ ପର୍ଯ୍ୟନ୍ତ କେବଳ ସବୁଜ ବାଣ ଫୁଟାଇବା ନେଇ ହାଇକୋର୍ଟଙ୍କ ନିର୍ଦ୍ଦେଶ ଏବଂ ସ୍ୱତନ୍ତ୍ର ବୈଠକ ଜରିଆରେ ମୁଖ୍ୟ ସଚିବଙ୍କ ମାର୍ଗଦର୍ଶିକାଙ୍କ ସମସ୍ତେ ଫୁଁ' କରି ଉଡାଇ ଦେଇଥିଲେ ଏବଂ କୋଟି କୋଟି ଟଙ୍କାର ବାଣ ଫୁଟାଇଲେ । ଲୋକଙ୍କୁ ବାଣଫୁଟାରୁ ନିବୃଥ କରିବାକୁ ପୁଲିସ ପ୍ରଶାସନ ସମ୍ପୂର୍ଣ୍ଣ ଫେଲ୍ ମାରିଥିଲା ବେଳେ ପ୍ରହସନ ପାଲଟିଥିଲା କାର୍ଯ୍ୟାନୁଷ୍ଠାନ ଚେତାବନୀ । ଦୀପାବଳୀରେ ବାଣ ଫୁଟିବ ନା ନାହିଁ ତାକୁ ନେଇ ଲାଗି ରହିଥିବା ବିବାଦର ଗତ ୨ ତାରିଖରେ ଅନ୍ତ ଘଟାଇଥିଲେ ହାଇକୋର୍ଟ । ରାତି ୮ରୁ ୧୦ ପର୍ଯ୍ୟନ୍ତ ଦୁଇ ଘଣ୍ଟା କେବଳ ସବୁଜ ବାଣ ଫୁଟିବ ବୋଲି କହିଥିଲେ । ୩ ତାରିଖରେ ମୁଖ୍ୟ ଶାଶନ ସଚିବ ସୁରେଶ ମହାପାତ୍ରଙ୍କ ଅଧ୍ୟକ୍ଷତାରେ ଲୋକସେବା ଭବନରେ ବୈଠକ ବସି ସବୁଜ ବାଣ ବିକ୍ରି ଓ ବ୍ୟବହାର ସମ୍ବନ୍ଧିତ ସୁପ୍ରିମକୋର୍ଟ ଏବଂ ଓଡିଶା ହାଇକୋର୍ଟଙ୍କ ନିର୍ଦ୍ଦେଶ ସହ ସ୍ୱତନ୍ତ୍ର ରିଲିଫ କମିସନରଙ୍କ ଗାଇଡ୍‌ଲାଇନ୍‌କୁ କଡାକଡି ପାଳନ କରିବାକୁ ସମସ୍ତ ଜିଲାପାଳ,ଏସପି,ଡିସିପିଙ୍କୁ ନିର୍ଦ୍ଦେଶ ଦିଆଯାଇଥିଲା। ହେଲେ ଓଡିଶାରେ କେଉଁଠି ବି ସବୁଜ ବାଣ କାରଖାନା ନ ଥିବା ବେଳେ ଭୁବନେଶ୍ୱର ଜଣେ ହେଲେ ଦୋକାନୀଙ୍କୁ ଲାଇସେନ୍ସ ମିଳି ନ ଥିଲା ।



ତେଣୁ ଅନୁମାନ କରାଯାଉଥିଲା ଯେ ଏଥର ଦୀପାବଳୀରେ ବାଣ ଫୁଟିବନି କି ପ୍ରଦୂଷଣ ହେବନି । ମାତ୍ର ବାସ୍ତବ ଚିତ୍ର ଥିଲା ସଂପୂର୍ଣ୍ଣ ଓଲଟା । ଏବେ ପ୍ରଶ୍ନ ଉଠୁଛି, ରାଜଧାନୀ ସମେତ ରାଜ୍ୟର ବିଭିନ୍ନ ଅଞ୍ଚଳରେ ଏତେ ବାଣ ଆସିଲା କେଉଁଠୁ? କେମିତି ଲୋକଙ୍କ ପାଖରେ ପହଞ୍ଚିଲା ଓ ବିକ୍ରି କରାଗଲା ?

ବିଶ୍ୱସ୍ତ ସୂତ୍ରରୁ ମିଳିଥିବା ସୂଚନା ଅନୁସାରେ, ରାଜଧାନୀର ପ୍ରାୟ ସବୁ ଅଞ୍ଚଳରେ କେତେକ ନିର୍ଦ୍ଦିଷ୍ଟ ବେପାରୀ ବାଣ ବିକ୍ରି କରୁଥିଲେ । ଦୀପ,ଲିଚୁଲାଇଟ୍,ମହମବତି ଓ ଫାନ୍ସି ଲାଇଟ୍ ବିକ୍ରି ଆଳରେ ବେଧଡକ ବାଣ ବିକ୍ରି ଚାଲିଥିଲା । ଟେବୁଲ ଉପରେ ଏସବୁ ସାମଗ୍ରୀ ରଖିଥିବା ବେଳେ ଟେବୁଲ ତଳେ କିନ୍ତୁ ବାଣ ରଖିଥିଲେ ।କେତେକ ସ୍ଥାନରେ ଖୁଲମଖୋଲା ସୁତୁଲି ବମ୍,ଗଙ୍ଗା ଜମୁନା ବମ୍,ଚକଲେଟ୍ ବମ୍,ବକ୍ସ ବମ୍,ଲଙ୍କା ବମ୍,ରକେଟ୍ ହାବେଳି,କୁମ୍ପି ଆଦି ବାଣ ଚଢା ଦାମ୍‌ରେ ବିକ୍ରି ଚାଲିଥିଲା । ସନ୍ଧ୍ୟା ଯେତିକି ପାଖେଇ ଆସୁଥିଲା ବେପାର ସେତେ ଜମିଥିଲା । ଦୋକାନରେ ଭିଡକରି ଲୋକ ବି ମନଇଚ୍ଛା ବାଣ କିଣୁଥିଲେ । କେମିତି ପୁଲିସ ନଜରରେ ଏସବୁ ପଡୁନଥିଲା ତାହା ସଚେତନ ଲୋକଙ୍କୁ ଆଶ୍ଚର୍ଯ୍ୟ କରିଥିଲା । ବିଶେଷକରି ରାଜଧାନୀରେ ବାଣବିକ୍ରିଠୁ ନେଇ ବାଣ ଫୁଟା ପର୍ଯ୍ୟନ୍ତ ସବୁକିଛି ବିନା ବାଧାରେ ଚାଲିଥିଲେ ମଧ୍ୟ କେହି ରୋକିବାକୁ ନ ଥିଲେ । ପୁଲିସ ପାଟ୍ରୋଲିଂ ଗାଡି କୁଆଡେ ଯାଇଥିଲା ଓ କେମିତି ଯାଞ୍ଚ କରୁଥିଲେ ବୋଲି ପ୍ରଶ୍ନ ମଧ୍ୟ ଉଠିଛି । ହାଇକୋର୍ଟଙ୍କ କଟକଣା ପରେ ରାଜ୍ୟ ସରକାରଙ୍କ କଡା ନିର୍ଦ୍ଦେଶ ଗଲା କୁଆଡେ ? ନିର୍ଦ୍ଦେଶ ସତ୍ତ୍ୱେ ପୁଲିସ ଓ ଜିଲ୍ଲା ପ୍ରଶାସନ କି ପଦକ୍ଷେପ ନେଇଥିଲେ ? କରୋନା ସଂକ୍ରମଣ ଜାରି ରହିଥିବା ବେଳେ ଏତେ ବେପରୁଆ ହେଲେ କେମିତି ? କାହିଁକି ଏହି ପ୍ରସଙ୍ଗକୁ ଗୁରୁତ୍ୱର ସହ ଗିରହଣ କରାଗଲା ନାହିଁ ।

ଚଳିତ ବର୍ଷ ବାଣ ବେପାରିମାନେ ବିକ୍ରିକୁ ନେଇ ଦ୍ୱନ୍ଦ୍ୱରେ ଥିବାରୁ ରାଜ୍ୟ ବାହାରୁ ବା ଭିତରୁ ଖୁବ୍ ବେଶି ବାଣ ମଗାଇ ପାରି ନ ଥିଲେ ବୋଲି କୁହାଯାଉଛି । ତଥାପି ଏକେ ବାର କେଉଁଠୁ ଆସିଲା ତାହା ସମସ୍ତଙ୍କୁ ବିସ୍ମିତ କରିଛି । ତେଣୁ ବିକ୍ରି ହୋଇଥିବା ବାଣ ପୂର୍ବ ବର୍ଷର ବୋଲି ଅନୁମାନ କରାଯାଉଥିବାବେଳେ ଚୋରାରେ ବାଣ ବିକ୍ରି ସ୍ପଷ୍ଟ ହୋଇଛି। ସବୁଠୁ ଆର୍ଶ୍ଚର୍ଯ୍ୟର କଥା ହେଲା ବାଣ ଫୁଟାଇବା ଉପରେ କଟକଣା ଲାଗିଥିବାରୁ ବେପାରୀମାନେ ଚୋରାରେ ଦୁଇଗୁଣା,ତିନିଗୁଣା ଅଧିକ ଦାମରେ ବିକ୍ରି କଲେ । ଯାହା ପାଟିରୁ ବାହାରିଲା ମନଇଚ୍ଛା ଦର କସିନେଲେ । ଆଉ ଲୋକ ସବୁଜବାର ଆଳରେ ନିୟମକାନୁନ, ନିର୍ଦ୍ଦେଶକୁ ଜଳାଞ୍ଜଳି ଦେଇ ବାଣ ଫୁଟାଇଲେ । କଟକଣା ବାଏଁ ବାଏଁ ଉଡିଗଲା । ସଚେତନତା ଧୂଆଁ ହୋଇଗଲା ।

## ଭୁବନେଶ୍ୱରରେ କୋଟିପତି କନେଷ୍ଟବଲ

**ଭୁବନେଶ୍ୱର(ସଂପର୍କବାର୍ତ୍ତା):-** ଆସିଲା ବହିଷ୍କାର କୋଟିପତି କନେଷ୍ଟବଲ ପ୍ରସନ୍ନ ବେହେରାଙ୍କ ସମ୍ପତ୍ତି ତାଲିକା ପ୍ରସନ୍ନ ବେହେରାଙ୍କ ଆୟ ବହିର୍ଭୂତ ସମ୍ପତ୍ତି ତାଲିକା ଭିଜିଲାନ୍ସ ଜାରି କରିଛି । ପ୍ରସନ୍ନ ବେହେରା ୬ କୋଟି ୯୭ ଲକ୍ଷ ୧୫ହଜାର ୫୭ ଟଙ୍କାର ଆୟ ବହିର୍ଭୂତ ସମ୍ପତ୍ତି ଠୁଳ କରିଛନ୍ତି । ଯାହାକି ନଜି ଆୟଠାରୁ ୨୨୧ ପ୍ରତିଶତ ଅଧିକ । ଏନେଇ ଭିଜିଲାନ୍ସ ୧୩(୨), ୧୩(ଏ)(ବି), ୧୨ ପିସି ଆକ୍ଟରେ ମାମଲା ରୁଜୁ କରିଛି ଆୟ ବହିର୍ଭୂତ ସଂପତ୍ତି ଠୁଳ ଅଭିଯୋଗରେ ଭିଜିଲାନ୍ସ ୫ଟି ସ୍ଥାନରେ ଏକକାଳୀନ ଚଢାଉ କରିଥିଲେ ।ସରକାରୀ ବାସଭବନ, ଭୁବନେଶ୍ୱର ଡୁମୁଡୁମାରେ ଥିବା ସ୍ୱାର୍କ ଫର୍ଣିବର ଓାର୍କସପ୍, ପାତ୍ରପଡା ସ୍ଥିତ ସାଉଥ୍ ସିଟି ବାର




ଓ ଖୋର୍ଦ୍ଧାରେ ଥିବା ଦୁଇ ମହଲା ଘର ଉପରେ ଭିଜିଲାନ୍ସ ଚଢାଉ କରିଥିଲା ଏହିଚଢଉ ବେଳେ ୨ଜଣ ଡିଏସପି, ୬ଜଣ ଇନ୍ସପେକ୍ଟରଙ୍କ ସମେତ ଭିଜିନ୍ସର ୫ଟି ଚଢାଉ କରିଥିଲା ଚଢାଉ ବେଳେ କୁବେର କନେଷ୍ଟବଲଙ୍କ ଅଟଳାଚଳ ସମ୍ପତ୍ତି ଠାବ ହୋଇଥିଲା

## ମୁଖ୍ୟମନ୍ତ୍ରୀଙ୍କୁ ଚାବୁକ୍ ମାଡ଼

**ରାୟପୁର(ସଂପର୍କବାର୍ତ୍ତା):-** ଛତିଶଗଡ ମୁଖ୍ୟମନ୍ତ୍ରୀ ଭୁପେଶ ବାଘେଲ ଚାବୁକ୍ ମାଡ ଖାଇଛନ୍ତି। ଗୋବର୍ଦ୍ଧନ ପୂଜା ଅବସରରେ ସେ ଏହି ଚାବୁକ୍ ମାଡ ଖାଇଥିବା ଜଣାପଡିଛି। ପରମ୍ପରା ଅନୁସାରେ ମୁଖ୍ୟମନ୍ତ୍ରୀ ଚାବୁକ୍ ମାଡ ଖାଇଲେ ରାଜ୍ୟର ମଙ୍ଗଳ ଓ ସୁଖ ସମୃଦ୍ଧି ହେବ ଏବଂ ସବୁ ବାଧା ବିଘ୍ନ ଦୂର ହେବ। ତେଣୁ ମୁଖ୍ୟମନ୍ତ୍ରୀ ଦୂର୍ଗ ଜିଲ୍ଲାର ଏକ ଗ୍ରାମରେ ଆୟୋଜିତ



ଗୋବର୍ଦ୍ଧନ ପୂଜାରେ ସାମିଲ୍ ହୋଇଥିଲେ। ସେଠାରେ ଜଣେ ମଧ୍ୟବୟସ୍କ ବ୍ୟକ୍ତି ଘାସରେ ପ୍ରସ୍ତୁତ ଏକ ଚାବୁକ୍‌ରେ ସଂପୂର୍ଣ୍ଣ ବଳ ପ୍ରୟୋଗ କରି ମୁଖ୍ୟମନ୍ତ୍ରୀଙ୍କ ହାତକୁ ପଟିଥିଲେ। ଏହି ସମୟରେ ସେଠାରେ ଢୋଲ ଓ ମର୍ଦଳ ବାଜୁଥିଲା। ୮ ଥର ଚାବୁକ୍ ମାଡ କରିବା ପରେ ସଂପୃକ୍ତ ବ୍ୟକ୍ତି ଜଣକ ମୁଖ୍ୟମନ୍ତ୍ରୀଙ୍କୁ ଆଲିଙ୍ଗନ କରିଥିଲେ।

## କଂଗ୍ରେସକୁ ଟିଏମ୍‌ସିର ପରାମର୍ଶ ଆସ ମିଶିକି ହରାଇବା ବିଜେପିକୁ

**ନୂଆଦିଲ୍ଲୀ(ସଂପର୍କବାର୍ତ୍ତା):-** ଗତ ପଶ୍ଚିମବଙ୍ଗ ବିଧାନସଭା ନିର୍ବାଚନ ପରଠାରୁ ତୃଣମୂଳ କଂଗ୍ରେସ (ଟିଏମ୍‌ସି) ନେତ୍ରୀ ମମତା ବାନାର୍ଜୀଙ୍କର କଂଗ୍ରେସ ପ୍ରତି ମନଭାବ ବଦଳି ଯାଇଛି । ଏଥରେ ଟିଏମସି ମଧ୍ୟରେ ଚାଲିଥିବା ବାକ୍ୟ ଯୁଦ୍ଧରେ ବରିଷ୍ଠ ସାଂସଦ ତଥା ଦଳୀୟ ମୁଖପାତ୍ର ଡେରେକ ଓ ବ୍ରାୟନଙ୍କ ବୟାନ ଚର୍ଚ୍ଚାର ବିଷୟ ପାଲଟିଛି । ଓ ବ୍ରାୟନ ଗୋଆ ବିଧାନସଭା ନିର୍ବାଚନରେ ମିସିକି ବିଜେପିକୁ ହରାଇବାକୁ କଂଗ୍ରେସକୁ ଆହ୍ୱାନ ଦେଇଛନ୍ତି ।
କଂଗ୍ରେସ ସହ ବିବାଦ ମଧ୍ୟରେ ଟିଏମସି ନେତା ଗଣମାଧ୍ୟମକୁ ଦେଇଥି ବୟାନରେ ଏବେ ଆମକୁ ଆମର ମାନସିକତା ବଦଳାଇବାକୁ ପଡିବ ବୋଲି କହିଛନ୍ତି ।ଆମେ ବିରୋଧୀ ଦଳରେ ସମାନ ଭାଗିଦାର ଏଣୁ କଥା ହେବା ବଦଳେ ଏବେ ଏକାଠି କାମ କରିବାର ବେଳ ଆସିଛି ଯେମିତି ଆମେ ବିଜେପିକୁ ହାରଇପାରିବା ବୋଲି ଓ ବ୍ରାୟନ କହିଛନ୍ତି । ଟିଏମସିର କହିବା କଥା ହେଲା ବିଜେପି ବୋଧରେ ସମଗ୍ର ବୋରାଧୀ ଦଳଙ୍କୁ ଏକ କରିବା ଲାଗି ଅନିର୍ଦ୍ଦିଷ୍ଟ କାଳ ପର୍ଯ୍ୟନ୍ତ ଅପେକ୍ଷ କରାଯାଇ ନ ପାରେ । ତେବେ



ପରସ୍ପର ମଧ୍ୟରେ ଝଗଡା କରି ଲାଭ କ'ଣ ?

ଗୋଆ ବିଧାନସଭା ନିର୍ବାଚନକୁ ନେଇ ଟିଏମସିର ମାନସିକତାକୁ ଜାଣିବାକୁ ଚାହିଁଛି କଂଗ୍ରେସ । ବରିଷ୍ଠ ମୁଖପାତ୍ର ରଣଦୀପ ସୂରଜେୱାଲା ବାସ୍ତବରେ ଟିଏମସିର ଗୋଆରେ ବିଜେପିକୁ ମଜଭୁତ କରୁଛି ନା ରାଜ୍ୟ ରାଜନୀତିରେ ନିଜ ଲାଗି ସ୍ଥାନ ସୃଷ୍ଟି କରୁଛି ବୋଲି ପ୍ରଶ୍ନ କରିଛିନ୍ତି ।

ସେପଟେ ଟିଏମସି ନେତା ଶୁଖେନ୍ଦୁ ଶେଖର କହିଛନ୍ତି ଯେ ସବୁ ବିରୋଧି ଦଳଙ୍କୁ ନେଇ ମେଣ୍ଟ କରିବାକୁ ମମତା ବାନାର୍ଜୀ ପ୍ରଥମେ ପ୍ରସ୍ତାବ ଦେଇଥିଲେ ।ସେହି ଅନୁସାରେ ସୁଶ୍ରୀ ବାନାର୍ଜୀ ସବୁ ଦଳର ନେତାଙ୍କୁ ବି ଭେଟିଥିଲେ ।ତେବେ ତାଙ୍କ ସାକ୍ଷାତ ଆଲୋଚନାକୁ ୬ ମାସ ବିତିଗଲାଣି ।ହେଲେ କଂଗ୍ରେସ ଅଥବା ଅନ୍ୟ ଏପର୍ଯ୍ୟନ୍ତ ପ୍ରତିକ୍ରିୟା ଆସି ନାହିଁ ବୋଲି କହିଛନ୍ତି । ଏଣୁ ଆମେ ଆଗେଇ ଯିବକୁ ପଦକ୍ଷେପ ନେଇଲୁ ଯେପରି ଆମର ଆଧାରକୁ ଆମେ ବ୍ୟପ୍ତ କରିବୁ ଲାଗୁଛି କଂଗ୍ରେସ ଏବେ ତାର ଆଭ୍ୟନ୍ତରିଣ ସମସ୍ୟାକୁ ନେଇ ବ୍ୟସ୍ତ ଅଛି । ନଜି ସମସ୍ୟାରୁ ମୁକ୍ତ ହେବା ପରେ ହୁଏତ ଏ ଦିଗରେ କୌଣସି ପଦକ୍ଷେପ ନେଇପାରେ ବୋଲି ସୁଖେନ୍ଦୁ କହିଛନ୍ତି । ତେବେ ଗତ ସୋମବାର କଂଗ୍ରେସ ଓ ଟିଏମସି ବିବାଦ ଏତେ ବଢି ଯାଇଥିଲା ଯେ ଶେଷକୁ କଂଗ୍ରେସ ବିଜେପିର ବଡ ଇନସ୍ୟୁରାନ୍ସ ବୋଲି ଟିଏମସି କହିଥିଲା ସୋନିଆ , ପ୍ରିୟଙ୍କା ଅଥବା ରାହୁଲଙ୍କ ନାମ ନ ନେଇ ଟିଏମସି ଟ୍ୱିଟରରେ ସିଧା ଆକ୍ରମଣ କରିଥିଲା ଆଗାମୀ ବର୍ଷ ଗୋଆ ବିଧାନସଭା ନିର୍ବାଚନ ।ଏଥିରେ ଟିଏମସି ଓ କଂଗ୍ରେସର ଭୂମିକା କଣ ରହୁଛି ତା ଉପରେ ସମସ୍ତଙ୍କ ନଜର ।

## ହାବିଲଦାର ଅଦାଲତ ଯିବେ, ତେଜୁଛି ଅସନ୍ତୋଷ

**କଟକ(ସଂପର୍କବାର୍ତ୍ତା):-** ବିଭିନ୍ନ ଜିଲ୍ଲା ପୁଲିସ୍ ସ୍ତରରେ କନଷ୍ଟେବଲ୍‌ମାନଙ୍କ ଡେପୁଟେସନ୍ ବାତିଲ୍‌କୁ ନେଇ ଗୋଟିଏ ପରେ ଗୋଟିଏ ଅର୍ଡର (ନିର୍ଦ୍ଦେଶନାମା) ବଦଳୁଛି । ଏଇ ୩ ମାସ ମଧ୍ୟରେ ପୁଲିସ୍ ହେଡ୍‌କ୍ୱାର୍ଟର ପକ୍ଷରୁ ଡେପୁଟେସନ୍ ବାତିଲ୍ ସଂକ୍ରାନ୍ତୀୟ ୩ଟି ଅର୍ଡର ବାହାରିଲେଣି । ଘନଘନ ଡେପୁଟେସନ୍ ବାତିଲ୍ ଅର୍ଡର ପରେ ଏବେ ରାଜ୍ୟବ୍ୟାପୀ କନଷ୍ଟେବଲ୍ ଏବଂ ହାବିଲଦାରମାନେ ଅଦଳ ବଦଳ ହେଉଛନ୍ତି । ପୁଲିସ୍ ମୁଖ୍ୟାଳୟ ପକ୍ଷରୁ ଜାରି ହୋଇଥିବା ଡେପୁଟେସନ୍ ଅର୍ଡର ବାତିଲ୍ ଯୋଗୁଁ ଏବେ ପ୍ରାୟ ୨ ହଜାରରୁ ଅଧିକ କନଷ୍ଟେବଲ ଏବଂ ଶହଶହ ସଂଖ୍ୟାରେ ହାବିଲଦାରମାନଙ୍କୁ ଅକଳରେ ପକାଇଛି । ଗତ ଅଗଷ୍ଟ ୧୬ ତାରିଖରେ ଗୋଟିଏ ନିର୍ଦ୍ଦେଶନାମା ଜାରି ହୋଇଥିବା ବେଳେ ଅକ୍ଟୋବର ୨୨ ତାରିଖରେ ପୁଲିସ୍ ମୁଖ୍ୟାଳୟ ପକ୍ଷରୁ ଆଇଜି ପର୍ସନେଲ୍‌ଙ୍କ ପକ୍ଷରୁ ଜାରି ହୋଇଥିବା ଅର୍ଡର ଅନୁସାରେ ବିଭିନ୍ନ ଜିଲ୍ଲାର ଏସ୍‌ପିମାନେ ଡେପୁଟେସନ୍‌ରେ ଥିବା କନଷ୍ଟେବଲ୍‌ମାନଙ୍କୁ ରିଲିଭ୍ କରିଦେଇଛନ୍ତି । ଫଳରେ ଅକଳରେ ପଡି କନେଷ୍ଟବଲ୍ ଏବଂ ହାବିଲଦାରମାନେ ସେମାନଙ୍କ ମୂଳ ନିଯୁକ୍ତି ପାଇଥିବା ଜିଲ୍ଲାକୁ ଫେରିବାକୁ ବାଧ୍ୟ ହୋଇଛନ୍ତି । ଏହି ଗଣ୍ଡଗୋଳିଆ ସ୍ଥିତିରେ ପୁଲିସ୍ ମୁଖ୍ୟାଳୟ ପକ୍ଷରୁ ନଭେମ୍ବର ୨ ତାରିଖରେ ପୁଣି ଡେପୁଟେସନ୍ ବାତିଲ୍ ହେବା ପରେ ୨ ହଜାରରୁ ଅଧିକ କନେଷ୍ଟବଲ୍ ରାଜ୍ୟରେ ଅକଳରେ ପଡିଛନ୍ତି । ଫଳରେ ଏହି ବଦଳବଦଳ ପ୍ରକ୍ରିୟାକୁ ନେଇ ରାଜ୍ୟବ୍ୟାପୀ କନଷ୍ଟେବଲ୍ ଏବଂ ହାବିଲଦାର ପାହ୍ୟାରେ ଏକ ଗଣ୍ଡଗୋଳିଆ ପରିସ୍ଥିତି ସୃଷ୍ଟି କରିଛି। ଉକ୍ତ ଆଦେଶାନାମା ଫଳରେ ବର୍ଷ ବର୍ଷ ହେଲା ଡେପୁଟେସନରେ ଅନ୍ୟ ଜିଲ୍ଲାରେ କାର୍ଯ୍ୟ କରୁଥିବା କନଷ୍ଟେବଲମାନେ ପୁରୁଣା ସ୍ଥାନକୁ ଫେରିବାକୁ ବାଧ୍ୟ ହେଉଛନ୍ତି । ରାଜ୍ୟ ପୁଲିସ୍ ବାହିନୀରେ ଗତ ସେପ୍ଟେମ୍ବର ମାସଠାରୁ ଏହି ପ୍ରକ୍ରିୟା ରାଜ୍ୟର ବିଭିନ୍ନ ପୁଲିସ୍ ଜିଲ୍ଲାରେ ଜାରି ରହିଛି । ଏହି ଅବଳ ବଦଳ ପ୍ରକ୍ରିୟା ଯୋଗୁଁ ରାଜ୍ୟବ୍ୟାପୀ ଶହଶହ ସଂଖ୍ୟାରେ କନେଷ୍ଟବଲ୍ ଏବଂ ହାବିଲଦାରମାନଙ୍କର କ୍ରମିକ ନମ୍ବର ବଦଳିଛି । କ୍ରମିକ ନମ୍ବର ବଦଳିବା ଦ୍ୱାରା ସମ୍ପୃକ୍ତ କର୍ମଚାରୀମାନେ ମଧ୍ୟ ଅକଳରେ ପଡିଛନ୍ତି ।

ବର୍ଷବର୍ଷ ହେଲା ଗୋଟିଏ ଜଲ୍ଲାରେ କାମ କରୁଥିବା କନଷ୍ଟେବଲ୍ ଏବଂ ହାବିଲଦାରମାନେ ହଠାତ୍ ଅନ୍ୟ ଜିଲ୍ଲାକୁ ବଦଳି ହେବା ପ୍ରକ୍ରିୟାକୁ ଚାଲେଞ୍ଜ କରି ରାଜ୍ୟ ସ୍ତରରେ ବହୁ କନଷ୍ଟେବଲ୍ ଏବେ ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିବା ସୂଚନା ମିଳିଛି । ଅନ୍ୟ ପକ୍ଷରେ ଗୋଟିଏ ଜଲ୍ଲାରୁ ଅନ୍ୟ ଜିଲ୍ଲାକୁ ଡେପୁଟେସନ୍ ହୋଇଯିବା ପରେ ସେମାନଙ୍କ ମଧ୍ୟରୁ କେତେକ ହାବିଲଦାର ପାହ୍ୟାକୁ ମଦ୍ୟ ପଦୋନ୍ନତି ପାଇଛନ୍ତି । ପଦୋନ୍ନତି ପାଇବା ପରେ ହାବିଲ୍‌ଦାରମାନଙ୍କୁ ପୁଲିସ୍ ଏକାଡେମୀରେ ଟ୍ରେନିଂ ମଧ୍ୟ ଦିଆଯାଇଥିଲା । ଟ୍ରେନିଂ ବାବଦରେ ସରକାରୀ ରାଜକୋଷରୁ କୋଟିକୋଟି ଟଙ୍କା ବ୍ୟୟ ହୋଇଥିଲା। ଉଚ୍ଚପଦସ୍ଥ ଅଧିକାରୀଙ୍କ ତ୍ରୁଟିପୂର୍ଣ୍ଣ ନିଷ୍ପତ୍ତି ପାଇଁ ପୁଲିସ୍ ବିଭାଗରେ ରାଜକୋଷରୁ କୋଟି କୋଟି ଟଙ୍କା ଅପବ୍ୟୟ ହୋଇଥିବା ଜଣାପଡିଛି । ମାତ୍ର ଡେପୁଟେସନ୍ ପ୍ରକ୍ରିୟା ବାତିଲ୍ ହେବା ପରେ ସମ୍ପୃକ୍ତ ହାବିଲ୍‌ଦାରମାନେ ନିଜ ମୂଳ ଜିଲ୍ଲାକୁ ଫେରିବା ପରେ ସେମାନଙ୍କ କ୍ୟାଡର ରୁଲ୍ ହିସାବରେ ଅନେକ ହାବିଲଦାର କନଷ୍ଟେବଲ୍ ପାହ୍ୟାକୁ ଖସିଛନ୍ତି । ଏହାର ପ୍ରତିବାଦରେ ଶତାଧିକ ହାବିଲଦାର ଏବେ ଅଦାଲତର ଦ୍ୱାରସ୍ଥ ହେବେ ବୋଲି ଚେତାବନୀ ଦେଇଛନ୍ତି ।

## ଦାରିଙ୍ଗିବାଡିରେ ଜୁଆଖେଳ, ୧୭ ଅଟକ

**ଦାରିଙ୍ଗିବାଡ଼ି(ସଂପର୍କବାର୍ତ୍ତା):-** କନ୍ଧମାଳ ଜିଲ୍ଲା ଦାରିଙ୍ଗିବାଡି ବସ୍‌ଷ୍ଟାଣ୍ଡ ନିକଟ ମାଛ ମାର୍କେଟ୍ ଅଞ୍ଚଳରେ ଏକ ଘରେ ଜୁଆ ଆଡ୍ଡା ଚାଲିଥିବା ବେଳେ ପୋଲିସ୍ ଶୁକ୍ରବାର ଭୋର୍ ସମୟରେ ଚଢାଉ କରିଛି। ସେଠାରେ ଜୁଆଖେଳୁଥିବା ୧୭ଜଣଙ୍କୁ ଅଟକ ରଖିବା ପରେ ୪୧(ଏ) ସିଆର୍‌ସିପି ଧାରାରେ ନୋଟିସ୍ କରି

### ଆଇଆଇସି କୌଶିକ ମାଝୀ ଏରିଆ

ଛାଡିଦିଆଯାଇଛି ବୋଲି ଆଇଆଇସି କୌଶିକ ମାଝୀ ପ୍ରକାଶ କରିଛନ୍ତି। ସେମାନଙ୍କ ନିକଟରୁ ନଗଦ ୭୨ହଜାର ୮୬୦ ଟଙ୍କା ସମେତ ୯ଟି ମୋବାଇଲ୍ ଜବତ କରିଛି ପୋଲିସ୍। ଏହି ଚଢାଉ ବେଳେ ଆଇଆଇସି କୌଶିକ ମାଝୀଙ୍କ ନେତୃତ୍ୱରେ ସବ୍‌ଇଂନିସ୍ପେକ୍ଟର ସୌମ୍ୟରଞ୍ଜନ ଜେନା ସଦଳବଳ ଚଢାଉରେ ସାମିଲ୍ ହୋଇଥିଲେ। ସେହିପରି ଏହି ଜୁଆ ଆଡ୍ଡାକୁ ସୋରଡା ଅଞ୍ଚଳର ଗୌରୀଶଙ୍କର ପାଢୀ ମାଛ ମାର୍କେଟ୍‌ରେ ଘରଭଡା ନେଇ ଚଳାଉଥିବା ଆଇଆଇସି ମାଝୀ କହିଛନ୍ତି। ତାଙ୍କ ବିରୁଦ୍ଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉଛି ବୋଲି ଆଇଆଇସି ମାଝୀ କହୁଥିବାକୁ ସାଧାରଣରେ ଗ୍ରହଣଯୋଗ୍ୟ ହୋଇପାରିବ ନାହିଁ




ବୋଲି ଅଭିଯୋଗ ହେଉଛି। ସେମାନଙ୍କୁ ଗିରଫ ନ କରିବା ସହିତ ସଙ୍ଗୀନ୍ ଦଫା ନ ଲଗାଇ ପୋଲିସ୍ କ'ଣ ପାଇଁ ଛାଡି ଦେଇଛି ବୋଲି ପୋଲିସ୍ ପ୍ରତି ସାଧାରଣରେ ସନ୍ଦେହ ସୃଷ୍ଟି କରିଛି। ଏହି ଘଟଣାଟି ରାଜ୍ୟ ପୋଲିସ୍ ମୁଖିଆଙ୍କ କାନରେ ପଡିଥିବା ବିଶେଷ ସୂତ୍ରରୁ ଶୁଣିବାକୁ ମିଳୁଛି।

## ୧୯ରେ ବଡ଼ ଚନ୍ଦ୍ରଗ୍ରହଣ

**ନୂଆଦିଲ୍ଲୀ(ସଂପର୍କବାର୍ତ୍ତା):-** କାର୍ତ୍ତିକ ମାସ ଶୁକ୍ଳ ପକ୍ଷରେ ପୂର୍ଣ୍ଣିମା ତିଥି ଅର୍ଥାତ୍ ୧୯ ନଭେମ୍ବର ୨୦୨୧ ଶୁକ୍ରବାର ଦିନ ଚଳିତ ବର୍ଷର ଦ୍ୱିତୀୟ ବା ଶେଷ ଚନ୍ଦ୍ରଗ୍ରହଣ ଲାଗିବାକୁ ଯାଉଛି। ଚଳିତ ବର୍ଷର ଏହା ସବୁଠାରୁ ବଡ ଆଂଶିକ ଚନ୍ଦ୍ର ଗ୍ରହଣ ହେବ। ଏହା ଉତ୍ତର ଆମେରିକାରେ ଏହା ଦୃଶ୍ୟମାନ ହେବ। ଏ ନେଇ ନାସା ପକ୍ଷରୁ ଭବିଷ୍ୟତବାଣୀ କରାଯାଇଛି। ଭାରତୀୟ ସମୟ ଅନୁସାରେ, ୧୯ ନଭେମ୍ବର ଶୁକ୍ରବାର ସକାଳ ୧୧.୩୪ ମିନିଟ୍‌ରେ ଚନ୍ଦ୍ରଗ୍ରହଣ ଆରମ୍ଭ ହେବ। ଯାହାକି ସନ୍ଧ୍ୟା ୫.୩୩ ମିନିଟ୍‌ରେ ଶେଷ ହେବ। ଗ୍ରହଣ ସମୟରେ ରୋଷେଇ, ପୂଜାପାଠ ଆଦି କରିବା ଉଚିତ୍ ନୁହେଁ। ଏହି ସମୟରେ ଭବବାନଙ୍କୁ ଧ୍ୟାନ କରିବା ଉଚିତ୍। ଗ୍ରହଣ ପରେ ସ୍ନାନ କରିବା ଦରକାର। ଏହି ସମୟରେ ଗର୍ଭବତୀ ମହିଳାଙ୍କୁ ବିଶେଷ ସାବଧାନରେ ରହିବାକୁ ପରାମର୍ଶ ଦିଆଯାଏ। ଚନ୍ଦ୍ରଗ୍ରହଣ ସମୟରେ ଭବଗାନ ଶିବଙ୍କୁ ପୂଜା କରିବା ଦ୍ୱାରା ଲାଭ ମିଳିଥାଏ। ଜ୍ୟୋତିଷଶାସ୍ତ୍ର ଅନୁସାରେ ଏହି ଚନ୍ଦ୍ରଗ୍ରହଣ ବୃଷ ରାଶି ଓ



କୃତିକା ନକ୍ଷେତ୍ରରେ ଲାଗିବ। ଏହି କାରଣରୁ ବୃଷ ରାଶିର ଲୋକଙ୍କ ପାଇଁ ଏହି ଅବଧି ସମସ୍ୟାର କାରଣ ହୋଇପାରେ। ଚନ୍ଦ୍ରଗ୍ରହଣ ବିଶେଷ କରି ୫ ରାଶିର ଲୋକ ଯଥା- ବୃଷ, କନ୍ୟା, ବିଛା, ଧନୁ ଓ ମେଷ ଉପରେ ପ୍ରଭାବ ଦେଖାଇବ। ଏହା ବ୍ୟତିତ ଅନ୍ୟ ରାଶି ଉପରେ ବି ଏହାର ପ୍ରଭାବ ପଡିବ। ବୃଷ ରାଶୀର ଲୋକେ ଏହି ସମୟରେ ବିବାଦ ଓ ଅଯଥା ଖର୍ଚ୍ଚରୁ ଦୂରରେ ରହିବା ଉଚିତ୍।

## ବିରିଡି:ଆଦର୍ଶ ବିଦ୍ୟାଳୟ ନିର୍ମାଣ ସଢେଇ ଶାସନ ପରିବର୍ତ୍ତେ ଶଙ୍କରପୁରରେ ହେବ

**ବିରିଡ଼ି(ସଂପର୍କବାର୍ତ୍ତା):-** ବିରିଡ଼ି ବ୍ଲକ୍‌ରେ ୩ ବର୍ଷ ଧରି ଆଦର୍ଶ ବିଦ୍ୟାଳୟ ଗୃହ ନିର୍ମାଣ ହୋଇପାରୁନଥିବା ସ୍ଥାନକୁ ନୂତନ ଜିଲ୍ଲାପାଳ ପାରୁଲ୍ ପଟୱାରୀ ପରିବର୍ତ୍ତନ କରିଛନ୍ତି। ୩ ବର୍ଷ ପୂର୍ବେ ସଢେଇ ଶାସନ ପଞ୍ଚାୟତ ଅଧିନ ଅଳକା ମହାବିଦ୍ୟାଳୟ ନିକଟରେ ଭିତ୍ତିପ୍ରସ୍ତର ସ୍ଥାପନ କରାଯାଇଥିଲା। ହେଲେ ଆଜକୁ ୩ବର୍ଷ ହେବ ଆଦର୍ଶ ବିଦ୍ୟାଳୟ ଭିତ୍ତିଭୂମି ସ୍ଥାପନ କରାଯାଇପାରୁନଥିବା ସ୍ଥଳେ ନୂତନ ଜିଲ୍ଲାପାଳ ପଟୱାରୀ ବ୍ଲକ୍‌ରେ ପହଞ୍ଚି ପୂର୍ବରୁ ଆଦର୍ଶ ବିଦ୍ୟାଳୟ ନିମନ୍ତେ ସ୍ଥିର କରାଯାଇଥିବା ସ୍ଥାନ ପରିଦର୍ଶନ କରିଥିଲେ। ପୂର୍ବରୁ ଚିହ୍ନଟ ହୋଇଥିବା ସଢେଇ ଶାସନ ପଞ୍ଚାୟତର ଏହି ସ୍ଥାନରେ ଆଦର୍ଶ ବିଦ୍ୟାଳୟ ନିମନ୍ତେ ଆବଶ୍ୟକ ଜମି ନ ଥିବା ଅନୁଭବ କରିଥିଲେ। ପରେ ଶିବପୁର ପଞ୍ଚାୟତର ଶଙ୍କରପୁର ଗ୍ରାମ ନିକଟରେ ଥିବା ବିସ୍ତୀର୍ଣ୍ଣ ସରକାରୀ ଜାଗାରେ ଆବଶ୍ୟକ ବିଦ୍ୟାଳୟ ନିର୍ମାଣ କରିବା ପାଇଁ ଭିତ୍ତିଭୂମି ଠିକ୍ ଥିବା ଦେଖି ବିରିଡି ତହସିଲ୍‌ଦାରଙ୍କୁ ଜମି ଚିହ୍ନଟ ଓ ମାପ କରିବା ପାଇଁ ନିର୍ଦ୍ଦେଶ ଦେଇଥିବା ଜଣାପଡିଛି। ଜିଲ୍ଲାପାଳଙ୍କ ଏହି ଗସ୍ତ ସମୟରେ ବିରିଡି ତହସିଲ୍‌ଦାର ସାଗରିକା ପ୍ରିୟଦର୍ଶିନୀ ବରିଷ୍ଠ ରେକର୍ଡ କିପରି ସୂର୍ଯ୍ୟ ନାରାୟଣ ମହାନ୍ତି, ମଣ୍ଡଳ ଉନ୍ନୟନ ଅଧିକାରୀ ହେମନ୍ତ କୁମାର ମହନ୍ତ, ସହକାରୀ ଯନ୍ତ୍ରୀ କୃଷ୍ଣଚନ୍ଦ୍ର ସେଠୀ, ଅତିରିକ୍ତ ମଣ୍ଡଳ ଉନ୍ନୟନ ଅଧିକାରୀ ସନ୍ତୋଷ କୁମାର ଶତପଥୀ ଓ ଥାନା ଅଧିକାରୀ ନିରଞ୍ଜନ ମଲ୍ଲିକ ପ୍ରମୁଖ ଉପସ୍ଥିତ ଥିଲେ।

# ସମ୍ପାଦକୀୟ

## କାର୍ତ୍ତିକ ବ୍ରତ

ବର୍ଷର ବାର ମାସ ଭିତରୁ ଚାରିଟି ମାସ ଆଷାଢ଼, କାର୍ତ୍ତିକ, ମାଘ ଓ ବୈଶାଖ ହେଉଛି ଅତି ପବିତ୍ର ଓ ଧର୍ମ ମାସ । କାର୍ତ୍ତିକ ହେଉଛି ଶ୍ରେଷ୍ଠ ଧର୍ମ ମାସ । ଆବାଳ ବୃଦ୍ଧ ବନିତା ପ୍ରତ୍ୟୁଷରୁ ସ୍ନାନ କରି ମାସସାରା ଦେବଦର୍ଶନ କଲେ ମହାପୁଣ୍ୟ ପ୍ରାପ୍ତି ହୁଏ । ବିଧବା ତଥା ସାଧବାମାନେ କାର୍ତ୍ତିକ ମାସରେ ହବିଷ୍ୟ ପାଳନ କରନ୍ତି । ହବିଷ୍ୟ ପାଳନ କରୁ ନଥିବା ମହିଳା - ପୁରୁଷ ନିର୍ବିଶେଷରେ ସମସ୍ତେ ଆମିଷ ଭୋଜନ ପରିତ୍ୟାଗ କରନ୍ତି । ହିନ୍ଦୁ ବ୍ରାହ୍ମଣ ଘରର ବିଧବାଙ୍କ ପାଇଁ ହବିଷ୍ୟ ପାଳନ ଏକ ବିଧି ଭାବେ ପ୍ରଚଳିତ । ପ୍ରତ୍ୟୁଷରୁ ସ୍ନାନ ଓ ଦେବଦର୍ଶନ ପରେ ଏକାଠି ହୋଇ ହବିଷ୍ୟାଳିମାନେ ଚଉରା ମୂଳେ ରାଇ ଦାମୋଦର ପୂଜା କରନ୍ତି ଏବଂ କାର୍ତ୍ତିକ ମାହାତ୍ମ୍ୟ ପାଠ ବା ଶ୍ରବଣ କରନ୍ତି । ସୂର୍ଯ୍ୟାସ୍ତ ପୂର୍ବରୁ ହବିଷ୍ୟ ପାଳନ କରନ୍ତି । ସନ୍ଧ୍ୟାରେ ଆକାଶଦୀପ ପ୍ରଜ୍ୱଳନ କାର୍ତ୍ତିକ ବ୍ରତର ଏକ ମହତ୍ତ୍ୱପୂର୍ଣ୍ଣ ଅଙ୍ଗ । ପିତୃଗଣଙ୍କୁ ପଥ ପ୍ରଦର୍ଶନ ଏବଂ ସେମାନଙ୍କ ଅନ୍ଧକାରାଚ୍ଛନ୍ନ ପଥକୁ ଆଲୋକିତ କରିବା ସକାଶେ ସୁଉଚ୍ଚ ସ୍ଥାନରେ ପ୍ରଦୀପ ପ୍ରଜ୍ୱଳନ କରାଯାଇଥାଏ । କାର୍ତ୍ତିକ ମାସରେ ତୁଳସୀ ବୃକ୍ଷକୁ ଭକ୍ତି ସହକାରେ ଆରାଧନା କରାଯାଏ । ଜଗନ୍ନାଥଙ୍କୁ ପ୍ରତିଦିନ ତୁଳସୀ ଲାଗି କରାଯାଏ । କିମ୍ବଦନ୍ତୀ ଅନୁସାରେ ରାକ୍ଷସ ଜଳନ୍ଧର ନିଜ ସତୀ, ସ୍ୱାଧୀ ପତ୍ନୀ ବୃନ୍ଦାବତୀଙ୍କ ପାତିବ୍ରତ୍ୟ ବଳରେ ବଳୀୟାନ ହୋଇ ଉଠିଥିଲା । ବୃନ୍ଦାବତୀଙ୍କ ସତୀତ୍ୱ ଅମ୍ଳାନ ରହିଥିବା ପର୍ଯ୍ୟନ୍ତ ସେ ଅଜେୟ, ଅମର ରହିଥିଲା ।

କାର୍ତ୍ତିକ ମାସର ବିଶିଷ୍ଟ ଆକର୍ଷଣ ହେଲା ଚକୁଳିଆ ପଣ୍ଡାଙ୍କ ଗାଁ ଭ୍ରମଣ। ମୁଣ୍ଡରେ ତାଳପତ୍ର ଛତା, ହାତରେ ଶୁଖିଲା ଲାଉ ତୋପାର ଭାଣ୍ଡ ଭିକ୍ଷାନେବା ଉଦ୍ଦେଶ୍ୟରେ ଧରା ହୋଇଥାଏ। କାର୍ତ୍ତିକ ମାସର ଦେବମନ୍ଦିର ପ୍ରାଙ୍ଗଣରେ 'ସତାବଶୀ ଭାଗବତପାଠ ଅନୁଷ୍ଠିତ ହୋଇଥାଏ।' ସମଗ୍ର କାର୍ତ୍ତିକ ମାସଟି କେବଳ ଓଡ଼ିଆ ଜାତି କାହିଁକି ହିନ୍ଦୁମାନଙ୍କ ଲାଗି ଏକ ଧର୍ମର ମାସ। କୁମାର ପୂର୍ଣ୍ଣିମାର ପନ୍ଦର ଦିନ ପରେ ଦୀପାବଳୀ ଅମାବାସ୍ୟା ପରେ। ଦଶହରାରେ ମା' ଆଦ୍ୟାଶକ୍ତି ଦୂର୍ଗାଙ୍କର, କୁମାର ପୂର୍ଣ୍ଣିମାରେ ମା'ଲକ୍ଷ୍ମୀଙ୍କର ଓ କାଳୀପୂଜାରେ ମା' କାଳୀଙ୍କର ଆରାଧନା କରାଯାଇଥାଏ। କାର୍ତ୍ତିକ ମାସର ସୋମବାର ଦିନ ଶିବଙ୍କୁ ପୂଜା କରାଯାଏ ଏବଂ ସୋମବାର ବ୍ରତ ପାଳନ କରାଯାଏ । କାର୍ତ୍ତିକ ସୋମବାର ହବିଷ୍ୟ ପାଳନ ପୂର୍ବକ ଆଶୁତୋଷଙ୍କ ପୂଜାକଲେ ରୋଗ ଶୋକରୁ ମୁକ୍ତି ମିଳେ । ଏହି ମାସରେ ମୃତ୍ୟୁବରଣ କଲେ ସ୍ୱର୍ଗପ୍ରାପ୍ତି ହେବାର ବିଶ୍ୱାସ ରହିଛି । କାର୍ତ୍ତିକ ମାସର ମହତ୍ୱ ଅନ୍ୟମାସ ତୁଳନାରେ ଯେ ସ୍ରେଷ୍ଠ ତଥା ଅଧିକ ଏହା ନିଃସନ୍ଦେହରେ କୁହାଯାଇପାରେ।

*ଅଲେଖ ଚନ୍ଦ୍ର ସାମଲ, ଓଏଫଏସ-୧ (ଏସ୍.ବି.)*
*ଡିଏଫ୍ଓ (କେନ୍ଦୁଲିଫ), ପଳାଇ, ବାଲିଚନ୍ଦ୍ରପୁର, ଯାଜପୁର,*
*ଦୂରଭାଷ : ୯୪୩୭୨୫୧୭୨୩*

## କ'ଣ କହନ୍ତି ଚାଣକ୍ୟ ?



**ଭୁବନେଶ୍ୱର(ସଂପର୍କବାର୍ତ୍ତା):-** ପ୍ରେମ ଏବଂ ବୈବାହିକ ସମ୍ପର୍କ ମଣିଷ ପାଇଁ ଗୁରୁତ୍ୱପୂର୍ଣ୍ଣ ଏବଂ ପବିତ୍ର ବୋଲି ବିବେଚନା କରାଯାଏ। ଜଣେ ବ୍ୟକ୍ତି ଏହି ଦୁଇଟି ସମ୍ପର୍କରେ କେବେ ବିଫଳ ହେବାକୁ ଚାହେଁ ନାହିଁ । ଆଚାର୍ଯ୍ୟ ଚାଣକ୍ୟ ତାଙ୍କ ନୀତିଶାସ୍ତ୍ରରେ ଏ ବିଷୟ ରେ ଉଲ୍ଲେଖ କରିଛନ୍ତି ଯେ ,ଜଣେ ପ୍ରେମୀ କିପରି ହେବା ଉଚିତ୍ । ଏପରି ପରିସ୍ଥିତିରେ ଜଣେ ପୁରୁଷ ରେ କେଉଁ ଗୁଣ ଆବଶ୍ୟକ ତାହା ବିଷୟରେ ମଧ୍ୟ ଚାଣକ୍ୟ କହିଛନ୍ତି । ଚାଣକ୍ୟ କହିଛନ୍ତି ଯେ ,ଯିଏ ମହିଳାଙ୍କୁ ସମ୍ମାନ କରନ୍ତି । ସେମାନଙ୍କର ଗୁରୁତ୍ୱକୁ ବୁଝନ୍ତି ସେ ସେମାନଙ୍କ ସମ୍ପର୍କକୁ ଆଗେଇ ନେବାରେ ବିଫଳ ହେବେ ନାହିଁ। ଚାଣକ୍ୟ ଏହି ଅଭ୍ୟାସକୁ ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ବୋଲି ବର୍ଣ୍ଣନା କରିଛନ୍ତି ।ତାଙ୍କ ଅନୁଯାୟୀ , ଯଦି ଜଣେ ବ୍ୟକ୍ତି ପ୍ରମିକା ବ୍ୟତୀତ ଅନ୍ୟ କୌଣସି ମହିଳାଙ୍କ ପ୍ରତି ଆକର୍ଷିତ ହୁଅନ୍ତି ନାହିଁ ଏବଂ ତାଙ୍କୁ ଖରାପ ଆଖିରେ ଦେଖନ୍ତି ।ନାହିଁ ।ତେବେ ସେ ତାଙ୍କ ପ୍ରେମକୁ ବଂଚାଇ ପାରିବେ ଚାଣକ୍ୟଙ୍କ ଅନୁଯାୟୀ , ଯେଉଁ ସ୍ତ୍ରୀଙ୍କୁ ତାଙ୍କ ସ୍ୱାମୀ ଉପରେ ଭରସା ଥାଏ ସେମାନଙ୍କ ସମ୍ପର୍କ କେବେ ବିଫଳ ହୁଏ ନାହିଁ । ପ୍ରତ୍ୟେକ ସ୍ତ୍ରୀ ନିଜ ସ୍ୱାମୀଙ୍କଠାରେ ପତିଙ୍କୁ ଦେଖନ୍ତି। ଏପରି ପରିସ୍ଥି ତି ରେ , ଯଦି ପୁରୁଷ ସ୍ତ୍ରୀକୁ ସୁରକ୍ଷା ଦିଅନ୍ତି । ତେବେ ସେ ସ୍ତ୍ରୀ ସର୍ବଦା ତାଙ୍କ ସହିତ ଖୁସିରେ ରୁହନ୍ତି ।

## ଅଜବ ପରମ୍ପରା

**ନୂଆଦିଲ୍ଲୀ(ସଂପର୍କବାର୍ତ୍ତା):-** ବିଶ୍ୱର ବିଭିନ୍ନ ପ୍ରକାରର ଆଶ୍ଚର୍ଯ୍ୟ ଜଣକ ଘଟଣା ସାମ୍ନାକୁ ଆସିଥାଏ। ସେହିଭଳି ଗୋଟିଏ ସ୍ଥାନ ହେଉଛି ବୁଲଗେରିଆ। ବୁଲଜେରଆର ଷ୍ଟାରା ଜାଗର ନାମକ ଜାଗାରେ ବର୍ଷକୁ ୪ଥର କନିଆଁମାନଙ୍କର ହାଟ ବସିଥାଏ । ଏଠାକୁ ଆସୁଥିବା ବରମାନେ ନିଜର ପସନ୍ଦର କନିଆଁ କିଣି ନିଜର ପତ୍ନୀ କରି ଥାଆନ୍ତି । ଗୋଟିଏ ସୂଚନା ଅନୁସାରେ କନିଆଁମାନଙ୍କର ଏହି ବଜାରରେ କଲାଇଇଦଝୀ ସମ୍ପ୍ରଦାୟ ପକ୍ଷରୁ ଲଗା ଯାଇଥାଏ ଓ ଏହା ସମାଜର ଲୋକମାନେ ବୋହୁ କିଣିବାକୁ ଯାଇ ଥାଆନ୍ତି । ଏଠାକୁ କୌଣସି ବାହାର ଲୋକ କିଣିବାକୁ ଆସି ପାରିବେ ନାହିଁ ।ଗୋଟିଏ ସୂଚନା ଅନୁସାରେ ଏହି କମ୍ୟୁନିଟି ରେ ପାଖାପାଖି ୧୮ଲୋକ ରହୁଛନ୍ତି । କୁହାଯାଏ ଯେ ଏହି ସମୁଦାୟର ଝିଅମାନଙ୍କର ମଧ୍ୟ ଏହି ପରମ୍ପରାକୁ ନେଇ କୌଣସି ପ୍ରତିକ୍ରୟା ରହି ନଥାଏ । କାରଣ ସେମାନଙ୍କୁ ଆରମ୍ଭରୁ ଏଥିପାଇଁ ମାନସିକ ଭାବରେ ପ୍ରସ୍ତୁତ କରାଯାଇଥାଏ।

ଏବେ "ସଂପର୍କବାର୍ତ୍ତା" ଆପଣଙ୍କ ହାତପାହାନ୍ତାରେ
ପଢିବା ପାଇଁ ଭିଜିଟ୍ କରନ୍ତୁ
www. samparkabarta.in

# 'ପଢିଲେ ଜାଣିବା-ଜାଣିଲେ ଜିଣିବା'



*ହିମାଂଶୁ ଶେଖର ଆଚାର୍ଯ୍ୟ*
ସଭାପତି, ସାରସ୍ୱତ ପରିଷଦ,
ଜଗତସିଂହପୁର
ମୋ-୯୯୩୭୧୫୧୦୫୨

ସାକ୍ଷରତା ଓ ଶିକ୍ଷାର ସ୍ତର ଗୋଟିଏ ଦେଶର ପ୍ରଗତିର ଚାବିକାଠି ।କାରଣ ଏହା ଉପରେ ମାନବ ସମ୍ବଳର ବିକାଶ ନିର୍ଭର କରେ ।ଅନ୍ୟ ଅର୍ଥରେ କହିଲେ ତେଣୁ ଯେଉଁ ଦେଶ ଯେତେ ଶିକ୍ଷିତ, ସେହି ଦେଶ ସେତେ ଉନ୍ନତ । ଯେତେ ଯାହା ଯୋଜନା କଲେ ବି ନିରକ୍ଷରତା ଦୂର ନ ହେଲେ କୌଣସି ଦେଶର ଉନ୍ନତି ଆଶାନୁରୂପ ହୋଇପାରିବନାହିଁ । ଏକ ଲୋକପ୍ରିୟ କାହାଣୀ କୁହେ - "ଯଦି ତୁମେ ଆଗାମୀ ଏକ ବର୍ଷ ପାଇଁ ଯୋଜନା କରୁଛ, ତାହେଲେ ଜମିରେ କିଛି ମଞ୍ଜି ବୁଣିଦିଅ, ଯଦି ୧୦ ବର୍ଷ ବା ତା ଠାରୁ ଉର୍ଦ୍ଧ୍ୱ ସମୟ ପାଇଁ ଯୋଜନା କରୁଛ, ତାହେଲେ ଜମିରେ କିଛି ଗଛ ଲଗାଇଦିଅ, ଆଉ ଯଦି ୧୦୦ ବର୍ଷ ପାଇଁ ଯୋଜନା କରୁଛ, ତାହେଲେ ସମସ୍ତଙ୍କୁ ଶିକ୍ଷିତ କରାଇଦିଅ । ଏଥିରୁ ଶିକ୍ଷାର ଗୁରୁତ୍ୱ କେତେ ତାହା ସ୍ୱଷ୍ଟ ଅନୁମେୟ।

ସାକ୍ଷରତା କେବଳ ଏକ ଅଧିକାର ନୁହେଁ ବରଂ ସାମାଜିକ ଓ ମାନବ ସମ୍ବଳ ବିକାଶର ପ୍ରମୁଖ ଆଧାର ଅଟେ। । କୌଣସି ଦେଶର ବାସ୍ତବ ବିକାଶ ସେ ଦେଶର ସାକ୍ଷରତା ସହ ଅଙ୍ଗାଙ୍ଗୀଭାବେ ଜଡିତ । ଦାରିଦ୍ର୍ୟ ଦୂରୀକରଣ, ଶିଶୁ ମୃତ୍ୟୁହାର ହ୍ରାସ, ଜନସଂଖ୍ୟା ବୃଦ୍ଧି ନିୟନ୍ତ୍ରଣ, ପୁରୁଷ ମହିଳା ଲିଙ୍ଗାନୁପାତ ହ୍ରାସ ଓ ଉଚ୍ଚମାନର ଜୀବନଧାରଣର ମାନକୁ ଏହା ସିଧାସଳଖ ପ୍ରଭାବିତ କରେ । ବିଶେଷକରି କମ୍ପ୍ୟୁଟର, ଇଣ୍ଟରନେଟ୍, ମୋବାଇଲ, ହ୍ୱାଟସଆପ୍, ଫେସବୁକ୍ ଓ ଟ୍ୱିଟର ସମଗ୍ର ବିଶ୍ୱକୁ ଏକ ଛୋଟିଆ ଗାଆଁରେ ପରିଣତ କରିଥିବା ବେଳେ ସାକ୍ଷରତା ସହ ବହୁଭାଷୀ ଦକ୍ଷତାର ଗୁରୁତ୍ୱ ଆହୁରି ବଢିଯାଇଅଛି। କାରଣ ଏହା କାର୍ଯ୍ୟ କୁଶଳତା ବୃଦ୍ଧି କରିବା ସହ ଜୀବନଧାରଣର ମାନକୁ ଉନ୍ନତ କରିଥାଏ। ଏବେବି ବିଶ୍ୱରେ ନିରକ୍ଷରଙ୍କ ସଂଖ୍ୟା ପ୍ରାୟ ୭୫ କୋଟିରୁ ଉର୍ଦ୍ଧ୍ୱ । ପ୍ରତି ପାଞ୍ଚଜଣ ପ୍ରାପ୍ତ ବୟସ୍କ ଲୋକଙ୍କ ମଧ୍ୟରେ ଜଣେ ନିରକ୍ଷର । ଅନ୍ୟୁନ ୭କୋଟି ଶିଶୁ ନିମ୍ନ ପ୍ରାଥମିକ ଶିକ୍ଷାରୁ ବଞ୍ଚିତ । କେତେ ଶିଶୁ ପ୍ରାଥମିକ ସ୍ତରରୁ ହିଁ ଶିକ୍ଷା ଛାଡୁଛନ୍ତି ତାହାର କୌଣସି ହିସାବ ନାହିଁ । ପରିସଂଖ୍ୟାନ ତଥ୍ୟରୁ ଜଣାପଡେ ଦକ୍ଷିଣ ଓ ପଶ୍ଚିମ ଏସିଆରେ ପ୍ରାପ୍ତ ବୟସ୍କ ନିରକ୍ଷରଙ୍କ ସଂଖ୍ୟା ସର୍ବାଧିକ । ଏହା ପଛକୁ ଅଛନ୍ତି ଆରବ ଓ ଆଫ୍ରିକାନ୍ ରାଷ୍ଟ୍ରସମୂହ। ବର୍କିନା ଫାସୋ, ନିଗର ଓ ମାଲିରେ ସାକ୍ଷରତା ହାର ବିଶ୍ୱରେ ସବୁଠାରୁ କମ୍ ଯଥାକ୍ରମେ ୧୨.୮ ପ୍ରତିଶତ, ୧୪.୪ ପ୍ରତିଶତ ଓ ୧୯ ପ୍ରତିଶତ । କିନ୍ତୁ ବିଶ୍ୱର ସାକ୍ଷରତା ହାର ୮୪ ପ୍ରତିଶତକୁ ବିଚାରକୁ ନେଲେ ସ୍ୱୀକାର କରିବାକୁ ହେବ ଯେ ଆମକୁ ଆହୁରି ଅନେକ ବାଟ ଯିବାକୁ ଅଛି। ଏକ ସର୍ବେକ୍ଷଣରୁ ଯଣାପଡିଛିଯେ ଏବେବି ଆମ ଦେଶରେ ପ୍ରାୟ ୨୮ କୋଟିରୁ ଉର୍ଦ୍ଧ୍ୱ ଲୋକ ନିରକ୍ଷର ଅଛନ୍ତି।

ଏହି ପରିପ୍ରେକ୍ଷୀରେ ବିଶ୍ୱରେ ସାକ୍ଷରତା ହାର ଅଧିକ ଥିବା ଦେଶମାନଙ୍କ ମଧ୍ୟରେ ଯୁକ୍ତରାଷ୍ଟ୍ର ଆମେରିକା, ଗ୍ରେଟବ୍ରିଟେନ, ସୋଭିଏତ୍ ଋଷ, ସୁଇଡେନ, କାନାଡା ପ୍ରଭୃତି ଦେଶରେ ସାକ୍ଷରତା ହାର ଯଥାକ୍ରମେ ୯୯ ପ୍ରତିଶତ, ୯୯ ପ୍ରତିଶତ, ୯୯.୬ ପ୍ରତିଶତ, ୯୯ ପ୍ରତିଶତ ରହିଛି । ଏପରିକି କାନାଡା, ନିଉଜିଲ୍ୟାଣ୍ଡ ଓ ବର୍ମା ପ୍ରଭୃତି ଦେଶରେ ମଧ୍ୟ ସାକ୍ଷରତା ହାର ହେଉଛି ଯଥାକ୍ରମେ ୯୯ ପ୍ରତିଶତ, ୯୯ ପ୍ରତିଶତ ଓ ୮୯ ପ୍ରତିଶତ । ଏହି ପରିପ୍ରେକ୍ଷୀରେ ଆମ ଦେଶକଥା ବିଚାରକୁ ନେଲେ ୨୦୧୧ ଜନଗଣନା ଅନୁସାରେ ଆମ ଦେଶର ସାକ୍ଷରତା ହାର ୭୪.୦୪ ପ୍ରତିଶତ । ତନ୍ମଧ୍ୟରୁ ପୁରୁଷ ସାକ୍ଷରତା ହାର ୮୨.୧୪ ପ୍ରତିଶତ ହୋଇଥିବା ବେଳେ ନାରୀ ସାକ୍ଷରତା ହାର ୬୫.୪୬ ପ୍ରତିଶତ । ଏଥିରୁ ଜଣାପଡେ ଯେ, ପୃଥିବୀର ଅନ୍ୟ ଦେଶ ତୁଳନାରେ ଭାରତର ନିରକ୍ଷରତା ସମସ୍ୟା ଉତ୍କଟତର । ସେହିପରି ଆମ ପ୍ରଦେଶ ଓଡ଼ିଶା କଥା ଚିନ୍ତାକଲେ ଅନ୍ୟ ରାଜ୍ୟ ତୁଳନାରେ ଆମେ ପଛରେ । କେରଳ ଓ ମିଜୋରାମରେ ସାକ୍ଷରତା ହାର ଯଥାକ୍ରମେ ୯୩.୯୧ ପ୍ରତିଶତ ଓ ୯୧.୬ ପ୍ରତିଶତ ହୋଇଥିବା ବେଳେ ବିହାରରେ ସର୍ବନିମ୍ନ ସାକ୍ଷରତା ହେଉଛି ୬୩.୮୨% । ଆମ ଓଡିଶାର ସାକ୍ଷରତା ହାର ୭୩.୫ ପ୍ରତିଶତ ଯାହାକି ଜାତୀୟ ହାର ଠାରୁ କମ୍ । ଏମାନଙ୍କ ମଧ୍ୟରୁ ପୁରୁଷ ସାକ୍ଷରତା ହାର ୮୨.୪ ପ୍ରତିଶତ ଓ ମହିଳା ସାକ୍ଷରତା ହାର ୬୪.୩୬ ପ୍ରତିଶତ।

ମାନବ ଜାତିର ସର୍ବାଙ୍ଗୀନ ବିକାଶର ଉତ୍ସ ହେଉଛି ଶିକ୍ଷା। ପ୍ରତ୍ୟେକ ମଣିଷକୁ ଶିକ୍ଷାର ଅଙ୍ଗନକୁ ଆଣିବା ପାଇଁ ସବୁସ୍ତରରେ ଉଦ୍ୟମ ଜାରି ରହିଛି। ଏସବୁ ସତ୍ତ୍ୱେ ବିଶ୍ୱ ସ୍ତରରେ ପ୍ରତି ୫ଜଣ ବୟସ୍କଙ୍କ ମଧ୍ୟରେ ଜଣେ ଅଶିକ୍ଷିତ ଅଛନ୍ତି। ଆମ ଦେଶ ଓ ରାଜ୍ୟ କଥା ଆହୁରି ତଦ୍ରୂପ। ଏହି ସମସ୍ୟାର ସମାଧାନ ପାଇଁ ପ୍ରାକ୍ ସ୍ୱାଧୀନତା କାଳରୁ ବିଭିନ୍ନ ପ୍ରକାର କାର୍ଯ୍ୟକ୍ରମ ଆରମ୍ଭ ହୋଇଛି । ୧୯୭୮ ମସିହା ଅକ୍ଟୋବର ୨ ତାରିଖରେ ଭାରତ ସରକାର ବହୁଚର୍ଚ୍ଚିତ ପ୍ରୌଢ ଶିକ୍ଷା କାର୍ଯ୍ୟକ୍ରମ ଓ ୧୯୮୭ ମଇ ମାସ ୫ ତାରିଖରୁ ଦେଶରେ ସାକ୍ଷରତା ମିଶନ୍ କାର୍ଯ୍ୟକାରୀ ହେଉଛି । ପରବର୍ତ୍ତୀ କାଳରେ ସମ୍ପୂର୍ଣ୍ଣ ସାକ୍ଷରତା ଯୋଜନା, ନିରନ୍ତର ଶିକ୍ଷା କାର୍ଯ୍ୟକ୍ରମ ଭଳି ଅନେକ ଯୋଜନା ପ୍ରଣୟନ ହୋଇଛି । ସେହିପରି ଓଡ଼ିଶା ସରକାର ୨୦୦୨ ମସିହାରୁ ସର୍ବଶିକ୍ଷା ଭଳି ଗୁରୁତ୍ୱପୂର୍ଣ୍ଣ ଯୋଜନା ଆରମ୍ଭ କରିଛନ୍ତି । ଭାରତ ସରକାର ୨୦୦୯ ମସିହାରେ ଐତିହାସିକ ଶିକ୍ଷା ଅଧିକାର ବିଲ୍ ଆଣି ଶିକ୍ଷାକୁ ମୌଳିକ ଅଧିକାର ପରିସରଭୁକ୍ତ କରିଛନ୍ତି । ଏହାଦ୍ୱାରା ୬ ରୁ ୧୪ ବର୍ଷ ବୟସର ପ୍ରାୟ ୯୨ ଲକ୍ଷ ଶିଶୁ ଶିକ୍ଷାଲାଭର ସୁଯୋଗ ପାଇବାର ଲକ୍ଷ୍ୟ ରଖାଯାଇଛି। ଏକ ହିସାବରୁ ଜଣାଯାଏ ଓଡ଼ିଶାରେ ମଧ ମୋଟ ୬୮ ଲକ୍ଷ ୨୮ ହଜାର ୩୫୭ ଜଣ ଶିଶୁଙ୍କ ମଧ୍ୟରୁ ୩ ଲକ୍ଷ ୫୧ ହଜାର ୧୪୭ ଜଣ ପିଲା ସ୍କୁଲ ଦୁଆରମୁହଁ ମାଡିନାହାଁନ୍ତି ।

ଆମକୁ ମନେ ରଖିବାକୁ ହେବ ଯେ, ନିରକ୍ଷରତା ଏକ ଜାତୀୟ ଲଜ୍ଜା ।ଏହାକୁ ନିଶ୍ଚିନ୍ତଭାବେ ହଟାଇବାକୁ ହେବ । ଏଥିପାଇଁ ପ୍ରତ୍ୟେକ ଶିଶୁକୁ ଶିକ୍ଷାର ଅଙ୍ଗନକୁ ଆଣିବାକୁ ହେବ। କାରଣ ସେ ହିଁ ଦେଶର ପ୍ରଗତିର ମୂଳଦୁଆ । ମୂଳଦୁଆ ଯେତେ ଶକ୍ତ ହେବ, ଦେଶର ଭବିଷ୍ୟତ ସେତେ ସୁଦୃଢ ହେବ । ଏଥିପାଇଁ ସବୁ ଶିଶୁଙ୍କୁ ଦି' ଅକ୍ଷର ପାଠ ଯୋଗାଇ ଦେବାପାଇଁ ସବୁ ସ୍ତରରେ ନିରନ୍ତର ଉଦ୍ୟମ ଲୋଡା ସେଥିପାଇଁ କୁହାଯାଏ- 'ପଢିଲେ ଜାଣିବା, ଜାଣିଲେ ଜିଣିବା'

# କାର୍ତ୍ତିକ ମାସର ମହାତ୍ମ୍ୟ ଓ କାର୍ତ୍ତିକ ବ୍ରତକଥା



*ସୌର ଚନ୍ଦ୍ର ମହାପାତ୍ର*
ବରିଷ୍ଠ ଆଇନଜୀବୀ, ଓଡ଼ିଶା ହାଇକୋର୍ଟ, କଟକ
ଦୂରଭାଷ : ୯୪୩୭୦୦୪୪୬୬
ଇମେଲ : soura999mohapatra@gmail.com

ପାରମ୍ପରିକ ଓଷା, ବ୍ରତ ଓ ମେଳା ପାଳନରେ ଓଡ଼ିଶା ସମଗ୍ର ଭାରତବର୍ଷରେ ବେଶ ଆଗରେ। ଓଡ଼ିଶାରେ ପାଳିତ ଓଷା ବ୍ରତମାନଙ୍କ ମଧ୍ୟରେ କାର୍ତ୍ତିକ ମାସରେ ପାଳନ କରାଯାଉଥିବା କାର୍ତ୍ତିକ ବ୍ରତ ବେଶ୍ ମହତ୍ୱ ରଖେ। ଓଡ଼ିଶାରେ ଅଗଣିତ ଦେବାଦେବୀଙ୍କର ପୂଜା ଉପାସନା କରାଯାଇଥାଏ। ଗ୍ରାମମାନଙ୍କରେ ନିଜ ନିଜର ଗ୍ରାମ ଦେବତା ବା ଗ୍ରାମଦେବତୀ ପୂଜା ପାଇଥାନ୍ତି। ଗ୍ରାମ ଦେବତା ଓ ଗ୍ରାମ ଦେବତୀ ମାଟିର ମଣିଷ ପରି ସାଧାସିଧା। ସମସ୍ତଙ୍କ ପଛରେ ଥାଏ ନିଆରା କିମ୍ବଦନ୍ତୀ, ଭିନ୍ନ ଭିନ୍ନ ପରମ୍ପରା, ମେଳା ମଉଛବ। ଉତ୍କଳୀୟ ପର୍ବପର୍ବାଣୀ ଏହି ଦୃଷ୍ଟିରୁ ମହାଭାରତୀୟ ସ୍ରୋତରୁ ଭିନ୍ନ ନୁହେଁ। ବିଶେଷତଃ ପର୍ବପର୍ବାଣୀ, ଓଷାବ୍ରତ ଓ ଯାନିଯାତ୍ରା ତିଥି, ବାର, ନକ୍ଷତ୍ର ଆଧାରରେ ପାଳିତ ହୋଇଥାଏ। ଉତ୍କଳୀୟ ପର୍ବପର୍ବାଣୀ, ଓଷାବ୍ରତ ଗୁଡ଼ିକକୁ ମୁଖ୍ୟତଃ ୪ଟି ଭାଗରେ ଭାଗ କରାଯାଇଛି। ଯଥା ୧. ଶାସ୍ତ୍ରୀୟ, ୨. ଲୌକିକ, ୩. ଆଞ୍ଚଳିକ ଓ ୪. କୃଷି ଭିତ୍ତିକ। କୃତ୍ତିକା ନକ୍ଷତ୍ରଯୁକ୍ତ ପୂର୍ଣ୍ଣିମା ପଡୁଥିବା ଚନ୍ଦ୍ର ମାସକୁ କାର୍ତ୍ତିକ ମାସ କୁହାଯାଏ। ପୌରାଣିକ ମତରେ ପରମପିତା ବ୍ରହ୍ମା ଦେବର୍ଷି ନାରଦଙ୍କୁ କାର୍ତ୍ତିକ ମାସ ବିଷୟରେ କହିଛନ୍ତି - ଦେବତାମାନଙ୍କ ମଧ୍ୟରେ ଭଗବାନ ବିଷ୍ଣୁ ତୀର୍ଥମାନଙ୍କ ମଧ୍ୟ ନାରାୟଣ ତୀର୍ଥ ବଦ୍ରିକା ଗ୍ରାମ ଏବଂ ମାସ ମାନଙ୍କ ମଧ୍ୟରେ କାର୍ତ୍ତିକ ମାସ ଶ୍ରେଷ୍ଠ ଅଟେ। ଏହା କଳି ଯୁଗରେ ଅତ୍ୟନ୍ତ ଦୁର୍ଲ୍ଲଭ। 'ନା କାର୍ତ୍ତିକ ସମୋ ମାସୋ ନ କୃତେନ ସମଂ ଯୁଗମ୍। ନ ବେଦ ସଦୃଶଂ ଶାସ୍ତ୍ରଂ ନ ତୀର୍ଥ ଗଙ୍ଗାୟ ସମମ୍।' ଅର୍ଥାତ୍ କାର୍ତ୍ତି ମାସ ପରି ମାସ ନାହିଁ, ସତ୍ୟ ଯୁଗ ପରି ଯୁଗ ନାହିଁ। ବେଦ ସଦୃଶ ଶାସ୍ତ୍ର ନାହିଁ ଏବଂ ଗଙ୍ଗାପରି ତୀର୍ଥ ନାହିଁ। କାର୍ତ୍ତିକ ମାସ ଭଗବାନ ବିଷ୍ଣୁଙ୍କ ଅତି ପ୍ରିୟ ମାସ। ଏହି କାର୍ତ୍ତିକ ପୂର୍ଣ୍ଣମୀରେ ଭଗବାନ ବିଷ୍ଣୁ ମତ୍ସ୍ୟ ରୂପ ଧାରଣ କରି ପୃଥିବୀକୁ ରକ୍ଷା କରିଥିଲେ। ଏହା ମଧ୍ୟ ଧର୍ମୀୟ ମାସ ହୋଇଥିବାରୁ ଗାଁରୁ ସହର ଯାଏଁ ସମସ୍ତ ନରନାରୀ ଏହାକୁ ନିଷ୍ଠାର ସହିତ ପାଳନ କରିଥାନ୍ତି। କାର୍ତ୍ତିକମାସ ବ୍ରତ ମୁଖ୍ୟତଃ ବିଧବା ନାରୀମାନେ ପଳନ କରୁଥିବା ସ୍ଥଳେ ଏବେ ସଧବା ନାରୀ ଓ ପୁରୁଷମାନେ ମଧ୍ୟ ପାଳନ କରୁଥିବାର ଲକ୍ଷ୍ୟ କରାଯାଏ। ଏହି ଧର୍ମୀୟ ମାସ ମଧ୍ୟରେ ଦୀପାବଳୀରେ ଦୀପଦାନ, କାର୍ତ୍ତିକ ପୂର୍ଣ୍ଣମୀରେ ବୋଇତ ବନ୍ଦାଣ, ରାଧା ଦାମୋଦର ପୂଜା, ବାଲୁଙ୍କା ପୂଜା ଇତ୍ୟାଦି ପୂଜା କରାଯାଏ। ଯେଉଁ ବ୍ରତଧାରୀ ହବିଷ୍ୟାଳୀମାନେ ମାସ ସାରା ବ୍ରତ ପାଳନ କରି ନପାରନ୍ତି ମାସର ଶେଷ ପାଞ୍ଚଦିନ ଅର୍ଥାତ୍ କାର୍ତ୍ତିକ ଶୁକ୍ଳ ଏକାଦଶୀ ଠାରୁ ପୂର୍ଣ୍ଣମୀ ପୂର୍ଯ୍ୟନ୍ତ ଅତି ପବିତ୍ର ହୋଇଥିବାରୁ ଏହାକୁ ପାଳନ କରିଥାନ୍ତି। ଏହି ପାଞ୍ଚ ଦିନକୁ ଭୀଷ୍ମ ପଞ୍ଚକ, ବକ ପଞ୍ଚକ, ମହା ପଞ୍ଚକ ଇତ୍ୟାଦି କୁହାଯାଏ।

କାର୍ତ୍ତିକ ବ୍ରତବିଧି : ବର୍ଷର ବାରମାସ ମଧ୍ୟରୁ ବୈଶାଖ, ଆଷାଢ଼, କାର୍ତ୍ତିକ ଓ ମାଘମାସ ହେଉଛି ଅତି ପବିତ୍ର ତଥା ଧର୍ମମାସ। ଏହି ପବିତ୍ର ଚାରି ଧର୍ମମାସରେ କାର୍ତ୍ତିକ ମାସର ସ୍ଥାନ ସର୍ବଶ୍ରେଷ୍ଠ। ଆବାଳ ବୃଦ୍ଧବନିତା ଏହି ଧର୍ମୀୟ ମାସକୁ ବେଶ ନିଷ୍ଠାର ସହିତ ପାଳନ କରିଥାନ୍ତି। ପ୍ରତ୍ୟୁଷରୁ ସ୍ନାନ ସାରି ଦେବ ଦର୍ଶନ କରାଯାଏ। ବିଧବା ତଥା ସଧବା ନାରୀମାନେ ହବିଷ୍ୟ ପାଳନ କରିଥାନ୍ତି। ହବିଷ୍ୟ ପାଳନ କରୁଥିବା ମହିଳା ଓ ପୁରୁଷମାନେ ମାସ ସାରା ଆମିଷ ଭୋଜନ କରନ୍ତି ନାହିଁ। ସୂର୍ଯ୍ୟାସ୍ତ ପୂର୍ବରୁ ବିନା ପିଆଜ ରସୁଣରେ ପ୍ରସ୍ତୁତ ହବିଷାନ୍ନ ଭକ୍ଷଣ କରି ବ୍ରତ ରଖିଥାନ୍ତି। ହିନ୍ଦୁ ବ୍ରାହ୍ମଣ ଘରର ବିଧବା ନାରୀମାନଙ୍କ ପାଇଁ ହବିଷ୍ୟ ପାଳନ କରିବା ଏକ ବିଧି। ପ୍ରତ୍ୟୁଷରୁ ସ୍ନାନ ଓ ଦେବ ଦର୍ଶନ ପରେ ହବିଷ୍ୟାଳୀମାନେ ଏକାଠି ହୋଇ ଚଉଁରା ମୂଳେ ରାଇ ଦାମୋଦରଙ୍କୁ ପୂଜା କରନ୍ତି। ତା ସହିତ କାର୍ତ୍ତିକ ମହାତ୍ମ୍ୟ ପଢ଼ନ୍ତି ଓ ଶ୍ରବଣ କରନ୍ତି। ସଂଧ୍ୟାରେ ଆକାଶଦୀପ ପ୍ରଜ୍ୱଳନ କାର୍ତ୍ତିକ ବ୍ରତର ଆଉ ଏକ ମହତ୍ୱପୂର୍ଣ୍ଣ ଅଙ୍ଗ। ଏହି ବ୍ରତ ପାଳନ ପାଇଁ ସାରା ଓଡ଼ିଶାର କୋଣ ଅନୁକୋଣରୁ ହିବଷ୍ୟାଳୀମାନେ ଆସି ଭୁବନେଶ୍ୱରରେ ବିନ୍ଦୁ ସାଗର ନିକଟରେ ତାଙ୍କର ବ୍ରତ ରଖିଥାନ୍ତି। ସେହିପରି ପବିତ୍ର ତୀର୍ଥକ୍ଷେତ୍ର ପୁରୀକୁ ବ୍ରତ ପାଇଁ ହବିଷ୍ୟାଳୀମାନେ ଧର୍ମୀୟ ମନୋଭାବ ନେଇ ଆସିଥାନ୍ତି। ହବିଷ୍ୟାଳୀମାନେ ଦୂରଦୂରାନ୍ତରୁ ଆସି ଥିବାରୁ ଓ ବିଭିନ୍ନ ସମସ୍ୟାର ସମ୍ମୁଖୀନ ହେଉଥିବାରୁ ଓଡ଼ିଶା ରାଜ୍ୟ ସରକାର ଏମାନଙ୍କର ସୁବିଧା ପାଇଁ ଅସ୍ଥାୟୀ କ୍ୟାମ୍ପ ମାନ ସ୍ଥାପନ କରି ସୁବିଧା କରିଛନ୍ତି।

କାର୍ତ୍ତିକରେ ଦୀପଦାନ : କାର୍ତ୍ତିକ ମାକାସରେ ଦୀପଦାନ ବେଶ୍ ମହତ୍ୱପୂର୍ଣ୍ଣ ଅଟେ। ଏହି ମାସରେ ପବିତ୍ର ନଦୀରେ ସ୍ନାନ କରି ନଦୀ ନିକଟସ୍ଥ ମନ୍ଦିରରେ ଦୀପଦାନ କରିବା ସହିତ ଆକାଶକୁ ମଧ୍ୟ ବିଭିନ୍ନ ବାଣ ରୋଷଣୀ ଛଡ଼ାଯାଇଥାଏ। ଏହି ଦୀପଦାନ କାର୍ଯ୍ୟଟି ଶରତ ପୂର୍ଣ୍ଣିମା ଠାରୁ ଆରମ୍ଭ ହୋଇ କାର୍ତ୍ତିକ ପୂର୍ଣ୍ଣିମା ପର୍ଯ୍ୟନ୍ତ ଚାଲିଥାଏ। ପିତୃପୁରୁଷଙ୍କୁ ପଥ ପ୍ରଦର୍ଶନ ଏବଂ ସେମାନଙ୍କ ଅନ୍ଧକାରଚ୍ଛନ୍ନ ପଥକୁ ଆଲୋକିତ କରିବା ସକାଶେ ସୁଉଚ୍ଚ ସ୍ଥାନରେ ପ୍ରଦୀପ ପ୍ରଜ୍ୱଳନ କରାଯାଏ। ବିଶ୍ୱାସ ଅଛି ଯେ କାର୍ତ୍ତିକ ମାସରେ ଦୀପଦାନ କଲେ ଘରକୁ ଧନ ଆସେ। କାର୍ତ୍ତିକ ମାସରେ ଲକ୍ଷ୍ମୀଙ୍କୁ ଦୀପଦାନ କଲେ ମା'ଲକ୍ଷ୍ମୀ ଅନ୍ଧକାର ଦୂରକରି ଜୀବନକୁ ଆଲୋକିତ କରନ୍ତି। କାର୍ତ୍ତିକ ମାସରେ ମୃତ୍ୟୁ ବରଣ କଲେ ସ୍ୱର୍ଗପ୍ରାପ୍ତି ହୁଏ ବୋଲି ଲୋକବିଶ୍ୱାସ ରହିଛି। କାର୍ତ୍ତିକରେ ତୁଳସୀ ମହତ୍ୱ : କାର୍ତ୍ତିକ ବ୍ରତ ସମୟରେ ବ୍ରାହ୍ମ ମୁହୂର୍ତ୍ତରୁ ସ୍ନାନାଦି ସାରି ସୂର୍ଯ୍ୟଦେବଙ୍କୁ ଉପାସନା ଓ ତୁଳସୀ ଚଉଁରା ମୂଳେ ପାଣି ଚଢ଼ାଇଲେ ଅଶେଷ ପୁଣ୍ୟ ହୋଇଥାଏ। ଏକ ହଜାର ତୁଳସୀ ପତ୍ରରେ ଭଗବାନ ବିଷ୍ଣୁଙ୍କୁ ପୂଜା କଲେ ସେ ସନ୍ତୁଷ୍ଟ ହୋଇ ଅଶେଷ ବରଦାନ କରନ୍ତି ବୋଲି ବିଶ୍ୱାସ ଅଛି। ତୁଳସୀ ପତ୍ରକୁ ସେବନ କଲେ ଶରୀର ନିରୋଗ ରହେ। କାର୍ତ୍ତିକରେ ଦାନ : ଏହି ମାସରେ ଗରୀବଙ୍କୁ ଓ ବ୍ରାହ୍ମଣମାନଙ୍କୁ ଦାନ କଲେ ବିଶେଷ ପୁଣ୍ୟ ହୁଏ ବୋଲି ଲୋକ ବିଶ୍ୱାସ କରନ୍ତି। ବ୍ୟକ୍ତି କାର୍ତ୍ତିକ ମାସର ଦିନମାନଙ୍କରେ ତୁଳସୀ ଦାସ, ଅନ୍ନଦାନ, ଗୋଦାନ ଇତ୍ୟାଦି ଦାନ କଲେ ସର୍ବାଧିକ ପୂଣ୍ୟ ପ୍ରାପ୍ତ ହୁଏ। କାର୍ତ୍ତିକରେ ବାଣିଜ୍ୟ ଶୁଭାରମ୍ଭ : କାର୍ତ୍ତିକ ମାସରେ ବ୍ୟବସାୟର ଶୁଭାରମ୍ଭ କଲେ ବ୍ୟବସାୟ ପ୍ରତିଷ୍ଠିତ ହୁଏ ବୋଲି ବିଶ୍ୱାସ କରାଯାଏ। ଅତୀତରେ ଓଡ଼ିଆ ସାଧବ ପୁଅ କାର୍ତ୍ତିକ ପୂର୍ଣ୍ଣମୀରେ ବୋଇତ ବନ୍ଦାଣ କରି ବିଦେଶକୁ ବ୍ୟବସାୟ ପାଇଁ ଯାଉଥିଲେ ଓ ଫେରିଲା ବେଳକୁ ସାଥିରେ ଅପର୍ଯ୍ୟାପ୍ତ ଧନଦୌଲତ ଘେନି ଫେରୁଥିଲେ। ତେଣୁ ଏହି ପୂର୍ଣ୍ଣମୀ ଦିନ ସାଧବ ବୋହୂମାନେ ତାଙ୍କ ସ୍ୱାମୀମାନଙ୍କର ଶୁଭ ମନାସୀ ବୋଇତ ବନ୍ଦାଣ କରି ସ୍ୱାମୀମାନଙ୍କୁ ବ୍ୟବସାୟ ପାଇଁ ମେଲାଣି ଦେଉଥିଲେ। ଯାହାକୁ ସ୍ମରଣୀୟ କରିବାକୁ ଆଜି ଆମ ଓଡ଼ିଶାର କଟକରେ ଗଡ଼ଗଡ଼ିଆ ଘାଟ ଓ ପାରାଦ୍ୱୀପରେ ବୋଇତ ବନ୍ଦାଣ ଉତ୍ସବରେ ପରିଣତ ହୋଇଛି। କାର୍ତ୍ତିକ ସୋମବାରରେ ହବିଷ୍ୟ ପାଳନ ପୂର୍ବକ ଆଶୁତୋଷଙ୍କୁ ପୂଜା କରାଯାଏ। ବିଶ୍ୱାସ ଅଛି ଯେ ଆଶୁତୋଷଙ୍କୁ ପୂଜା କଲେ, ରୋଗ, ଶୋକରୁ ମୁକ୍ତି ମିଳେ। କାର୍ତ୍ତିକ ପୂର୍ଣ୍ଣମୀ ଦିନ ଗଙ୍ଗାରେ ସ୍ନାନ ପରେ ଦୀପଦାନ କରି ହବିଷ ଭୋଜନ କଲେ ସବୁ କିଛି ସାଂସାରିକ ପାପତାପରୁ ମୁକ୍ତିମିଳେ। ଅନ୍ନ, ଧନ ଓ ବସ୍ତ୍ରଦାନ କଲେ ବେଶ୍ ପୁଣ୍ୟ ମିଳେ। ଶେଷରେ ବ୍ରତଧାରୀମାନେ ପୂର୍ଣ୍ଣମୀ ଦିନ ପୋଖରୀ ଓ ନଦୀରେ କଦଳୀ ପଟୁଆରେ ପାନଗୁଆ ଥୋଇ ଦୀପ ଜଳାଇ ବ୍ରତ ଭାଙ୍ଗିବା ପାଇଁ ଗାଇଥାନ୍ତି 'ଆ କା ମା ବୈ, ପାନଗୁଆ ଥୋଇ, ପାନଗୁଆ ତୋର, ମାସକ ଧରମ ମୋର।'

# ଆହାର ବ୍ୟାୟାମ ବିଶ୍ରାମ



ଅନୁପମା ମହାରଣା
ଶିଖରପୁର ଉପରସାହି, କଟକ
ଦୂରଭାଷ ୯୪୩୮୫୮୩୨୮୯

ସେଦିନ ଅଫିସରେ ପହଞ୍ଚୁ ପହଞ୍ଚୁ ରୋମାଙ୍କର ଡ଼େରି ହୋଇଗଲା । କାହାକୁ କିଛି ନ କହି ସେ ଚେୟାର ଉପରେ ବସି ପଡ଼ିଲେ । ତାଙ୍କର ବିଷର୍ଣ୍ଣ ବଦନ ଦେଖି ସହକର୍ମୀ ନୀତା ପଚାରିଲେ ଆରେ ତୋ'ର କ'ଣ ହୋଇଛି ? ତୋ ମୁହଁ କାହିଁକି ଶୁଖିଲା ଦେଖାଯାଉଛି । ଆରେ ଏମିତି କାମରେ ବ୍ୟସ୍ତ ରହିବା ସହ ଶରୀରର ବି ଯତ୍ନ ନେବା ଆବଶ୍ୟକ । ଏତକ ଶୁଣିବା ପରେ ରୋମା ଉତ୍ତର ଦେଲେ - କ'ଣ କରିବି କହିଲୁ ? ୩-୪ ଦିନ ହେବ ଦେହ ଭଲ ନାହିଁ । ଡାକ୍ତରଙ୍କ ପାଖକୁ ଯିବି ଯିବି ବୋଲି ଯାଇପାରୁନାହିଁ । ଗତ ସପ୍ତାହରେ କିଛି ଦିନ ମର୍ଣ୍ଣିଂ ୱାକ୍ କଲି । ହେଲେ ୪-୫ଦିନ ପରେ ଆଉ ଆଗ୍ରହ ହେଲା ନାହିଁ । ସତ କଥା କହିଲେ ଟାଇମ୍ ନାହିଁ । ନୀତା କହିଲେ ମୁଁ ତୋତେ ବୁଝାଇଲେ ତୁ ବୁଝିବୁ ନାହିଁ । ତୁ ଡାକ୍ତରଙ୍କ ପାଖକୁ ଚାଲ । ଡାକ୍ତରଙ୍କ ପାଖକୁ ଯାଇ ରୋମା ଯାହା ଶୁଣିଲେ ତାହା ତାଙ୍କ ମନରେ ଥିବା ଅନେକ ସନ୍ଦେହକୁ ଦୂର କରିଦେଲା । କେବଳ ରୋମା ନୁହଁନ୍ତି, ଏପରି ଅନେକ କର୍ମଜୀବୀ ମହିଳା ଅଛନ୍ତି ଯେଉଁମାନେ କାମକୁ ଗୁରୁତ୍ୱ ଦେଇ ନିଜ ସ୍ୱାସ୍ଥ୍ୟର ଯତ୍ନ ନେବାକୁ ସମୟ ପାଇନଥାନ୍ତି । ଯେତେବେଳେ ନେଡ଼ିଗୁଡ଼ କହୁଣିକୁ ବୋହିଯାଏ ସେତେବେଳେ ଡାକ୍ତରଙ୍କ ପାଖକୁ ଯାଇ ଅଯଥା ଟଙ୍କା ଖର୍ଚ୍ଚ କରିଥାନ୍ତି । ତେଣୁ ନିଜର ଦାୟିତ୍ୱ ସହ ଆଉ କେତୋଟି ବିଷୟ ପ୍ରତି ସଚେତନ ରହିଲେ ରୋମାଙ୍କ ପରି ସମସ୍ୟା ଆସିବାର ଆଶଙ୍କା ଅନେକାଂଶରେ କମ୍ ଥାଏ ।

ପ୍ରଥମ କଥା ହେଲା ସମୟ । ଏଣେ ଚାକିରିକୁ ତେଣେ ଘରକାମ । ଏସବୁ ଭିତରେ ଜଣେ କର୍ମଜୀବୀ ମହିଳାଙ୍କୁ ନିଜ ପାଇଁ କିଛି ସମୟ ବାହାର କରିବାକୁ ପଡ଼ିବ । ସକାଳୁ ଅଫିସ ଗଲେ ବି ବଡ଼ି ଭୋରରୁ ଉଠି କିଛି ସମୟ ବ୍ୟାୟାମ କଲେ କିଛି କ୍ଷତି ନାହିଁ । କିପରି ବ୍ୟାୟାମ କଲେ ତାହା ଆପଣଙ୍କ ଶରୀର ପାଇଁ ଯେ ଉପକାରୀ ଜାଣିବା ଦରକାର । ଏଥିନେଇ ଡାକ୍ତରଙ୍କ ସହ ପରାମର୍ଶ କରନ୍ତୁ । କେବଳ ବ୍ୟାୟାମ ନୁହେଁ, ସକାଳୁ କିଛି ସମୟ ଯୋଗ କରିପାରନ୍ତି । ସକାଳୁ ଅତିକମ୍‌ରେ ୧୦ ମିନିଟ୍ ଯୋଗ କରିବାକୁ ଚେଷ୍ଟା କରନ୍ତୁ । ଯଦି ନିୟମିତ ଜିମ୍ ଯାଉଛନ୍ତି ତେବେ ସେଠାରେ ଏପରି ବ୍ୟାୟାମ କରନ୍ତୁ ଯାହାଦ୍ୱାରା ହୃଦ୍‌ସ୍ପନ୍ଦନ ସନ୍ତୁଳିତ ରହିବ । ଶରୀରକୁ ଝାଳ ନିର୍ଗତ ହେବା ପରେ ଅନ୍ତତଃ ଅଧ ଘଣ୍ଟାଏ ବିଶ୍ରାମ ନିଅନ୍ତୁ । ଲିଫ୍ଟରେ ନଯାଇ ଶିଡ଼ିରେ ଯାଆନ୍ତୁ । ଏହାଦ୍ୱାରା ମାଂସପେଶୀ ଆହୁରି ଚଳଚଞ୍ଚଳ ରହିଥାଏ । ଗୋଟିଏ ସ୍ଥାନରେ ଅଧିକ ସମୟ ବସି ରହି କାମ କରୁଥିଲେ ମଝିରେ କିଛି ସମୟ ଚାଲବୁଲ କରନ୍ତୁ ।

ହେଲେ କେଉଁ କାମ କେଉଁ ସମୟରେ କରିବେ ତାହାର ତାଲିକା ପ୍ରସ୍ତୁତ କରିବା ଦରକାର । ନ ହେଲେ ଏକାଥରେ ସବୁକାମ ଆବୋରି ହଇରାଣ ହେବା ହିଁ ସାର । ସପ୍ତାହରେ ସବୁଦିନେ ନ ହେଲା ନାହିଁ ଅତିକମ୍‌ରେ ପାଞ୍ଚଦିନ ବ୍ୟାୟାମ କଲେ ତାହା ଶରୀର ପାଇଁ ବେଶ୍ ଉପକାରୀ । ଦିନକୁ ଘଣ୍ଟାଏ ହେଉ ଅବା ଅଧଘଣ୍ଟାଏ ଏଥିପାଇଁ ରଖନ୍ତୁ । ନିଜକୁ ଫିଟ୍ ରଖିବାକୁ ଖାଲି ବ୍ୟାୟାମ କଲେ ହେବ ନାହିଁ, ଖାଦ୍ୟପେୟ ପ୍ରତି ବି ଧ୍ୟାନ ଦେବାକୁ ପଡ଼ିଥାଏ । ସବୁବେଳେ ଭିଟାମିନ୍‌ଯୁକ୍ତ ଖାଦ୍ୟ ଖାଆନ୍ତୁ । ସନ୍ତୁଳିତ ଆହାର ଯେ ଶରୀର ପାଇଁ ଉପକାରୀ ଏକଥା ଭୁଲି ଯାଆନ୍ତୁ ନାହିଁ । ଅଫିସ ଯିବା ପୂର୍ବରୁ ସବୁ କାମ ଠିକ୍ ସମୟରେ ଶେଷ କରନ୍ତୁ । ସକାଳ ଜଳଖିଆରେ ତଟକା ଫଳମୂଳ ସାମିଲ କରନ୍ତୁ । ଏହାଦ୍ୱାରା ଆପଣଙ୍କର ଓଜନ ସନ୍ତୁଳିତ ରହିବ । ଫାଷ୍ଟଫୁଡ଼୍‌ଜାତୀୟ ଖାଦ୍ୟ ଯେତେ କମ୍ ଖାଇବେ ତାହା ସେତେ ଭଲ । ପୁଷ୍ଟିକର ତଥା ଭିଟାମିନ୍‌ଯୁକ୍ତ ଖାଦ୍ୟ ଖାଆନ୍ତୁ ।

କର୍ମଜୀବୀ ମହିଳାଙ୍କ ପାଇଁ ସବୁଠାରୁ ଖାସ୍ କଥା ହେଲା ବିଶ୍ରାମ । ଦିନ ତମାମ ଅଫିସରେ କାମ ସହ ଘର ଦାୟିତ୍ୱ ବି ନେବାକୁ ପଡ଼ିଥାଏ । ତେଣୁ ଶରୀରକୁ ବିଶ୍ରାମ ଦରକାର । ପ୍ରତିଦିନ ଆବଶ୍ୟକ ମୁତାବକ ବିଶ୍ରାମ ନିଅନ୍ତୁ । ପରିଶ୍ରମ ଅନୁସାରେ ବିଶ୍ରାମ ନନେଲେ ତାହା କେତେକ ରୋଗର କାରଣ ହୋଇଥାଏ । ଏହାବ୍ୟତୀତ ନିୟମିତ ସମୟ ଅନ୍ତରାଳରେ ଡାକ୍ତରଙ୍କ ପାଖକୁ ଯାଇ ଶରୀର ଚେକ୍‌ଅପ୍ କରାଇ ନିଅନ୍ତୁ । ମୁଖ୍ୟତଃ ଆହାର, ବ୍ୟାୟାମ ଓ ବିଶ୍ରାମ ପ୍ରତି ଧ୍ୟାନ ଦେଲେ ଜଣେ କର୍ମଜୀବୀ ମହିଳା ସୁସ୍ଥ ଜୀବନଯାପନ କରିପାରିବେ - ଏକଥା ସେମାନେ ହୃଦୟଙ୍ଗମ କରିବା ଦରକାର ।

# ଉତ୍ତମ ନାଗରିକ ଗଢିବା ଆମର ଲକ୍ଷ୍ୟ:ନବୀନ

**ଭୁବନେଶ୍ୱର(ପରମେଶ୍ୱର ଦାଶ):-** କେବଳ କୋମଳ ନୁହେଁ, ଶିଶୁମାନେ ସମାଜର ସବୁଠାରୁ ସମ୍ବେଦନଶୀଳ ବର୍ଗ ହୋଇଥିବା ହେତୁ ରାଜ୍ୟ ସରକାର ଶିଶୁମାନଙ୍କ ଶିକ୍ଷା, ସୁରକ୍ଷା ଏବଂ ସାମଗ୍ରିକ ବିକାଶ ପାଇଁ ସର୍ବାଧିକ ପ୍ରତିବଦ୍ଧତାର ସହ କାର୍ଯ୍ୟ କରୁଛନ୍ତି। ଶିଶୁମାନଙ୍କ ପ୍ରତି କୌଣସି ପ୍ରକାର ଅନ୍ୟାୟ ପ୍ରତି ରାଜ୍ୟ ସରକାର ଶୂନ୍ୟ ସହନଶୀଳତା ପ୍ରଦର୍ଶନ କରିଛନ୍ତି। ସେମାନଙ୍କୁ ସବୁପ୍ରକାର ସହାୟତା ଯୋଗାଇଦେବା ନିମନ୍ତେ ବିଜୁ ଶିଶୁ ସୁରକ୍ଷା ଯୋଜନା, ଆଶୀର୍ବାଦ, ବିଜୁ କନ୍ୟା ରତ୍ନ ଯୋଜନା, ଆଦ୍ୱିକା ଭଳି ଶିଶୁ ଅନୁକୂଳ ରାଜ୍ୟ ଯୋଜନା ପ୍ରଣୟନ କରାଯାଇଛି। ନିକଟରେ ରାଜ୍ୟର ୩୪ଟି ପୋଲିସ୍ ଜିଲ୍ଲାରେ ୩୪ଟି ଶିଶୁ ଅନୁକୂଳ ଥାନା ସ୍ଥାପନ କରାଯିବ ବୋଲି ନିଷ୍ପତ୍ତି ହୋଇଛି। ଶିଶୁମାନଙ୍କୁ କୋଭିଡ୍‌ର ପ୍ରତିକୂଳ ପ୍ରଭାବରୁ ସୁରକ୍ଷିତ ରଖିବା ନିମନ୍ତେ ବହୁବିଧ ପଦକ୍ଷେପ ନିଆଯାଉଛି। ଶିଶୁମାନଙ୍କ ଶିକ୍ଷା, ସ୍ୱାସ୍ଥ୍ୟ ଓ ପୁଷ୍ଟିସାଧନ ସହ ମାନସିକ ସ୍ତରରେ ସେମାନଙ୍କୁ ସଶକ୍ତ କରି ପରବର୍ତ୍ତୀ ପିଢିକୁ ଉତ୍ତମ ନାଗରିକ କରି ଗଢିତୋଳିବା ଆମର ଲକ୍ଷ୍ୟ ବୋଲି ଆଜି ମାନ୍ୟବର ମୁଖ୍ୟମନ୍ତ୍ରୀ ଶ୍ରୀ ନବୀନ ପଟ୍ଟନାୟକ ଓଡ଼ିଶା ରାଜ୍ୟ ଶିଶୁ ଅଧିକାର ସୁରକ୍ଷା ଆୟୋଗର



ଏକାଦଶତମ ପ୍ରତିଷ୍ଠା ଦିବସ ଅବସରରେ ତାଙ୍କ ଭିଡିଓ ବାର୍ତ୍ତାରେ କହିଛନ୍ତି।

କିଟ୍ ପ୍ରେକ୍ଷାଳୟରେ ଆୟୋଗର ଅଧକ୍ଷା ସୁଶ୍ରୀ ସନ୍ଧ୍ୟାବତୀ ପ୍ରଧାନଙ୍କ ସଭାପତିତ୍ୱରେ ଅନୁଷ୍ଠିତ ପ୍ରତିଷ୍ଠା ଦିବସକୁ ଆରକ୍ଷୀ ମହାନିର୍ଦ୍ଦେଶକ ଶ୍ରୀ ଅଭୟ ଏବଂ ମହିଳା ବିକାଶ ଏବଂ ଜଳସଂପଦ ବିଭାଗର ପ୍ରମୁଖ ଶାସନ ସଚିବ ଅନୁ ଗର୍ଗ ଏବଂ ବିଶିଷ୍ଟ ଅତିଥିମାନେ ଯୋଗଦେଇ କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିଥିଲେ। ଶ୍ରୀମତୀ ଗର୍ଗ କୋଭିଡ୍ ମହାମାରୀ ସମୟରେ ବିଭାଗ ଦ୍ୱାରା ଶିଶୁ ଓ ପିଲାମାନଙ୍କୁ ମାନସିକ ଓ ଶାରୀରିକ ସ୍ତରରେ ସକ୍ରିୟ ରଖିବା ନିମନ୍ତେ ନିଆଯାଇଥିଲା ବିଭିନ୍ନ ପଦକ୍ଷେପ ସଂପର୍କରେ ସୂଚନା ଦେଇଥିଲେ।

ଏହି ପ୍ରତିଷ୍ଠା ଦିବସରେ ବହୁ ସରକାରୀ ଅଧିକାରୀ, ସ୍ୱେଚ୍ଛାସେବୀ ଅନୁଷ୍ଠାନ, ଡିଏସ୍‌ଡବ୍ଲୁଓ, ଡିସିପିଓ, ସିଡବ୍ଲୁସିର କାର୍ଯ୍ୟକର୍ତ୍ତା ଓ ଶିଶୁ ଯତ୍ନ ଅନୁଷ୍ଠାନଗୁଡିକର ଅନ୍ତେବାସୀମାନେ ଆଭାସୀ ମାଧମରେ ଯୋଗଦେଇଥିଲେ।

# କଟକରେ ବାସୀ ଓ ଅପମିଶ୍ରିତ ଖାଦ୍ୟ ଜବତ

**କଟକ(ସଂପର୍କବାର୍ତ୍ତା):-** କଟକ ମହାନଗର ନିଗମ ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ଏବେ ସହରର ବଡ ଓ ପ୍ରତିଷ୍ଠିତ ବ୍ୟବସାୟ ପ୍ରତିଷ୍ଠାନ ଉପରେ ଚଢଉ ଚାଲିଛି ।ବିଭାଗ ତରଫରୁ ଗତ ୨୯ତାରଖରେ କନିକାଛକସ୍ଥ ରଲାଏନ୍ସ ଫ୍ରେସରେ ଚଢଉ କରି ସିନ୍ଥେଟିକ୍ ଅଣ୍ଡାଜବତ କରାଯାଇ ଥିବା ସମୟରେ ଆଜି ବାଦାମବାଡିସ୍ଥିତ କେଏଫ୍ସି ଉପେ ଚଢଉ କରି ବାସି ଓ ଅପମିଶ୍ରିତ ଖାଦ୍ୟ ଜବତ କରାଯାମିବା ସହିତ ସେ ଗୁଡିକୁ ନଷ୍ଟ କରାଯାଇଛି । ଅନ୍ୟପଟେ ସିଏମ୍‌ସି ପକ୍ଷରୁ ଆଜି ଅପରାହ୍ନରେ ଜଗତପୁର ନିମପୁରସ୍ଥିତ ଏକ ଲଡୁ ପ୍ରସ୍ତୁତକାରୀ କମ୍ପାନି ଉପରେ ମଧ୍ୟ ଚଢଉ କରାଯାଇଛି ।ଆଜି ଦିନ ପ୍ରାୟ ସାଢେ ୧୧ଟାରେ ସିଏମ୍‌ସି ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ବାଦାମବାଡି ଟ୍ରଫିକ ଛକରେ ଥିବା କେଏଫ୍‌ସି ଉପରେ ଚଢଉ କରାଯାଇଥିଲା ସେଠାରେ ବରଗର ପ୍ରସ୍ତୁତ ପାଇଁ ଥିବା ୨୦କେଜିର ବାସି ପାଉଁରୁଟି (ବନ୍) ଓ ୧୫ କେଜିର କ୍ରିସ୍ପି ଚିକେନ୍କୁ ଜବତ କରାଯାଇଛି। ଫିମ୍ପି ମାରି ଯାଇଥିବା ପାଉଁରୁଟିରେ ବରଗର ପ୍ରସ୍ତୁତ କରି ଗ୍ରାହକଙ୍କୁ ଦିଆଯାଉଥିବା। ବେଳେ ଏକ୍ସପ୍ୟାରି ହୋଇଯାଇଥିବା କ୍ରିସ୍ପି ଚିକେନ୍‌କୁ ମାଇକ୍ରୋ ଓଭନରେ ଗରମ କରିବିକ୍ରୁ କରାଯାଉ ଥିଲା ଏହାକୁ ଯେପରି ଗ୍ରାହକ ଧରି ପାରିବେ ନାହିଁ ସେଥିପାଇଁ ଏଥିରେ ବିଭିନ୍ନ ପ୍ରକାର ଏସେନ୍ସ ଆଦି ବ୍ୟବହାର କରାଯାଇ ସତେଜ କରାଯାଇଥିବା ଖାଦ୍ୟକୁ ନିଗମ ତରଫରୁ ନଷ୍ଟ କରାଯିବା ସହିତ ନମୁନା ପରୀକ୍ଷା ପାଇଁ ଭୁବନେଶ୍ୱର ଲାବ୍ରୋଟୋରିକୁ ପଠାଯାଇଛି । ନମୁନା ରିପୋର୍ଟ ଆଧାରରେ କାର୍ଯ୍ୟାନୁଷ୍ଠାନ ନିଆଯିବା ସହିତ ଆବଶ୍ୟକ ପଡିଲେ ଏହାକୁ ସିଲ୍ କରାଯିବା ବୋଲି ନିଗମ ସ୍ୱାସ୍ଥ୍ୟ ଅଧିକାରୀ ଡାକ୍ତର ସତ୍ୟବ୍ରତ ଡାକ୍ତର ସତ୍ୟବତ ମହାପାତ୍ର କହିଛିନ୍ତି । ରିପୋର୍ଟ ଆସିବା ପର୍ଯ୍ୟନ୍ତ କେଏଫସି ପକ୍ଷରୁ କୌଣସି ବ୍ୟତିକ୍ରମ କରାଯିବ ନାହିଁ ବୋଲି ପ୍ରତିଷ୍ଠାନ ସିଏମସିରେ ଅଣ୍ଡରଟେକିଂ ଦିଆଯାଇଛି । ଆଜିର ଚଢଉରେ ସହର ସ୍ୱାସ୍ଥ୍ୟ ଅଧିକାରୀ ଡାକ୍ତର ମହାପାତ୍ର , ଖାଦ୍ୟ ସୁରକ୍ଷା ଅଧିକାରୀ ପ୍ରତୀକ୍ଷା ଦାସମହାପାତ୍ର, ଖାଦ୍ୟ ନିରୀକ୍ଷକ ଭଗବାନ ଲେଙ୍କା ପ୍ରମୁଖ ସାମିଲ ଥିଲେ।



# ପ୍ରଫୁଲ୍ଲ ପାଠାଗାରର ୨୮ ତମ ବାର୍ଷୀକ ଉତ୍ସବ

**ଜଗତସିଂହପୁର(ସଂପର୍କବାର୍ତ୍ତା):-** ଜଗତସିଂହପୁର ବ୍ଲକ ଅଧିନସ୍ଥ ପୁରୁଣାଗଡ ଠାରେ ଥିବା ବହୁ ପୁରାତନ ପ୍ରଫୁଲ୍ଲ ପାଠାଗାରର ୨୮ ତମ ବାର୍ଷୀକ ଉତ୍ସବ ଅନୁଷ୍ଠିତ ହୋଇଯାଇଛି ।ଏହି ଅବସରରେ ପାଠାଗାର ପରିସରରେ ଗଙ୍ଗାଧର ଅଡିଟୋରିମ ସହିତ ସତ୍ୟାଭାମା କମ୍ପ୍ୟୁଟର ତାଲିମ କେନ୍ଦ୍ର, ପଣ୍ଡିତ ବଂଶୀଧର ଆଚାର୍ଯ୍ୟ ପିଲାଙ୍କ ପାଠାଗାର ଓ ଅନ୍ନପୂର୍ଣ୍ଣା ସ୍ୱାସ୍ଥ୍ୟ ସେବା କେନ୍ଦ୍ରର ମାନ୍ୟବର ଜଗତସିଂହପୁର ସାଂସଦ ଡାକ୍ତର ରାଜଶ୍ରୀ ମଲ୍ଲିକ ଓ ସଦର ବିଧାୟକଙ୍କ ଉପସ୍ଥିତିରେ ଉଦଘାଟିତ ହୋଇଯାଇଛି । ଏହି ଉଦଘାଟନି ଉତ୍ସବ ଅବସରରେ ପାଠାଗାରର ସଭାପତି ରବିନ୍ଦ୍ରନାଥ ତ୍ରିପାଠିଙ୍କ ଅଧ୍ୟକ୍ଷତାରେ ଆୟୋଜିତ ସଭାରେ ଅତିଥୀମାନେ ଆଜିର କମ୍ପ୍ୟୁଟର ଓ ଇଣ୍ଟରନେଟ ଯୁଗରେ ମଧ ପୁସ୍ତକର ଆବଶ୍ୟକତା




ବାବଦରେ ଆଲୋକପାତ କରିଥିଲେ । ଉପଦେଷ୍ଟା ବିଜୟ କୁମାର ପତି ଅତିଥୀମାନଙ୍କର ପରିଚୟ ପ୍ରଦାନ କରିଥିବା ବେଳେ ସମ୍ପାଦକ ସୁରେନ୍ଦ୍ର କୁମାର ରାୟ ବାର୍ଷୀକ ବିବରଣୀ ପାଠ କରିଥିଲେ । ଏହି ବାର୍ଷୀକ ଉତ୍ସବରେ ପଣ୍ଡିତ ଗୋବିନ୍ଦ ଚନ୍ଦ୍ର ମିଶ୍ର ଓ ବର୍ଷୀଆନ ଶିକ୍ଷକ ସଦାଶିବ ପତିଙ୍କୁ ମାନପତ୍ର ଓ ଉପଢୌକନ ଦେଇ ଅତିଥୀମାନେ ସମ୍ବର୍ଦ୍ଧୀତ କରିଥିଲେ ।ପରେ ବାର୍ଷୀକ ଉତ୍ସବ ଅବସରରେ କରାଯାଇଥିବା ଝୋଟି, କୁଇଜ, ନୃତ୍ୟ, ସଂଗୀତ, ଶଙ୍ଖ ଧ୍ୱନୀ ଆଦି ପ୍ରତିଯୋଗିତାରେ କୃତିତ୍ୱ ଅର୍ଜନ କରିଥିବା ଛାତ୍ରଛାତ୍ରୀମାନଙ୍କୁ ଅତିଥୀମାନେ ପୁରସ୍କୃତ କରିଥିଲେ । ଏହି କାର୍ଯ୍ୟକ୍ରମରେ ଗଙ୍ଗାଧର ଦାଶ, ବିଜୟାନନ୍ଦିନୀ ଦୁବେ, ଦୁର୍ଗା ପ୍ରସାଦ ଆଚାର୍ଯ୍ୟଙ୍କୁ ପାଠାଗାର ଉନ୍ନତିରେ ସହାୟତା ପ୍ରଦାନ ପାଇଁ ସମ୍ବର୍ଦ୍ଧୀତ କରାଯାଇଥିଲା । ଶେଷରେ ସୋସାଇଟି ଫର ଡେଭେଲପମେଣ୍ଟ ଅଫ ରୁରାଲ ଲିଟରେଚର ର ସଭାପତି ବଂଶୀଧର ଆଚାର୍ଯ୍ୟ ଧନ୍ୟବାଦ ଦେଇଥିଲେ।

# ସୈନିକସ୍କୁଲକୁ 'ସ୍ୱର୍ଣ୍ଣିମ ବିଜୟବର୍ଷର ବିଜୟମଶାଲ'

**ଭୁବନେଶ୍ୱର(ପରମେଶ୍ୱର ଦାଶ):-** ଚଳିତ ନଭେମ୍ବର ୧ ତାରିଖରେ ଭୁବନେଶ୍ୱର ସୈନିକସ୍କୁଲରେ 'ସ୍ୱର୍ଣ୍ଣିମ ବିଜୟ ବର୍ଷର ବିଜୟ ମଶାଲ 'ଏବଂ ପ୍ରଥମକରି ଚଳିତବର୍ଷ ନାମ ଲେଖାଇଥିବା ଗାର୍ଲ କ୍ୟାଡେଟ୍ ମାନଙ୍କୁ ସ୍ୱାଗତ କରାଯାଇଛି । ୧୯୭୧ ମସିହାରେ ଭାରତ ଓ ପାକିସ୍ତାନ ମଧ୍ୟରେ ଅନୁଷ୍ଠିତ ଯୁଦ୍ଧର ୫୦ ବର୍ଷ ପୂର୍ତ୍ତି ଉପଲକ୍ଷେ ଭାରତର ବିଜୟ ଗୌରବ ପାଳନର ସ୍ମାରକୀ ଏହି ସ୍ୱର୍ଣ୍ଣିମ ବିଜୟ ମଶାଲକୁ ସୈନିକସ୍କୁଲର ଅଧ୍ୟକ୍ଷ ଗ୍ରୁପ୍ କ୍ୟାପ୍ଟେନ୍ ଏସ୍.ଡୋମିନିକ୍ ରାୟନ୍ ସହିଦ ସ୍ମୃତିସ୍ତମ୍ଭ ପରିସରରେ ସ୍ୱାଗତ କରିଥିଲେ । ଆମ ଦେଶର ସୁରକ୍ଷା ଏବଂ ପଡୋଶୀ ବାଂଗ୍ଲା ଦେଶର ସ୍ୱାଧୀନତା ପାଇଁ ପ୍ରାଣ ବଳି ଦେଇଥିବା ପରାକ୍ରମୀ ସୈନିକମାନଙ୍କୁ ଶ୍ରଦ୍ଧାଞ୍ଜଳି ଦେବା ଉଦ୍ଦେଶ୍ୟରେ ଏହି ସ୍ୱର୍ଣ୍ଣିମ ବିଜୟ ମଶାଲର ଶୁଭାରମ୍ଭ କରାଯାଇଥିଲା ।

ବିଜୟ ମଶାଲକୁ ଏକ ଖୋଲା ଜିପ୍ସି ଗାଡିରେ ବିଦ୍ୟାଳୟର ଶିକ୍ଷାର୍ଥୀ ଏବଂ କର୍ମଚାରୀଙ୍କ ଦ୍ୱାରା ନିର୍ମିତ ମାନବ ଶୃଙ୍ଖଳ ତୋରଣ ଭିତରେ 'ଭାରତ ମାତା କି ଜୟ , ବନ୍ଦେ ମାତରଂ ' ଧ୍ୱନିରେ ସ୍ୱାଗତ ସହିତ ସ୍କୁଲ ପରିସରକୁ ନିଆଯାଇଥିଲା । ବିଜୟ ମଶାଲକୁ ସ୍କୁଲ ଅଡିଟୋରିଅମ୍ ବିବେକାନନ୍ଦ ହଲକୁ ମଧ୍ୟ ନିଆଯାଇଥିଲା । ସେଠାରେ ନବମ ଶ୍ରେଣୀରୁ ଦ୍ୱାଦଶ ଶ୍ରେଣୀ ପର୍ଯ୍ୟନ୍ତ କ୍ୟାଡେଟ୍ ଏବଂ ନୂଆକରି ନାମ ଲେଖାଇଥିବା ଗାର୍ଲ କ୍ୟାଡେଟ୍ ମାନଙ୍କ ଉପସ୍ଥିତିରେ ଦେଶାତ୍ମବୋଧକ ବୋଧକ ଏକ ସାଂସ୍କୃତିକ କାର୍ଯ୍ୟକ୍ରମ ପ୍ରଦର୍ଶନ କରାଯାଇଥିଲା ।ଏହି




ଉତ୍ସବରେ ଓଡିଶା ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ସଚିବ ଶ୍ରୀ ସତ୍ୟବ୍ରତ ସାହୁ ମୁଖ୍ୟ ଅତିଥିଭାବେ ଯୋଗ ଦେଇଥିଲେ ।ତାଙ୍କ ଅଭିଭାଷଣରେ ସେ ଆମର ପୂର୍ବତନ ପ୍ରଧାନମନ୍ତ୍ରୀ ଶ୍ରୀ ଲାଲବାହାଦୁର ଶାସ୍ତ୍ରୀଙ୍କର'ଜୟଯବାନ,ଜୟକିଷାନ'ସ୍ଲୋଗାନର ଉଦାହରଣ ଦେଇ ଜାତୀୟ ପ୍ରତିରକ୍ଷା ବାହିନୀର ଗୁରୁତ୍ୱପୂର୍ଣ୍ଣ ଭୂମିକା ସଂପର୍କରେ କହିଥିଲେ ।ମୁଖ୍ୟ ଅତିଥି ଏବର୍ଷ ପ୍ରଥମଥର ପାଇଁ ସୈନିକସ୍କୁଲରେ ନାମ ଲେଖାଇଥିବା ବାଳିକା ଶିକ୍ଷାର୍ଥୀମାନଙ୍କୁ ମଧ୍ୟ ସ୍ୱାଗତ କରିଥିଲେ । ଶିକ୍ଷାର୍ଥୀମାନେ ଏଠାରେ ଉପଲବ୍ଧ ସମସ୍ତ ସୁବିଧାସୁଯୋଗ ଓ ସମୟର ସଦୁପଯୋଗ କରି ଭବିଷ୍ୟତରେ ନିଜକୁ ସୁନାଗରିକ କରି ଗଢିତୋଳିବାପାଇଁ ଦିଗ୍ ଦର୍ଶନ ଦେଇଥିଲେ । ରାଜ୍ୟସରକାରଙ୍କ ତରଫରୁ ଏହି ଅନୁଷ୍ଠାନକୁ ସବୁପ୍ରକାର ସାହାଯ୍ୟ ସହଯୋଗ କରିବାର ପ୍ରତିଶ୍ରୁତି ଦେଇଥିଲେ ।

ଏହି ଉତ୍ସବରେ ଏୟାର୍ ମାର୍ଶାଲ ଜେ.ଏନ୍. ବର୍ମା ,ଏୟାର କମୋଡର ଟି.କେ.ରଥ ,ବ୍ରିଗେଡିଅର ଏଲ.ସି.ପଟ୍ଟନାୟକ , ଏୟାର କମୋଡର ଅରବିନ୍ଦ ମହାନ୍ତି ,ଶ୍ରୀ ଅମିତାଭ ସ୍ୱାଇଁ , ଏନ୍.ସି.ସି. ଡି.ଡି.ଜି. କମୋଡର ସୋମେନ ବାନାର୍ଜୀ ,କ୍ୟାପ୍ଟେନ୍ ସୁଭାଷଚନ୍ଦ୍ର ଦାସ ,ଗ୍ରୁପ୍ କ୍ୟାପ୍ଟେନ୍ ସଚିନ ଗୁପ୍ତା , କର୍ଣ୍ଣେଲ ରଜନିଶ୍ କାପୁର ,ଉଇଙ୍ଗ୍ କମାଣ୍ଡର ଶ୍ୟାମସୁନ୍ଦର , ଉଇଙ୍ଗ୍ କମାଣ୍ଡର ବିଷ୍ଣୁଦତ ଏସ୍.କେ.ଜେନାମଣି , ସି.ବି.ଏସ୍.ଇ. ଆଂଚଳିକ ନିର୍ଦ୍ଦେଶକ ଶ୍ରୀ କେ. ଶ୍ରୀନିବାସନ୍ , ଶ୍ରୀସୌମେନ ଘୋଷ ,ପ୍ରଫେସର ଗୌରମା ଏବଂ ଲେଫ୍ଟନାଂଟ କମାଣ୍ଡର ଚିନ୍ମୟ ବେହୁରା ଉପସ୍ଥିତ ଥିଲେ ।

ସଂଯୋଗ କ୍ରମେ ଏହି ଉତ୍ସବରେ ଉପସ୍ଥିତ ଅତିଥିମାନେ ପ୍ରଥମ ବର୍ଷର ଗାର୍ଲକ୍ୟାଡେଟ୍ ମାନଙ୍କ ସହିତ ଭାବବିନିମୟ କରିଥିଲେ । ସୈନିକସ୍କୁଲ ପ୍ରଶାସନିକ ଅଧିକାରୀ କମାଣ୍ଡର ପ୍ରୀତିକା ଶର୍ମା ଏବଂ ଉପାଧ୍ୟକ୍ଷ କମାଣ୍ଡର ଉଷା ସଙ୍ଗଓାନ ଏହି ଉତ୍ସବର ସମସ୍ତ ପ୍ରକାର ଆୟୋଜନ କରିଥିଲେ ।

# କୃତି ଶିକ୍ଷୟିତ୍ରୀଙ୍କୁ ବିଦାୟ ସମ୍ବର୍ଦ୍ଧନା



**ଜଗତସିଂହପୁର(ସଂପର୍କବାର୍ତ୍ତା):-** ଜଗତସିଂହପୁର ବ୍ଲକ ଅଧିନସ୍ଥ ଓଡିଶୋ ଗ୍ରାମପଞ୍ଚାୟତସ୍ଥ ଓଡିଶୋ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ଏକ ବିଦାୟକାଳୀନ ସମ୍ବର୍ଦ୍ଧନା ଭାରପ୍ରାପ୍ତ ପ୍ରଧାନଶିକ୍ଷକ ଗୋପିନାଥ ପାଢିଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି। ବିଦ୍ୟାଳୟର ପୂର୍ବତନ ପ୍ରଧାନଶିକ୍ଷୟିତ୍ରୀ ସୁଧାମଣି ସ୍ୱାଇଁ ଦୀର୍ଘ ୨୫ବର୍ଷ ଏହି ବିଦ୍ୟାଳୟରେ ଚାକିରି କଲାପରେ ଅନ୍ୟତ୍ର ବଦଳି ହୋଇଯାଇଛନ୍ତି ।ବିଦାୟୀକାଳୀନ ସମ୍ବର୍ଦ୍ଧନା ସଭାରେ ମୁଖ୍ୟଅତିଥିଭାବେ ଜଗତସିଂହପୁର ବ୍ଲକ ଶିକ୍ଷାଅଧିକାରୀ ଭାରତୀ ମହାପାତ୍ର,ମୁଖ୍ୟବକ୍ତା ଭାବେ ଶିକ୍ଷାବିତ୍ ଶରତଚନ୍ଦ୍ର ବାରିକ,ସମ୍ମାନନୀୟ ଅତିଥି ଭାବେ ମଣ୍ଡଳ ସାଧନ ଶିକ୍ଷକ ବିନୋଦ କୁମାର ମିଶ୍ର,ଅରବିନ୍ଦ ସେନାପତି ,ଶିକ୍ଷାବିତ୍ ନଗେନ୍ ପଣ୍ଡା,ଦେବେନ୍ଦ୍ରନାଥ ବେହେରା,ଉଚ୍ଚବିଦ୍ୟାଳୟର ପ୍ରଧାନଶିକ୍ଷୟିତ୍ରୀ ଅରୁନ୍ଧତି ନନ୍ଦ ପ୍ରମୁଖ ଯୋଗଦେଇ ବିଦାୟୀ ଶିକ୍ଷୟିତ୍ରୀଙ୍କ କାର୍ଯ୍ୟକଳାପକୁ ଭୂୟସୀ ପ୍ରଶଂସା କରିଥିଲେ। ଶିକ୍ଷକ ସୁକାନ୍ତ କୁମାର ନାୟକ,ରେଣୁକା ବିଶ୍ୱାଳ,ହରେକୃଷ୍ଣ ଲେଙ୍କା ପ୍ରମୁଖ ଆଲୋଚନାରେ ଅଂଶଗ୍ରହଣ କରିଥିଲେ। ଶିକ୍ଷକ ସ୍ମୃତିରଂଜନ ରାଉତ ସ୍ୱାଗତ ଭାଷଣ ଦେଇଥିଲା ବେଳେ ସୁନିଲ କୁମାର ସାହୁ ଧନ୍ୟବାଦ ଅର୍ପଣ କରିଥିଲେ। ବିଭିନ୍ନ ଶିକ୍ଷାନୁଷ୍ଠାନ,ପରିଚାଳନା କମିଟି ଓ ବିଦ୍ୟାଳୟ ପକ୍ଷରୁ ମୁଖ୍ୟ ଅତିଥି ବିଦାୟୀ ଶିକ୍ଷୟିତ୍ରୀ ଙ୍କୁ ପୁଷ୍ପଗୁଚ୍ଛ ଓ ଉପଢୌକନ ପ୍ରଦାନ ପୂର୍ବକ ସମ୍ବର୍ଦ୍ଧିତ କରିଥିଲେ।

# ଜଗତସିଂହପୁର ଜିଲ୍ଲାରେ ଅନ୍‌ସ୍ୱଟ ଟୀକାକରଣ

**ଜଗତସିଂହପୁର(ସଂପର୍କବାର୍ତ୍ତା):-** ଜଗତସିଂହପୁର ଜିଲ୍ଲା ସ୍ୱାସ୍ଥ୍ୟ ସମିତି ତଥା ଜିଲ୍ଲାପାଳଙ୍କ ତତ୍ୱାବଧାନରେ ଜିଲ୍ଲା ଟାସ୍କଫୋର୍ସ ସଭା ମାଧ୍ୟମରେ ସମଗ୍ର ଜଗତସିଂହପୁର ଜିଲ୍ଲାରେ ପ୍ରତ୍ୟେକ କୋଭିଡ-୧୯ ଟୀକାକରଣ କେନ୍ଦ୍ରରେ ସିଧାସଳଖ ଭାବେ ୧୮ବର୍ଷରୁ ଉର୍ଦ୍ଧ୍ୱ ପ୍ରତ୍ୟେକ ବ୍ୟକ୍ତି କୋଭିଡ୍ ଟୀକାକରଣ ପ୍ରଥମ ଏବଂ ଦ୍ୱିତୀୟ ମାତ୍ରା ଟୀକା ନେଇ ପାରିବେ। ପ୍ରକାଶ ଥାଉକି ଶତକଡା ୭୦ଭାଗ ଟୀକା ଅନସ୍ୱଟ୍ ଏବଂ ୩୦ଭାଗ ସ୍ଲଟ୍ ବୁକିଙ୍ଗ ମାଧ୍ୟମରେ ଟୀକାକରଣ କରାଯିବାର ସୁବିଧା କରାଯାଇଛି। ଜନସାଧାରଣଙ୍କ ସୁବିଧା ପାଇଁ ଯଦି କେହି ଦ୍ୱିତୀୟ ମାତ୍ରା ନେଇପାରୁନାହାଁନ୍ତି ସେମାନେ ତାଙ୍କର ତାଙ୍କର କୌଣସି ପରିଚୟପତ୍ର ଦେଖାଇ ନେଇପାରିବେ। ଓଡିଶା ସରକାରଙ୍କ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ତରଫରୁ ସଦାସର୍ବଦା ଜନସାଧାରଣଙ୍କ ଅବଗତି ନିମନ୍ତେ ପ୍ରତ୍ୟେକ ସମୟରେ ଗୁରୁତ୍ୱାରୋପ କରୁଛନ୍ତି। ଠିକ ସେହିପରି ଜଗତସିଂହପୁର ଜିଲ୍ଲା ପ୍ରଶାସନ ତରଫରୁ କୋଭିଡ-୧୯ ଟୀକାକରଣ କାର୍ଯ୍ୟକ୍ରମକୁ ତଦାରଖ କରାଯାଇ ଆଶା ସ୍ତରରୁ ଜିଲା ସ୍ତରର ପର୍ଯ୍ୟନ୍ତ ବିଭିନ୍ନ ସମୟରେ ଅନଲାଇନ୍ ଏବଂ ବିଭିନ୍ନ ସଭା ଓ ସଚେତନତା କରାଯାଇ କୋଭିଡ ଟୀକାକରଣ କାର୍ଯ୍ୟକ୍ରମକୁ ଗୁରୁତ୍ୱ ଦିଆଯାଉଛି। ଏଥିସହିତ ସମସ୍ତ ଗର୍ଭବତୀ ମହିଳା ମାନେ ଯେଉଁମାନେ କୋଭିଡ ଟୀକା ନେଇ ନାହାଁନ୍ତି ସେମାନଙ୍କୁ ଟୀକା ନେବାକୁ ଜିଲ୍ଲା ସ୍ୱାସ୍ଥ୍ୟ ସମିତି ପକ୍ଷରୁ ଅନୁରୋଧ କରାଯାଇଛି।




# ଜେଲ୍ ଫେରନ୍ତା ବିଜେପିନେତାଙ୍କ ସାମ୍ବାଦିକ ସମ୍ମିଳନୀ ଅତ୍ୟନ୍ତ ଲଜ୍ଜାଜନକ:ବିଜେଡି

**ଭୁବନଶ୍ୱର(ସଂପର୍କବାର୍ତ୍ତା):-** ଆଜି ବିଜେପି ପକ୍ଷରୁ ଜଣେ ହତ୍ୟା ଅଭିଯୁକ୍ତ ତଥା ଜେଲ ଫେରନ୍ତା ବ୍ୟକ୍ତି ଇରାଶିଶ ଆଚାର୍ଯ୍ୟ ଗଣମାଧମକୁ ସମ୍ବୋଧନ କରୁଥିବା ଦେଖିବା ପ୍ରକୃତ ରେ ଲଜ୍ଜାଜନକ ଅଟେ ବୋଲି କହିଛନ୍ତି ବିଜେଡି ମୁଖପାତ୍ର ଚିନ୍ମୟ ସାହୁ ।ବିଜେପି ସାମ୍ବାଦିକ ସମ୍ମିଳନୀର ଜବାବ ଦେଇ ବିଜେଡି ମୁଖପାତ୍ର କହିଛନ୍ତି। ଏହା ସ୍ୱାଭାବିକ ଭାବରେ ଆଶକରାଯାଏ ଯେ ଜଣେ ହତ୍ୟାକାରୀ ଯିଏ କି ଅନେକ ମାସ ଜେଲରେ ବିତାଇଛନ୍ତି । ସିଏ ଜଣେ ମହିଳାଙ୍କ ବିରୋଧରେ ଚାଲିଥିବା ଏପରି ସମ୍ବେଦନଶୀଳ ଜଘନ୍ୟ ଅପରାଧର ରାଜନୀତିକରଣ କରିବାକୁ ଚେଷ୍ଟାକରିବ । ଆଜୁ ବିଜେପି ସାମ୍ବିଳନୀରେ ମଧ୍ୟ ଆଉ ଗୋଟିଏ ଉଦାହରଣ ଦେଖିବାକୁ ମିଳିଛି , ଇରାଶିଶ ଆଚାର୍ଯ୍ୟଙ୍କ ଭଳି ବିଜେପି ନେତାମାନେ କିଭଳି ରାଜନୀତିରେ ତିଷ୍ଠି ରହିବାକୁ ଟିଭିରେ ମୁହଁ ଦେଖାଇବା ପାଇଁ ପରସ୍ପର ମଧ୍ୟରେ ପ୍ରତିଦ୍ୱନ୍ଦ୍ୱତା ଚଳାଇଛନ୍ତି ।ଅତ୍ୟନ୍ତ ଘୃଣ୍ୟ ବିଷୟ ହେଉଛି ଓଡିଶା ବିଜେପି ଜଣେ ଅପରାଧିଙ୍କ ପାଇଁ ଏତେ ତଳକୁ ଖସିଯାଇଛି ଯେ ଯିଏ ଗିରଫ ହୋଇ ଜେଲରେ ଥିଲେ ସିଏ ଏବେ ଜଣେ ପୀଡିତାଙ୍କୁ ନ୍ୟାୟ ଦେବାପାଇଁ ଦାବି କରୁଛନ୍ତି ବୋଲି ବିଜେଡି ମୁଖପାତ୍ର କହିଛନ୍ତି ।

# ମାର୍କଫେଡ୍‌ର କମ୍ପ୍ୟୁଟରୀକରଣ 'ସମନ୍ୱିତ' ଉଦ୍‌ଘାଟିତ

**ଭୁବନେଶ୍ୱର(ପରମେଶ୍ୱର ଦାଶ):-** ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ପ୍ରବର୍ତ୍ତିତ ୫-ଟି ଅନ୍ତର୍ଗତ କାର୍ଯ୍ୟକ୍ରମରେ ମାର୍କଫେଡ୍‌ର ସାରଯୋଗାଣ ଓ ଆର୍ଥିକ ବ୍ୟବସ୍ଥାର କମ୍ପ୍ୟୁଟରୀକରଣ କରାଯାଇଛି। ମାର୍କଫେଡ୍ ଦ୍ୱାରା ରାଜ୍ୟର ଚାଷୀମାନଙ୍କୁ ସାରଯୋଗାଣ ପ୍ରକ୍ରିୟାକୁ ଅଧିକ ସ୍ୱଚ୍ଛ ଓ ପାରଦର୍ଶୀ କରାଯିବା ସହିତ ଠିକ୍ ସମୟରେ ଚାଷୀମାନଙ୍କୁ ଆବଶ୍ୟକ ସାରଯୋଗାଇ ଦିଆଯାଇପାରିବ। ଏହା ଦ୍ୱାରା ଚାଷୀ ଉପକୃତ ହେବା ସହିତ କୃଷି ଉତ୍ପାଦନ ବୃଦ୍ଧି ପାଇବ ବୋଲି ଖାଦ୍ୟଯୋଗାଣ ଓ ଖାଉଟି କଲ୍ୟାଣ, ସମବାୟ ମନ୍ତ୍ରୀ ରଣେନ୍ଦ୍ର ପ୍ରତାପ ସ୍ୱାଇଁ ପ୍ରକାଶ କରିଛନ୍ତି।

ଗତ ୩ ତାରିଖ ଦିନ ଶ୍ରୀ ସ୍ୱାଇଁ ଓଡ଼ିଶା ସମବାୟ ବାଣିଜ୍ୟ ମହାସଂଘ ଲିଃ (ମାର୍କଫେଡ୍-ଓଡ଼ିଶା)ର ମୁଖ୍ୟ କାର୍ଯ୍ୟାଳୟରେ ସାର ଆବଣ୍ଟନ ଓ ଆର୍ଥିକ ପରିଚାଳନାର କମ୍ପ୍ୟୁଟରୀକରଣ ବ୍ୟବସ୍ଥା 'ସମନ୍ୱିତ'ର ଶୁଭ ଉଦ୍‌ଘାଟନ କରି କହିଲେ ଯେ କୋଭିଡ୍ ମହାମାରୀ କଟକଣା ସତ୍ତ୍ୱେ ସମବାୟ ବିଭାଗ ଦ୍ୱାରା ରାଜ୍ୟର ଚାଷୀମାନଙ୍କୁ ଠିକ୍ ସମୟରେ ଋଣ ସମେତ ଆବଶ୍ୟକ କୃଷି ସାମଗ୍ରୀ ଯୋଗାଇ ଦିଆଯାଇ ପାରିଥିବାରୁ ଫସଲ ଉତ୍ପାଦନ ବୃଦ୍ଧି ପାଇଛି। ନୂତନ ବ୍ୟବସ୍ଥା ପ୍ରଚଳନ ଦ୍ୱାରା ସାରଯୋଗାଣ ନିରୀକ୍ଷଣ ଓ ନିୟନ୍ତ୍ରଣ ବ୍ୟବସ୍ଥା ଅଧିକ ସୁଦୃଢ




ହୋଇପାରିବ। ସାର ଉତ୍ପାଦନକାରୀ କଂପାନୀ ଓ ଆମଦାନୀକାରୀଙ୍କଠାରୁ ଆରମ୍ଭ କରି ପାଇକାରୀ ଏବଂ ଖୁଚୁରା ସାର ବ୍ୟବସାୟୀଙ୍କୁ ସାରଯୋଗାଣ ଓ ପରିବହନ ପର୍ଯ୍ୟନ୍ତ ପ୍ରତ୍ୟେକ ବ୍ୟବସ୍ଥାକୁ ସୁନିୟନ୍ତ୍ରିତ କରାଯାଇପାରିବ। ଏଥିରେ ସାରଯୋଗାଣ ପ୍ରକ୍ରିୟାକୁ ତ୍ୱରାନ୍ୱିତ ଓ ସ୍ୱଚ୍ଛ କରାଯିବା ସହିତ କର୍ମଚାରୀଙ୍କ ଦକ୍ଷତା ବୃଦ୍ଧି ହୋଇପାରିବ ବୋଲି ମନ୍ତ୍ରୀ ଶ୍ରୀ ସ୍ୱାଇଁ କହିଥିଲେ। 'ସମନ୍ୱିତ' ବ୍ୟବସ୍ଥା କ୍ଷେତ୍ର ସ୍ତରରୁ ପରିଚାଳିତ ବ୍ୟବସାୟିକ କାର୍ଯ୍ୟକଳାପ ମୁଖ୍ୟ କାର୍ଯ୍ୟାଳୟ ସହିତ ସହଜରେ ସଂଯୋଗ ହୋଇପାରିବ। ସାରଯୋଗାଣ କ୍ଷେତ୍ରରେ ନିରୀକ୍ଷଣ ଓ ବିଶ୍ଳେଷଣ ବ୍ୟବସ୍ଥାକୁ ଅଧିକ କ୍ରିୟାଶୀଳ କରାଯାଇ ଆବଶ୍ୟକ ଅନୁଯାୟୀ ତୁରନ୍ତ ପଦକ୍ଷେପ ଗ୍ରହଣ କରାଯାଇପାରିବ ବୋଲି ମନ୍ତ୍ରୀ ଶ୍ରୀ ସ୍ୱାଇଁ କହିଥିଲେ। ଏହି ଅବସରରେ ମନ୍ତ୍ରୀ ଶ୍ରୀ ସ୍ୱାଇଁ 'ସମନ୍ୱିତ' କାର୍ଯ୍ୟକ୍ରମର ବ୍ୟବହାର ପୁସ୍ତିକାର ଶୁଭ ଉନ୍ମୋଚନ କରିଥିଲେ।

ସୂଚନାଯୋଗ୍ୟ ଯେ, ମାର୍କଫେଡ୍ ରାଜ୍ୟର ଏକ ଶୀର୍ଷ ସମବାୟ ସଂସ୍ଥା ଯାହା ରାଜ୍ୟରେ ଥିବା ୨୭୦୦ରୁ ଅଧିକ ପ୍ରାଥମିକ କୃଷି ସମବାୟ ସମିତି ଓ ୧୭୦୦ରୁ ଅଧିକ ବେସରକାରୀ ଲାଇସେନ୍ସପ୍ରାପ୍ତ ବ୍ୟବସାୟୀଙ୍କ ଜରିଆରେ ଚାଷୀମାନଙ୍କୁ ରାସାୟନିକ ସାର ଯୋଗାଇଥାଏ। ଏଥି ସହିତ ମାର୍କଫେଡ୍ ରାଜ୍ୟର ଚାଷୀମାନଙ୍କଠାରୁ କେନ୍ଦ୍ର ସରକାରଙ୍କ ଦ୍ୱାରା ସ୍ଥିରିକୃତ ମୂଲ୍ୟରେ ଡାଲିଜାତୀୟ ଶସ୍ୟ ଓ ତେଲବୀଜ ସଂଗ୍ରହ ଦିଗରେ ମୁଖ୍ୟ ଭୂମିକା ଗ୍ରହଣ କରିଥାଏ। ଏହି କାର୍ଯ୍ୟକ୍ରମରେ ନିବନ୍ଧକ, ସମବାୟ ସମିତି ସମୂହ ସୁଶାନ୍ତ କୁମାର ବାରିକ, ମାର୍କଫେଡ୍‌ର ପ୍ରଶାସକ ଭରତ ଚନ୍ଦ୍ର ବେହେରା, ର୍ମାଫେଡ୍‌ର ପରିଚାଳନା ନିର୍ଦ୍ଦେଶକ ସନ୍ତୋଷ କୁମାର ଦାସ ପ୍ରମୁଖ ଯୋଗଦେଇ ମାର୍କଫେଡ୍‌ର ବିଭିନ୍ନ କାର୍ଯ୍ୟକ୍ରମ ସଂପର୍କରେ ଆଲୋଚନା କରିଥିଲେ। ମାର୍କଫେଡ୍‌ର ସମସ୍ତ କ୍ଷେତ୍ର ଅଧିକାରୀ ଭିଡିଓ କନ୍‌ଫରେନ୍ସି ଜରିଆରେ ଏହି କାର୍ଯ୍ୟକ୍ରମରେ ଅଂଶଗ୍ରହଣ କରିଥିଲେ।

# ଡିଆର୍‌ଡିଏ ଅଫିସ୍ ଉଚ୍ଛେଦ ହେବ

ଭୁବନେଶ୍ୱର(ସଂପର୍କବାର୍ତ୍ତା):- ଉଚ୍ଛେଦ ହେବ ଜିଲ୍ଲା ଗ୍ରାମ୍ୟ ଉନ୍ନୟନ ସଂସ୍ଥା(ଡିଆରଡିଏ) । ଆସନ୍ତା ୨୦୨୨ ମସିହା ଏପ୍ରିଲ ମାସରୁ ଏହା ମାସରୁ ଏହି ବିଭାଗ ହୋଇଯିବ ଅକାମି ।ଏହି ବିଭାଗଗୁଡିକରେ କାର୍ଯ୍ୟରତ କର୍ମରତଙ୍କୁ ମୂଳ ବିଭାଗକୁ ଫେରାଇ ନିଆଯିବା ଡିଆରଡିଏରେ ରେଗୁଲାର ନିଯୁକ୍ତି ପାଇଥିବା ଷ୍ଟାଫଙ୍କୁ ସେମାନଙ୍କର ଯୋଗ୍ୟତା ଅନୁଯାୟୀ ଜିଲ୍ଲା ପରିଷଦ ସହ ଡିଆରଡିଏକୁ ମିଶ୍ରଣ କରାଯିବା ଡେପୁଟେସନରେ ଆସି ଡିସରଡିଏରେ କାର୍ଯ୍ୟରତ କର୍ମରତ କର୍ମଚାରୀଙ୍କୁ ମୂଳ ବିଭାଗକୁ ଫେରାଇ ନିଆଯିବ । ଡିଆରଡିଏରେ ରେଗୁଲାର ନିଯୁକ୍ତି ପାଇଥିବା ଷ୍ଟାଫଙ୍କୁ ସେମାନଙ୍କର ଯୋଗ୍ୟତା ଅନୁଯାୟୀ ଜିଲ୍ଲା ଯୋଜନା କମିଟି ଓ ଅନ୍ୟ ବିଭାଗରେ ନିଯୁକ୍ତି ଦିଆଯିବ । ଏହାଛଡା ସେମାନଙ୍କୁ ମନରେଗା, ଏନଏସଏପି ଯୋଜନା କରାଯିବା। ଆସନ୍ତା ୩୧.୦୩.୨୦୨୨ ସୁଦ୍ଧା ଡିଆରଡିଏରେ ଖର୍ଚ୍ଚ ହୋଇନଥିବା ପାଣ୍ଠିକୁ ଜିଲ୍ଲା ପରିଷଦ ସହ ପ୍ରଦାନ କରାଯିବା ସୂଚନାଯୋଗ୍ୟ ଯେ, ଗାଁରୁ ଗରିବୀ ହଟାଇବା ଲକ୍ଷ୍ୟରେ ୧୯୮୦ ମସିହାରେ ଭାରତ ସରକାର ଡିଆରଡିଏରେ ପ୍ରତିଷ୍ଠା କରିଥିଲେ । ମନରେଗା, ବିଜୁ ପକ୍କାଘର, ନିର୍ମାଣ ଶ୍ରମିକ ପକ୍କାଘର ଏନଆରଏଲଏମ୍ ଗୋପବନ୍ଧୁ ଗ୍ରାମୀଣ ଯୋଜନା, ଚତୁର୍ଦ୍ଦଶ ଅର୍ଥକମିଶନର ବିଭିନ୍ନ ପ୍ରକଳ୍ପ, ଆମ ଗାଁ ଆମ ବିକାଶ ପରି ବିଭିନ୍ନ ଯୋଜନା ଡିଆରଡିଏ ଅଧୀନରେ କାର୍ଯ୍ୟକାରୀ ହୋଇଆସୁଥିଲା ପରେ ଜିଲ୍ଲା ପରିଷଦ ଗଠନ ହେବା ପରେ ବିଭିନ୍ନ ସମୟରେ ଅନେକ ସମସ୍ୟା ଉପୁଜୁଥିବାକୁ ସରକାର ଏହି ପଦକ୍ଷେପନେଇଛନ୍ତି

# କଣ୍ଟ୍ରାକ୍ଟୁଆଲ୍‌ଙ୍କ ଦରମା ବଢ଼ିଲା

**ଭୁବନେଶ୍ୱର(ରାମଚନ୍ଦ୍ର ମହାନ୍ତି, ରାଜ୍ୟ ପ୍ରତିନିଧି):-** ରାଜ୍ୟରେ ଚୁକ୍ତିଭିତ୍ତିକ(କଣ୍ଟ୍ରାକ୍ଟୁଆଲ୍) କର୍ମଚାରୀଙ୍କ ଦରମା ବଢ଼ିଛି । ଏ ନେଇ ଅର୍ଥ ବିଭାଗ ପକ୍ଷରୁ ବିଜ୍ଞପ୍ତି ପ୍ରକାଶ ପାଇଛି । ଚଳିତ ମାସଠାରୁ ଏହି ବର୍ଦ୍ଧିତ ଦରମା ଲାଗୁ ହେବ ବୋଲି ସରକାରଙ୍କ ପକ୍ଷରୁ ଏକ ବିଜ୍ଞପ୍ତି ଜାରି କରାଯାଇଛି । ବିଜ୍ଞପ୍ତି ଅନୁଯାୟୀ




ମାସିକ ୮୦୭୦ ଟଙ୍କା ଦରମା ପାଉଥିବା ଚୁକ୍ତିଭିତ୍ତିକ କର୍ମଚାରୀଙ୍କୁ ୧୦୧୦୦ ଟଙ୍କା ମିଳିବ । ସେହିପରି ୮୩୯୦ ଟଙ୍କା ପାଉଥିବା କର୍ମଚାରୀଙ୍କୁ ୧୦୫୦୦ ଟଙ୍କା ମିଳିବ । ସେହିପରି ୮୭୫୦ଟଙ୍କା ଦରମା ପାଉଥିବା ଚୁକ୍ତିଭିତ୍ତିକ କର୍ମଚାରୀଙ୍କୁ ୧୦୯୦୦ ଟଙ୍କା ଓ ୮୮୮୦ ଟଙ୍କା ପାଉଥିବା କର୍ମଚାରୀଙ୍କୁ ୧୧୧୦୦ ଟଙ୍କା ମିଳିବ । ୯୦୦୦ ପାଉଥିବା କର୍ମଚାରୀଙ୍କୁ ୧୧୨୦୦ ଟଙ୍କା ମିଳିବ । ୯୨୫୦ ଟଙ୍କା ଦରମା ପାଉଥିବା ଚୁକ୍ତିଭିତ୍ତିକ କର୍ମଚାରୀଙ୍କୁ ୧୧୫୦୦ ଟଙ୍କା, ୯୫୦୦ ଟଙ୍କା ପାଉଥିବା କର୍ମଚାରୀଙ୍କୁ ୧୧୯୦୦ ଟଙ୍କା, ୧୦୦୦୦ ପାଉଥିବା କର୍ମଚାରୀଙ୍କୁ ୧୨୫୦୦ଟଙ୍କା ଏବଂ ୧୬୮୮୦ ଟଙ୍କା ପାଉଥିବା କର୍ମଚାରୀଙ୍କୁ ୨୧୧୦୦ ଟଙ୍କା ମିଳିବ ବୋଲି ବିଜ୍ଞପ୍ତିରେ ଦର୍ଶାଯାଇଛି ।

# ଜଗତପୁର ଶିଳ୍ପାଞ୍ଚଳରେ ଲୁଟେରାଙ୍କ ସାଙ୍ଘାତିକ ଉତ୍ପାତ

**ଜଗତପୁର(ସଂପର୍କବାର୍ତ୍ତା):-** ଜଗତପୁର ନୂତନ ଶିଳ୍ପାଞ୍ଚଳ ପରିସରରେ ଥିବା ଏକ ଟ୍ରାନ୍ସପୋର୍ଟ ଅଫିସ୍ ସମ୍ମୁଖରେ ଲୁଟେରାମାନଙ୍କ ଉତ୍ପାତ ଦେଖିବାକୁ ମିଳିଛି । ଟ୍ରାନ୍ସପୋର୍ଟ ବ୍ୟବସାୟୀଙ୍କ ବାଇକ ଡିକି ଭାଙ୍ଗି ଲୁଟେରାମାନେ ନଗଦ ୨୫ହଜାର ଟଙ୍କା ସମେତ ବ୍ୟାଙ୍କ୍ ଏଟିଏମ୍ କାର୍ଡ ଦରକାରୀ କାଗଜପତ୍ର ଲୁଟିନେଇଛନ୍ତି । ଏପରିକି ଲୁଟ୍ କରିଥିବା କାଗଜପତ୍ରରୁ ବ୍ରାଙ୍କ୍ ଏଟିଏମ୍ ପିନ୍ ନମ୍ବର ପାଇଁ ୧୩ହଜାର ଟଙ୍କା ଉଠାଇନେବାରେ ସକ୍ଷମ ହୋଇଛନ୍ତି । ଏ ସମ୍ପର୍କରେ ଲୁଟ୍ର ଶୀକାର ହୋଇଥିବା ବ୍ୟବସାୟୀ ଘଟଣା ସମ୍ପକରେ ଜଗତପୁର ଥାନାରେ ଅଭିଯୋଗ ପରେ ପୁଲିସ ତଦନ୍ତ ଆରମ୍ଭ କରିଛି ।

ପ୍ରାପ୍ତ ଅଭିଯୋଗ ମୁତାବକ,ଜଗତପୁର ନୂତନ ଶିଳ୍ପାଞ୍ଚଳ ଫେଜ୍ ୧ରେ ଜଗତସିଂହପୁର ଜିଲ୍ଲା ବିରିଡି ଥାନା ଗୋପୀନାଥପୁର ଗ୍ରାମର ବିବେକାନନ୍ଦ ସାହୁଙ୍କ ଟ୍ରାନ୍ସପୋର୍ଟ କାର୍ଯ୍ୟାଳୟ ରହିଛି । ଆଜି ସକାଳେ ଟ୍ରାନ୍ସପୋର୍ଟ ସମ୍ମୁଖରେ ଶ୍ରୀ ସାହୁ ନିଜର ବାଇକ୍ ରଖି ଅଫିସ୍ ମଧ୍ୟକୁ ଯାଇଥିଲେ । ଏହି ସମୟରେ କେହି ଦୃର୍ବୃତ୍ତ ତାଙ୍କ ବାଇକ୍ ଡିକି ଭାଙ୍ଗି ସେଥିରେ ଥିବା ନଗଦ ୨୫ହଜାର ଟଙ୍କା, ୪ଟି ଏଟିଏମ୍ କାର୍ଡ ଓ ଦରକାରୀ କାଗଜପତ୍ର ଲୁଟି ନେଇ ଫେରାର ହୋଇଯାଇଥିଲେ । ଏପରିକି ଲୁଟେରାମାନେ ଲୁଟ୍ କରିଥିବା ଏଟିଏମ୍ କାର୍ଡ ଓ କାଗଜପତ୍ର ମଧ୍ୟରୁ ବ୍ୟବସାୟୀଙ୍କ ଗୋଟିଏ ଏଟିଏମ୍ କାର୍ଡର ପିନ୍ ନମ୍ବର ପାଇ ସେଥିରୁ ୪ଥରରେ ୧୩ହଜାର ଟଙ୍କା ଉଠାଇ ନେଇଥିଲେ । ବ୍ୟବସାୟୀଙ୍କ ମୋବବାଇଲକୁ ଟଙ୍କା ଉଠାଯାଉଥିବା ମେସେଜ୍ ଦେଖି ବାଇକ୍ ନିକଟକୁ ଆସି ଦେଖନ୍ତି'ତ ଡିକି ଭାଙ୍ଗାଯାଉଛି । ସେଥିରେ ଥିବା ସମସ୍ତ ଟଙ୍କା ଓ କାଗଜପତ୍ର ଚୋରି ହୋଇଥିବା ସେ ଜାଣିବାକୁ ପାଇଥିଲେ । ଏସମ୍ପର୍କରେ ବ୍ୟବସାୟୀଙ୍କ ପକ୍ଷରୁ ଜଗତପୁର ଥାନାର ଅଭିଯୋଗ ପରେ ପୁଲିସ ସିସିଟିଭି ଆଧାରରେ ତଦନ୍ତ କରିବା ସହ ଦୁର୍ବୃତ୍ତମାନଙ୍କୁ ଧରିବା ପାଇଁ ଉଦ୍ୟମ ଜାରିରଖିଛି । କିନ୍ତୁ ସର୍ବସାଧାରଣରେ ଚର୍ଚ୍ଚା ହେଉଛି ପୁଲିସ୍ କର୍ମଚାରୀଙ୍କ ଅପରାଧୀଙ୍କ ସହିତ ସମ୍ପର୍କ ରଖିବାରୁ ଚୋରି ଡକାୟତ ରାଜନୀତି ବଢୁଛି ।

# ଅମୃତା ଫାଉଣ୍ଡେସନ୍‌ର ରାଷ୍ଟ୍ରୀୟ ଏକତା ଦିବସ ପାଳିତ

**ଭୁବନେଶ୍ୱର(ପରମେଶ୍ୱର ଦାଶ):-** ମା' ଶାରଳା ଉଚ୍ଚ ବିଦ୍ୟାଳୟ, ଜଇପୁରଠାରେ ମହାସମାରୋହରେ ରାଷ୍ଟ୍ରୀୟ ଏକତା ଦିବସ ପାଳିତ ହୋଇଯାଇଛି । ଏହି ଉତ୍ସବରେ ସମାଜ ମଙ୍ଗଳ ଅନୁଷ୍ଠାନ "ଅମୃତା ଫାଉଣ୍ଡେସନ୍"ର ଅଧ୍ୟକ୍ଷ ତଥା ନାଇଜରର କୁଳସଚିବ ଡକ୍ଟର ଅଭୟ କୁମାର ନାୟକ ଉଦ୍‌ଘାଟକ ରୂପେ ଯୋଗ ଦେଇ ଏକତା ମନ୍ତ୍ରରେ ବାନ୍ଧି ହୋଇ କାର୍ଯ୍ୟକଲେ ଆମେ ଦିନେ ସର୍ଦ୍ଦାର ବଲ୍ଲଭଭାଇ ପଟେଲଙ୍କ ପରି ଜୀବନକୁ ଗଢ଼ି ତୋଳିବା ବୋଲି ପିଲାମାନଙ୍କୁ ଉପଦେଶ ଦେଇଥିଲେ । ମୁଖ୍ୟ ଅତିଥି ଶ୍ରୀଯୁକ୍ତ ଶାନ୍ତନୁ କୁମାର ପରିଡ଼ା, ଆଞ୍ଚଳିକ ପରିବହନ ଅଧିକାରୀ, ଗଜପତି ସୁନ୍ଦର ଆଚରଣ ଓ ଉଚ୍ଚାରଣ ସହ ଚରିତ୍ର ଗଠନ ହୋଇପାରିଲେ ପିଲାମାନେ ବାପା, ମାଆ ତଥା ଜନ୍ମମାଟିର ଟେକ ରଖିପାରିବେ ବୋଲି ପିଲାମାନଙ୍କୁ ଉପଦେଶ ଦେଇଥିଲେ । ସମ୍ମାନିତ ଅତିଥି ଶ୍ରୀମତୀ ମଧୁସ୍ମିତା ନାୟକ, ପ୍ରାକ୍ତନ ଅଧ୍ୟାପିକା, ବ୍ରଜରାଜନଗର ମହିଳା ମହାବିଦ୍ୟାଳୟ, କଠିନ ପରିଶ୍ରମ ଓ ଉତ୍ତମ ଚରିତ୍ରବାନ୍ ହୋଇ ଏକତ୍ରିତ ଭାବରେ କାମ କଲେ ଆମେ ମଧ୍ୟ ବଲ୍ଲଭଙ୍କ ପରି ଲୌହମାନବ ହୋଇ ଦେଶ ମାତୃକାର ସେବାରେ ଲାଗିପାରିବା । ଅନ୍ୟତମ




ସମ୍ମାନିତ ଅତିଥି ଅବସରପ୍ରାପ୍ତ ଅଧ୍ୟକ୍ଷ ଅଜିତ୍ କୁମାର ରଥ ମହୋଦୟ, ତୃଣ ଦୁର୍ବଳ କିନ୍ତୁ ତୃଣରେ ତିଆରି ଦଉଡ଼ି ଯେ କେତେ ଶକ୍ତ ଓ ଏକତା ମନ୍ତ୍ରରେ ମନ୍ତ୍ରିତ ହେବା ପାଇଁ ପିଲାମାନଙ୍କୁ ଉପଦେଶ ଦେଇଥିଲେ । ସମ୍ମାନିତ ଅତିଥି ତଥା ବରିଷ୍ଠ ଶିକ୍ଷୟିତ୍ରୀ ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟ, ଖୋର୍ଦ୍ଧା, ସର୍ଦ୍ଦାର ବଲ୍ଲଭଭାଇ ପଟେଲ ଓ ପୂର୍ବତନ ରାଷ୍ଟ୍ରପତି ଏ.ପି.ଜେ. ଅବଦୁଲ୍ କାଲାମଙ୍କ ଆଦର୍ଶରେ ଅନୁପ୍ରାଣିତ ହେବା ପାଇଁ ପିଲାମାନଙ୍କୁ ପରାମର୍ଶ ଦେଇଥିଲେ । ବିଦ୍ୟାଳୟର ଏମ୍.ସି.ସଭାପତି ଶ୍ରୀଯୁକ୍ତ ତପନ କୁମାର ସାମଲ ସଭାପତିତ୍ୱ କରିଥିଲେ । ପରେ ପରେ ଅମୃତା ଫାଉଣ୍ଡେସନ୍‌ର ଅଧ୍ୟକ୍ଷ ଡକ୍ଟର ନାୟକ ଆର୍ଥିକ ଅନଗ୍ରସରତାରେ ଥିବା ଦୁଇଟି ପିଲା ଯଥା ସ୍ୱାଗତିକା ନାୟକ ଓ ନିହାରିକା ନାୟକଙ୍କୁ +୨ ବିଜ୍ଞାନ, ପ୍ରଥମ ବର୍ଷର ପୁସ୍ତକ ପ୍ରଦାନ କରିବା ସହ ସମସ୍ତ ପିଲାମାନଙ୍କୁ ଶ୍ରୀମଦ୍‌ଭାଗବତ୍ ଗୀତା ବହି ବଣ୍ଟନ କରିଥିଲେ । ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ ଶ୍ରୀମତୀ ବୀଣାପାଣି ଦାଶ ସ୍ୱାଗତ ଭାଷଣ ଦେବା ସହ ସଭା ପରିଚାଳନା କରିଥିଲେ । ଏହି ସଭାରେ ସଂଯମ କିଶୋର ମହାନ୍ତି (ବିଜ୍ଞାନ ଶିକ୍ଷକ) ଅତିଥି ପରିଚୟ ପ୍ରଦାନ କରିବା ସହିତ ସରୋଜିନୀ ସାହୁ ଧନ୍ୟବାଦ ଅର୍ପଣ କରିଥିଲେ । ବିଦ୍ୟାଳୟର ସମସ୍ତ ଶିକ୍ଷକ, ଶିକ୍ଷୟିତ୍ରୀ ଓ କର୍ମଚାରୀ ସହଯୋଗ କରିଥିଲେ ।

# ଲଲାଟେନ୍ଦୁ ବିଦ୍ୟାଧର ମହାପାତ୍ରଙ୍କ ୫ମ ଶ୍ରାଦ୍ଧବାର୍ଷିକୀ

**ଜଗତସିଂହପୁର(ପବିତ୍ର କୁମାର ଦାଶ):-** ଜଗତସିଂହପୁର ସଦର ମହକୁମାର ଗୋପାଳଜୀୟୁ ମନ୍ଦିର ପରିସରରେ ବିଶିଷ୍ଟ ରାଜନେତା ସ୍ୱର୍ଗତ ଲଲାଟେନ୍ଦୁ ବିଦ୍ୟାଧର ମହାପାତ୍ରଙ୍କ ୫ମ ଶ୍ରାଦ୍ଧବାର୍ଷିକୀ ଉପଲକ୍ଷେ ସ୍ମୃତିସଭା ଅନୁଷ୍ଠିତ ହୋଇଯାଇଛି । ଜଗତସିଂହପୁରର ବିଶିଷ୍ଟ ସମାଜସେବୀ ତଥା ଉଦ୍ୟୋଗପତି ଅମିୟକାନ୍ତ ଦାସଙ୍କ ପ୍ରତ୍ୟେକ୍ଷ ତତ୍ତ୍ୱାବଧାନରେ ଓ ସାରଦା ପ୍ରସନ୍ନ ଆଚାର୍ଯ୍ୟଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ସର୍ବେଶ୍ୱର ପଣ୍ଡା, ବିଷ୍ଣୁଚରଣ ବାରିକ,ପ୍ରିୟବ୍ରତ ମିଶ୍ର,ଦୀପକ କୁମାର ପଶାୟତ,ପ୍ରଶାନ୍ତ କୁମାର ସିଂହ,ଚନ୍ଦନ ଲାଲ ପରିଜା,ସୌମ୍ୟଜିତ ଦାଶ,ରାଜା



ପରିଡା,ସରୋଜ କୁମାର ପାତ୍ର,ସମୀର ଖୁଣ୍ଟିଆ,ପବିତ୍ର ପ୍ରଧାନ,ଚିତ୍ରସେନ ସାହୁ ପ୍ରମୁଖ ଶତାଧିକ ଲୁଲୁ ପ୍ରେମୀ ଯୋଗଦେଇ ଶ୍ରଦ୍ଧାଞ୍ଜଳୀ ଅର୍ପଣ କରିଥିଲେ । ସଭା ପ୍ରାରମ୍ଭରୁ ସ୍ୱର୍ଗତ ବିଶିଷ୍ଟ ରାଜନେତା ତଥା ସମାଜ ସେବୀ ନିରଞ୍ଜନ ଜେନାଙ୍କ ଉଦ୍ଦେଶ୍ୟରେ ୨ମିନିଟ୍ ନିରବ ପ୍ରାର୍ଥନା କରାଯାଇଥିଲା । ପରେ ସ୍ଥାନୀୟ ଶିଶୁ ଆଶ୍ରମ ରେ ପ୍ରଶାନ୍ତ କୁମାର ସିଂହଙ୍କ ନେତୃତ୍ୱରେ ଫଳ ବଣ୍ଟନ କରାଯାଇଥିଲା ।

# ଜିଲ୍ଲା ଓ ଦୌରାଜଜ୍‌ଙ୍କୁ ବିଦାୟ ସମ୍ବର୍ଦ୍ଧନା

**ଜଗତସିଂହପୁର(ସଂପର୍କବାର୍ତ୍ତା):-** ଜଗତସିଂହପୁର ଜିଲ୍ଲା ଓ ଦୌରାଜଜ୍ ଆନନ୍ଦ ଚନ୍ଦ୍ର ବେହେରାଙ୍କର ଇତିମଧ୍ୟରେ ଅନ୍ୟତ୍ର ବଦଳି ହୋଇଯାଇଥିବାରୁ ଏହି ଅବସରରେ ଜିଲ୍ଲା ଓକିଲ ସଂଘ ଜଗତସିଂହପୁର ପକ୍ଷରୁ ଏକ ବିଦାୟକାଳୀନ ସମ୍ବର୍ଦ୍ଧନା ସଭା କୋର୍ଟ ପରିସରରେ ଅନୁଷ୍ଠିତ ହୋଇଯାଇଛି । ଜିଲ୍ଲା ଓକିଲ ସଂଘର ସଭାପତି ଆଇନଜୀବୀ ଗଗନ ଚନ୍ଦ୍ର ଦାଶ ସଭାପତିତ୍ୱ କରିଥିଲେ । ଏହି ଅବସରରେ ବିଦାୟୀ ଜିଲ୍ଲା ଜଜ୍ ଶ୍ରୀଯୁକ୍ତ ବେହେରା ଜଗତସିଂହପୁର ଓକିଲ ସଂଘ ସହିତ ସଂପର୍କ କେବେବି ଭୁଲି ହେବ ନାହିଁ ବୋଲି କହିଥିଲେ । ତାଙ୍କ କାର୍ଯ୍ୟକାଳ ମଧ୍ୟରେ ଜଗତସିଂହପୁରରୁ ଯେଉଁ ସହଯୋଗ ପାଇଛନ୍ତି ତାହା ଅନ୍ୟକେଉଁଠି ପାଇ ନାହାଁନ୍ତି ବୋଲି ମତବ୍ୟକ୍ତ କରିଥିଲେ । ପରିବାର ଅଦାଲତ ବିଚାରପତି ଜୀବନଜ୍ୟୋତି ରଥ,ଅତିରିକ୍ତ ଜିଲ୍ଲା ଓ ଦୌରାଜଜ୍ ଇତିଶ୍ରୀ ମାଳବିକା ଭୂୟାଁ,ମୁଖ୍ୟ ବିଚାର ବିଭାଗୀୟ ମାଜିଷ୍ଟ୍ରେଟ୍ ପ୍ରିୟରଞ୍ଜନ ମିଶ୍ର,ସବ୍ ଜଜ୍



ଶଶୀରେଖା ମିଶ୍ର,ବରିଷ୍ଠ ଆଇନଜୀବୀ ରାଜକିଶୋର ଖଟୁଆ,ରବିନ୍ଦ୍ର ନାଥ ମହାନ୍ତି,ଗୋରାଚନ୍ଦ କାନୁନଗୋ,ଅତୁ୍ୟଲ ଚନ୍ଦ୍ର ଦାସ,ସୌରୀପ୍ରସାଦ ସ୍ୱାଇଁ,କୃଷ୍ଣଚନ୍ଦ୍ର ଭୂୟାଁ,ପ୍ରମୋଦକୁମାର ସ୍ୱାଇଁ,ବିଳାସ ଚନ୍ଦ୍ର ଲେଙ୍କା, ସଲିଲ୍ ଘୋଷ, ପିତାମ୍ବର ପଣ୍ଡା, ଶ୍ରୀକାନ୍ତ ନନ୍ଦ,ଦୋଳଗୋବିନ୍ଦ ଦାଶ, ପୁର୍ଣ୍ଣେନ୍ଦୁମୌଳୀ ମହାନ୍ତି, ସୁବ୍ରତ ଶତପଥି, ରବିନ୍ଦ୍ର କୁମାର ସ୍ୱାଇଁ, ଭଜହରି କ, ଘନଶ୍ୟାମ ଶତପଥି, ବାସୁଦେବ, ରାଜକିଶୋର ବେହେରା, ଯୁଧିଷ୍ଠିର ମିଶ୍ର,ମହେଶ୍ ମହାନ୍ତି, ସୁଧୀରଚନ୍ଦ୍ର ଖୁଣ୍ଟିଆ, ସୁଧାଂଶୁ ମୋହନ ମିଶ୍ର, ଶାରଦା ପ୍ରସାଦ ଦାସ, ରବିନାରାୟଣ ନାୟକ, ପ୍ରମୁଖ ବକ୍ତବ୍ୟ ପ୍ରଦାନ କରିଥିଲେ । ଏହି ଅବସରରେ ଜିଲ୍ଲା ଓକିଲ ସଂଘ ଓ ଏରସମା ଓକିଲ ସଂଘ ପକ୍ଷରୁ ବିଦାୟୀ ବିଚାରପତିଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା । ଶେଷରେ ଜିଲ୍ଲା ଓକିଲ ସଂଘର ସଂପାଦକ ନରେଶ ଦାସ ଧନ୍ୟବାଦ ଅର୍ପଣ କରିଥିଲେ । ଏହି କାର୍ଯ୍ୟକ୍ରମରେ ସମସ୍ତ ବିଚାରବିଭାଗୀୟ ଅଧିକାରୀ, ଶତାଧିକ ଆଇନଜୀବୀ ମୋହରିର୍ କୋର୍ଟ ଷ୍ଟାଫ୍ ଯୋଗଦେଇଥିଲେ ।

# ମନ୍ଦାରଫୁଲ ରୋଗ ପାଇଁ ରାମବାଣ ସଦୃଶ

**ଭୁବନେଶ୍ୱର(ସଂପର୍କବାର୍ତ୍ତା):-** ଆମେ ସମସ୍ତେ ପ୍ରାୟ ମନ୍ଦାର ଫୁଲ ସହିତ ଖୁବ ପରିଚିତ । ଯେ କୌଣସି ବାର ହୋଇଥାଉ ଏହା ହନୁମାନଙ୍କୁ ଅର୍ପଣ କରାଯାଇ ଥାଏ । ମନ୍ଦାର ଫୁଲ ଧାର୍ମିକ ସହ ସ୍ୱାସ୍ଥ୍ୟଗତ ଦୃଷ୍ଟିରୁ ମଧ୍ୟ ଖୁବ ଉପଯୋଗୀ । ଆୟୁର୍ବେଦ ରେ ମନ୍ଦାରଫୁଲ କୁ ଅନେକ ରୋଗ ପାଇଁ ବ୍ୟବହାର କରାଯାଏ । ଏହି ଫୁଲକୁ ବ୍ୟବହାର କରି ଆପଣ ବିଭିନ୍ନ ଶାରୀରିକ ସମସ୍ୟାରୁ ନିଜକୁ ଠିକ ରଖି ପାରିବେ । ଆପଣଙ୍କ ଛୋଟ ଖଣ୍ଡିଆ ଟିକେ କୁ ଠିକ କରିବା ସହିତ ସେକ୍ସ ଲାଇଫକୁ ମଧ୍ୟ ଅନେକ ମାତ୍ରାରେ ଭଲ ଦେଇଥାଏ ।

ଆସନ୍ତୁ ଜାଣିବା ମନ୍ଦାର ଫୁଲର ସ୍ୱାସ୍ଥ୍ୟଗତ ଲାଭ ବିଷୟରେ –

ବ୍ଲଡପ୍ରେସର ନିୟନ୍ତ୍ରଣ କରିଥାଏ - ଯଦି ଆପଣ ହାଇ ବ୍ଲଡ ପ୍ରେସର ସମସ୍ୟାରେ ପ୍ରଭାବିତ ହେଉଛନ୍ତି ତେବେ ମନ୍ଦାର ଫୁଲ ଦ୍ୱାରା ପ୍ରାକୃତିକ ଉପାୟରେ ଠିକ ହୋଇ ପାରିବେ ତେଣୁ ଏହାକୁ ସବୁଦିନ ସକାଳୁ ଜୁସ ବାହାରକରି ସେବନ କରନ୍ତୁ । ଦେଖିବେ ଆରମ୍ ପାଇବେ । ସ୍ମରଣ ଶକ୍ତି ସୁଦୃଢ ହେବ– ମନ୍ଦାରଫୁଲ ଓ ପତ୍ରକୁ ଶୁଖାଇ ଗୁଣ୍ଡ କରନ୍ତୁ । ଏହି ଗୁଣ୍ଡକୁ ପ୍ରତିଦିନ ଗୋଟିଏ ଗ୍ଲାସ କ୍ଷୀର ସହିତ ପିଇବା ଦ୍ୱାରା ସ୍ମରଣ ଶକ୍ତି ବଢିବା ସହ ରକ୍ତ ହୀନତା ମଧ୍ୟ ଦୂର ହୋଇଥାଏ ।



ମଧୁମେହ ପାଇଁ ଉପଯୋଗୀ – ମନ୍ଦାରଫୁଲ ପତ୍ରର ରସ ଓ ଫୁଲର ରସକୁ ଆପଣ ମଧୁମେହ ପାଇଁ ଖବୁ ଉପଯୋଗୀ । ସବୁଦିନ ସକାଳୁ ଖାଲି ପେଟରେ ଉଷୁମପାଣି ରେ ମନ୍ଦାର ଫୁଲ ରସକୁ ମିଶାଇ ସେବନ କରନ୍ତୁ ଦେଖିବେ ଧିରେ ଧିରେ ଓଜନ ହ୍ରାସ ହେବା ସହିତ ରକ୍ତ ଶର୍କରା ମଧ୍ୟ ନିୟନ୍ତ୍ରିତ ହେବ । କୋଷ୍ଟ୍ରୋଲ ପାଇଁ ହିତକର- ଯଦି ଆପଣ ଉଚ୍ଚ କେଲେଷ୍ଟ୍ରାଲ ଦ୍ୱାରା ଆକ୍ରନ୍ତ ହେଉଛନ୍ତି , ତେବେ ଆପଣ ପ୍ରତିଦିନ ସକାଳେ ଓ ସନ୍ଧ୍ୟାରେ ମନ୍ଦାରଫୁଲ ରସ ଓ ଉଷୁମ ପାଣି ନିୟମିତ ସେବନ କରିବା ଦ୍ୱାରା ଏହି ସମସ୍ୟାରୁ ଆରମ୍ ପାଇବା ସହ କୋଷ୍ଟ୍ରୋଲ ନିୟନ୍ତ୍ରିତ ରହିବ ଓ ଓଜନ ମଧ୍ୟ ହ୍ରାସହେବ ।

ସୋନ୍ଦର୍ଯ୍ୟ ବିକାଶ କରିଥାଏ – ମନ୍ଦାରଫୁଲ ମୁହଁର ଦାଗ ଦୂର କରିବା ସହ କେଶକୁ ମଧ୍ୟ ସୁନ୍ଦର କରିଥାଏ ମନ୍ଦାରଫୁଲ ପତ୍ରକୁ ବାଟି ମୁହଁରେ ଲଗାଇବା ଦ୍ୱାରା ବ୍ରଣ ଦୂର ହୋଇଥାଏ । ତା ସହିତ ମନ୍ଦାରଫୁଲ କୁ ଶଖାଇ କେଶରେ ତେଲ ସହିତ ବ୍ୟବହାର କଲେ କେଶ ଝାଡିବା ବନ୍ଦ ହେବା ସହିତ ଘନ ମଧ୍ୟ ହୋଇଥାଏ ।

# ନୀଳକଣ୍ଠ ଦାସ ସତ୍ୟବାଦୀ ବନବିଦ୍ୟାଳୟର ସୁତ୍ରଧର

**ଜଗତସିଂହପୁର(ସଂପର୍କବାର୍ତ୍ତା):-** ପଣ୍ଡିତ ନୀଳକଣ୍ଠ ଦାସ ସତ୍ୟବାଦୀ ବନବିଦ୍ୟାଳୟ ପରିକଳ୍ପନାର ଥିଲେ ସୁତ୍ରଧର ବୋଲି ଜାତୀୟ ଭାଷା ସାହିତ୍ୟ ଓ ସାଂସ୍କୃତିକ ଅନୁଷ୍ଠାନ ଆଗାମୀ ଓଡିଶା ପକ୍ଷରୁ ଆଜି ଅପରାହ୍ନରେ ରଘୁନାଥପୁର ସ୍ଥିତ ମହାତ୍ମାଗାନ୍ଧୀ ସଭାକକ୍ଷରେ ତାଙ୍କର ଶ୍ରାଦ୍ଧ ଉତ୍ସବରେ ମୂଖ୍ୟ ଅତିଥି ଭାବେ ଶିକ୍ଷାବିତ ସୁରେଶଚନ୍ଦ୍ର ରାଉତ ଯୋଗଦେଇ ଏହା କହିଥିଲେ । ଏଥିରେ ମୂଖ୍ୟ ବକ୍ତା ଭାବେ ବରିଷ୍ଠ ସାମ୍ବାଦିକ ବିଜୟ କୁମାର ସ୍ୱାଇଁ ଯୋଗଦେଇ ପଣ୍ଡିତ ଗୋପବନ୍ଧୁ ଦାସ ଏବଂ ଉତ୍କଳ ଗୌରବ ମଧୁସୁଦନ ଦାସ ଥିଲେ ନୀଳକଣ୍ଠ ଦାସଙ୍କର ଆଦର୍ଶ ବୋଲି କହିଥିଲେ । ଏଥିରେ ଆଗାମୀ ଓଡିଶା ସଭାପତି ପ୍ୟାରୀମୋହନ ପଟ୍ଟନାୟକ ପୌରହିତ୍ୟ କରି ଗୋପବନ୍ଧୁଙ୍କ ପରେ ସ୍ୱରାଜ ଆନ୍ଦୋଳନକୁ ଆଗେଇ ନେବାରେ ନୀଳକଣ୍ଠ ଦାସଙ୍କ ଭୂମିକା ଅତି ଗୁରୁତ୍ୱପୂର୍ଣ୍ଣ ଥିଲା । ଏଥିରେ ଏସ.ଏନ କଲେଜର



ପୂର୍ବତନ ଅଧ୍ୟକ୍ଷ ଅଜୟ କୁମାର ଦାସ ଯୋଗଦେଇ ସ୍ୱାଧିନତା ସଂଗ୍ରାମରେ ଭାଗନେଇ ସେ ବହୁବାର କାରାବରଣ କରିଥିଲେ ବୋଲି କହିଥିଲେ । ଏଥିରେ ପଣ୍ଡିତ ଶ୍ରୀବସ୍ତ ଦାସ ମହାପାତ୍ର ଯୋଗଦେଇ ନୀଳକଣ୍ଠ ଦାସ ୧୯୫୭ରେ ସତ୍ୟବାଦୀ ନିର୍ବାଚନ ମଣ୍ଡଳୀରେ ବିଜୟୀ ହୋଇ ବାଚସ୍ପତି ଆସନ ଅଳଂକୃତ କରିଥିଲେ । ଏଥିରେ ଅଧ୍ୟାପକ ଭଗବାନ ବିଶ୍ୱାଳ, ଅଧ୍ୟାପକ ଆଶିଷ ଚକ୍ରବର୍ତ୍ତୀ, ରାଷ୍ଟ୍ରପତି ପୁରସ୍କାରପ୍ରାପ୍ତ ପୂର୍ବତନ ପ୍ରଧାନଶିକ୍ଷକ ବାବାଜୀ ଚରଣ ସାହୁ, ଶିକ୍ଷାବିତ ପ୍ରଣକୃଷ୍ଣ ନାୟକ, ଶିକ୍ଷାବିତ ଯଦୁନାଥ ଜେନା, ଶିକ୍ଷାବିତ ସଦାଶିବ ବିଶ୍ୱାଳ, ଶିକ୍ଷକ ନେତା ଉମେଶ କୁମାର ନାୟକ ପ୍ରମୁଖ ଯୋଗଦେଇ ପଣ୍ଡିତ ନିଳକଣ୍ଠ ଦାସ ଜାତି, ବର୍ଣ୍ଣ ଭେଦଭାବ ଉଠାଇବା ପାଇଁ ତାଙ୍କର ସମାଜସଂସ୍କାର ପାଇଁ ସେ ଆନ୍ଦୋଳନ କରିଥିଲେ ବୋଲି କହିଥିଲେ । ସମାଜସେବୀ ବିଜନ ମହାପାତ୍ର ଧନ୍ୟବାଦ ଦେଇଥିଲେ ।

# ଆଦର୍ଶ ଆଭାସୀ କୋର୍ଟରୁମ୍ ଉଦ୍‌ଘାଟିତ

**ଭୁବନେଶ୍ୱର(ପରମେଶ୍ୱର ଦାଶ):-** ସୁପ୍ରିମ୍‌କୋର୍ଟର ମାନ୍ୟବର ଜଜ୍ ଏବଂ ସୁପ୍ରିମ୍ କୋର୍ଟର ଇ-କମିଟିର ଅଧ୍ୟକ୍ଷ ଡ. ଜଷ୍ଟିସ୍ ଡି.ଓ୍ୱାଇ ଚନ୍ଦ୍ରଚୂଡ଼ ଆଜି ଅନୁଗୋଳ ଓ ନୟାଗଡ଼ ଜିଲ୍ଲା ପାଇଁ ଆଦର୍ଶ ଆଭାସୀ କୋର୍ଟରୁମ୍‌ର ଶୁଭଉଦ୍‌ଘାଟନ ସହ କେସ୍ ସମ୍ବନ୍ଧୀୟ ସୂଚନା ନିମନ୍ତେ ଇ-କଷ୍ଟଡି ସାର୍ଟିଫିକେଟ୍ ସିଷ୍ଟମ୍ ଏବଂ ମାମଲା ସମ୍ବନ୍ଧୀୟ ସୂଚନା ପ୍ରଦାନ ନିମନ୍ତେ ସ୍ୱୟଂକ୍ରିୟ ଇ-ମେଲ୍ ସର୍ଭିସ୍‌ର ଲୋକାର୍ପଣ କରିଛନ୍ତି । ଏହି ଅବସରରେ ଓଡ଼ିଶା ହାଇକୋର୍ଟର ମୁଖ୍ୟ ବିଚାରପତି ମାନ୍ୟବର ଡ. ଜଷ୍ଟିସ୍ ଏସ୍. ମୁରଲୀଧର, ଓଡ଼ିଶା ହାଇକୋର୍ଟର ଜଜ ଏବଂ ହାଇକୋର୍ଟର ଆଇଟି ଏବଂ ଆର୍ଟିଫିସିଆଲ୍ ଇଣ୍ଟେଲିଜେନ୍ସ କମିଟିର ଅଧ୍ୟକ୍ଷ ମାନ୍ୟବର ଶ୍ରୀ ଜଷ୍ଟିସ୍




ବିଶ୍ୱଜିତ ମହାନ୍ତି, ଓଡ଼ିଶା ହାଇକୋର୍ଟର ଜଜ୍ ଏବଂ ହାଇକୋର୍ଟର ଆଇଟି ଏବଂ ଆର୍ଟିଫିସିଆଲ୍ ଇଣ୍ଟେଲିଜେନ୍ସ କମିଟିର ସଦସ୍ୟ ମାନ୍ୟବର ଶ୍ରୀ ଜଷ୍ଟିସ୍ ସଙ୍ଗମ କୁମାର ସାହୁଙ୍କ ସମେତ କୋର୍ଟର ଅନ୍ୟ ମାନ୍ୟବର ଜଜ୍‌ମାନେ ଆଭାସୀ ମାଧ୍ୟମରେ ଯୋଗଦେଇଥିଲେ । ଓଡ଼ିଶାର ଆଡ୍‌ଭୋକେଟ୍ ଜେନେରାଲ୍ ଶ୍ରୀ ଅଶୋକ କୁମାର ପରିଜା, ଗୃହ ବିଭାଗର ଅତିରିକ୍ତ ମୁଖ୍ୟ ଶାସନ ସଚିବ ସଂଜୀବ ଚୋପ୍ରା, ପୋଲିସ୍ ମହାନିର୍ଦ୍ଦେଶକ ଶ୍ରୀ ଅଭୟ, ପୋଲିସ୍ ମହାନିର୍ଦ୍ଦେଶକ(କାରାଗାର) ସନ୍ତୋଷ ଉପାଧ୍ୟାୟ, ଅନୁଗୋଳର ଜିଲ୍ଲା ଜଜ୍ ଶ୍ରୀମତୀ ଭାଗ୍ୟଲକ୍ଷ୍ମୀ ରଥ, ନୟାଗଡ଼ର ଜିଲ୍ଲା ଜଜ୍ ଶ୍ରୀମତୀ ରୂପଶ୍ରୀ ଚୌଧୁରୀଙ୍କ ସମେତ ରାଜ୍ୟର ଅନ୍ୟ ପଦାଧିକାରୀ ପ୍ରମୁଖ ଆଭାସୀ ମାଧ୍ୟମରେ ଏହି କାର୍ଯ୍ୟକ୍ରମରେ ଯୋଗଦେଇଥିଲେ ।

# LIC ଦେଲା ପ୍ରମୋଦ ଭଗତଙ୍କୁ ୧.୧୦ କୋଟି

**ସମ୍ବଲପୁର(ସଂପର୍କବାର୍ତ୍ତା):-** ପାରାଅଲିମ୍ପିକ ସ୍ୱର୍ଣ୍ଣ ବିଜୟୀ ପ୍ରମୋଦ ଭଗତଙ୍କୁ ଭାରତୀୟ ଜୀବନ ବୀମା ନିଗମ କାର୍ଯ୍ୟାଳୟରେ ଶ୍ରୀ ଭଗତଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା ମଣ୍ଡଳ ପ୍ରବନ୍ଧକ ବି.ଏଲ. ଦାସଙ୍କ ଅଧିକ୍ଷତାରେ ଅନୁଷ୍ଠିତ ସମ୍ବର୍ଧନା ସଭାରେ ଶ୍ରୀ ଭଗତଙ୍କୁ ୧କୋଟି ୧୦ଲକ୍ଷ ଟଙ୍କାର ଚେକ ପ୍ରଦାନ କରାଯାଇଛି । ଏହି ଅବସରରେ ଶ୍ରୀ ଭଗତ କହିଥିଲେ ଯେ ଭାରତୀୟ ଜୀବନ ବୀମା ଭଳି ଦଳଗତ କାର୍ଯ୍ୟ ହିଁ ସଫଳତାର ସୂତା ଓଡିଶା ପାଇଁ ପ୍ରଥମ ଖେଳ ରତ୍ନ ପୁରସ୍କାର ଆଣିବା




ଦିଗରେ ସେ ବହୁତ ଖୁସି । କ୍ରୀଡା କ୍ଷେତ୍ରରେ ଓଡିଶା ଏବେ ଉତ୍କର୍ଷ କେନ୍ଦ୍ର ପାଲଟିଛି । ତେଣୁ ଓଡିଶାର ଖେଳାଳୀମାନେ ଆହୁରି ପରିଶ୍ରମ କଲେ ନିଶ୍ଚୟ ସଫଳତାର ଶୀର୍ଷକୁ ଛୁଇପାରିବେ ବୋଲି ସେ କହିଛନ୍ତି । ଏହି ଅବସରରେ ଭାରତୀୟ ଜୀବନ ବୀମା ମଣ୍ଡଳ ପ୍ରବନ୍ଧକ ଶ୍ରୀ ଦାସ ସୂଚନା ଦେଇଛନ୍ତି ଯେ ସକ୍ରୀଡାକ ପ୍ରୋତ୍ସାହିତ କରିବାକୁ ଭାରତୀୟ ଜୀବନ ବୀମା ରୌପ୍ୟ ବିଜେତାଙ୍କୁ ୫୦ଲକ୍ଷ ଟଙ୍କା କାଂସ୍ୟ ବିଜେତାଙ୍କୁ ୨୫ଲକ୍ଷ ଟଙ୍କା ଓ ଉପବିଜେତାଙ୍କୁ ୧୦ଲକ୍ଷ ଟଙ୍କା ପ୍ରଦାନ କରାଯାଉଛି । ଅଲିମ୍ପିକ ହକିରେ ଅଂଶଗ୍ରହଣ କରିଥିଲେ ।ପ୍ରବନ୍ଧକ (ସେଲ୍ ସ) ଶରତ କୁମାର ପଣ୍ଡା ସଭା ପରିଚାଳନା କରିଥିଲେ । ପ୍ରବନ୍ଧକ(ପିଏଣ୍ଡଜିଏସ୍) ସୁବୋଧ ଆଚାର୍ଯ୍ୟ ଥିଲେ।

# ଜାତୀୟ ସମର ଶିକ୍ଷାର୍ଥୀ ବାହିନୀ ପ୍ରଶିକ୍ଷଣ ଶିବିରରେ "ସ୍ୱର୍ଣ୍ଣିମ ବିଜୟ ମଶାଲ"

**ଭୁବନେଶ୍ୱର(ପରମେଶ୍ୱର ଦାଶ):-** ୧୯୭୧ ମସିହାରେ ଭାରତ ଓ ପାକିସ୍ତାନ ମଧ୍ୟରେ ଅନୁଷ୍ଠିତ ଯୁଦ୍ଧର ୫୦ ବର୍ଷ ପୂର୍ତ୍ତି ଉପଲକ୍ଷେ ଯାତ୍ରା କରୁଥିବା ଭାରତର ବିଜୟ ଗୌରବ ପାଳନର ସ୍ମାରକୀ "ସ୍ୱର୍ଣ୍ଣିମ ବିଜୟ ମଶାଲ"କୁ ବୁଧବାର ପୂର୍ବାହ୍ଣରେ ଭୁବନେଶ୍ୱର ୟୁନିଟ୍-୧ ଆଦିବାସୀ ପଡିଆସ୍ଥିତ ଏନ୍.ସି.ସି କ୍ୟାମ୍ପ( ଜାତୀୟ ସମର ଶିକ୍ଷାର୍ଥୀ ବାହିନୀ ଶିବିର) ରେ ସ୍ୱାଗତ କରାଯାଇଥିଲା । ପବିତ୍ର ବିଜୟ ମଶାଲ ଏଠାରେ ପହଁଚିବା ପରେ ଏନ୍,ସି.ସି ନିର୍ଦ୍ଦେଶାଳୟର ଉପ ନିର୍ଦ୍ଦେଶକ କମୋଡର ସୋମେନ ବାନାର୍ଜୀ, ଗ୍ରୁପ୍



କମାଣ୍ଡର,ଏନ୍,ସି.ସି-କଟକ କର୍ଣ୍ଣେଲ ରଜନୀଶ, ଗ୍ରୁପ୍ କ୍ୟାପ୍ଟେନ୍ ତଥା ଗ୍ରୁପ୍ କମାଣ୍ଡର ବ୍ରହ୍ମପୁର ସଚିନ୍ ଗୁପ୍ତା, ଲେଫ୍ଟନାଣ୍ଟ କର୍ଣ୍ଣେଲ ସୁଦର୍ଶନ ଯୋଶୀ, କମାଣ୍ଡିଂ ଅଫିସର –୬ ଓଡିଶା ବାଟାଲିୟନ,ପୁରୀ ପ୍ରମୁଖ ଯୋଗଦେଇ ଏହାକୁ ସ୍ୱାଗତ ଓ ସମ୍ମାନ ପ୍ରଦର୍ଶନ କରିଥିଲେ ଏବଂ ୧୯୭୧ ଯୁଦ୍ଧର ବୀର ଯବାନମାନଙ୍କର ବଳିଦାନ, ବୀରତ୍ୱର ଓ ଯୁଦ୍ଧର ସଫଳତା ସ୍ମୃତିଚାରଣ କରିବା ସହିତ ଏନ୍,ସି.ସି କ୍ୟାଡେଟ୍‌ମାନଙ୍କୁ ଉଦ୍‌ବୋଧନ ଦେଇଥିଲେ । ରାଜ୍ୟର ସମସ୍ତ ଜିଲ୍ଲାରୁ ୨୦୦ରୁ ଉର୍ଦ୍ଧ୍ୱ ଜାତୀୟ ସମର ଶିକ୍ଷାର୍ଥୀ ବାହିନୀ ଛାତ୍ରଛାତ୍ରୀ ଏହି କାର୍ଯ୍ୟକ୍ରମରେ ଉପସ୍ଥିତଥିଲେ । ବିଭିନ୍ନ ଗ୍ରୁପ୍‌ର କ୍ୟାଡେଟ୍‌ମାନେ ୧୯୭୧ ଯୁଦ୍ଧ ସଂପର୍କିତ ବକ୍ତୃତା ପ୍ରଦାନ କରିବା ସହ ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରିଥିଲେ ।

# ମୟୂରଭଞ୍ଜରେ ଜେଏମ୍‌ଏଫ୍‌ସି କୋର୍ଟ ଉଦ୍‌ଘାଟିତ

**ଭୁବନେଶ୍ୱର(ପରମେଶ୍ୱର ଦାଶ):-** ଗତ ୩ ତାରିଖ ପୂର୍ବାହ୍ନରେ ହାଇକୋର୍ଟର ମୁଖ୍ୟ ବିଚାରପତି ଡକ୍ଟର ଏସ୍.ମୁରଲୀଧର ମୟୂରଭଞ୍ଜର ଠାକୁରମୁଣ୍ଡାଠାରେ ସିଭିଲ୍ ଜଜ୍(ଜୁନିୟର ଡିଭିଜନ୍) ତଥା ଜେଏମ୍‌ଏଫ୍‌ସି କୋର୍ଟର ଉଦ୍‌ଘାଟନ କରିଛନ୍ତି । ଠାକୁରମୁଣ୍ଡାର ଜନସାଧାରଣଙ୍କର ବହୁପ୍ରତୀକ୍ଷିତ ସ୍ୱପ୍ନ ଏବେ ସାକାର ହେବ । ଆଭାସୀ ମାଧ୍ୟମରେ ଉଦ୍‌ଘାଟିତ ହୋଇଥିବା




ଏହି ଉତ୍ସବରେ ଡକ୍ଟର ଜଷ୍ଟିସ୍ ବି.ଆର୍. ଷଡଙ୍ଗୀ, ଏସ୍.କେ. ପୂଜାହାରୀ, ଜଷ୍ଟିସ୍ ଆର୍.କେ. ପଟ୍ଟନାୟକ ଓ ଅନ୍ୟ ଜଜ୍‌ମାନେ ଉପସ୍ଥିତ ଥିଲେ । ଅନ୍ୟମାନଙ୍କ ମଧ୍ୟରେ ରେଜିଷ୍ଟ୍ରାର (ପ୍ରଶାସନ) ଦିଲ୍ଲୀପ କୁମାର ମିଶ୍ର, ମୟୂରଭଞ୍ଜ ଜିଲ୍ଲା ଜଜ୍ ପ୍ରଦୀପ କୁମାର ପଟ୍ଟନାୟକ, କରଞ୍ଜିଆ ଅତିରିକ୍ତ ଜିଲ୍ଲା ଜଜ୍ ଶ୍ରୀ ସୁଶୀଲ କୁମାର ରାଉତ ଏବଂ କରଞ୍ଜିଆ ବାର୍ ଆସୋସିଏସନ୍‌ର ସଭାପତି ଦୀପକ କୁମାର ଦାସ ଅଧିକାରୀ ଏବଂ ସେକ୍ରେଟାରୀ ସଂଜୟ କୁମାର ମିଶ୍ର ଏହି ଆଭାସୀ ଉତ୍ସବରେ ଉପସ୍ଥିତ ଥିଲେ ।

# ଓଡିଶା ବିଦ୍ୟୁତ କର୍ମଚାରୀ ମହାସଂଘ ବୈଠକ

**ରଘୁନାଥପୁର(ସଂପର୍କବାର୍ତ୍ତା):-** ରଘୁନାଥପୁର ଉପଖଣ୍ଡ ସ୍ତରୀୟ ବୈଠକରେ ଆଜି ତାରପୁର ମା ନାରାୟଣୀ ପୀଠରେ ଅନୁଷ୍ଠିତ ହୋଇଥିଲା। ଏଥିରେ ମୁଖ୍ୟଅତିଥି ଭାବେ ଓଡିଶା ବିଦ୍ୟୁତ କର୍ମଚାରୀ ମହାସଂଘର କାର୍ଯ୍ୟକାରୀ ସଭାପରି ରାଜୀବ ମହାନ୍ତି ଯୋଗଦେଇ ମହାସଂଘର ଆସନ୍ତା ଅଧିବେଶନ ଜଗତସିଂହପୁର ଜିଲ୍ଲାରେ ଘୋଷଣା କରିବା ସହିତ ବିଦ୍ୟୁତ କର୍ମଚାରୀ ମାନଙ୍କର ସମସ୍ୟାକୁ ଉଚ୍ଚକର୍ତ୍ତୃପକ୍ଷଙ୍କ ନୋଟିସକୁ ଅଣାଯାଇ ସମାଧାନ କରାଯିବ ବୋଲି କହିଥିଲେ। ଏଥିରେ ଓଡିଶା ବିଦ୍ୟୁତ କର୍ମଚାରୀ ମହାସଂଘ ସାଧାରଣ ସମ୍ପାଦକ ଅମର ଜମର ପ୍ରାତ ସିଂହ ଯୋଗଦେଇ ଆଗାମୀ ଅଧିବେଶନ ନିମନ୍ତେ ସମସ୍ତ ବିଦ୍ୟୁତ କର୍ମଚାରୀମାନେ ସହଯୋଗର ହାତ ବଢାଇବାକୁ ଆହ୍ୱାନ ଦେଇଥିଲେ। ଓଡିଶା ବିଦ୍ୟୁତ କର୍ମଚାରୀ ମହାସଂଘର ଯୁଗ୍ମ ସମ୍ପାଦକ ପ୍ରିୟବ୍ରତ ନାୟକ, ସର୍କଲ ସମ୍ପାଦକ ପଦ୍ମଲୋଚନ ରାଉତ ଯୋଗଦେଇ କର୍ମଚାରୀମାନେ ସମସ୍ୟା ସମାଧାନ ଦିଗରେ ସମସ୍ତ ପ୍ରକାର ପଦକ୍ଷେପ ଗ୍ରହଣ କରାଯିବ ବୋଲି କହିଥିଲେ। ଏଥିରେ ଓଡିଶା ବିଦ୍ୟୁତ କର୍ମଚାରୀ ମହାସଂଘର ଜଗତସିଂହପୁର ଡିଭିଜନର ସଭାପତି ଅଦ୍ୱୈତ ଚରଣ ନାୟକ ସଭାପତିତ୍ୱ କରିଥିଲେ। ଏଥିରେ ଡିଭିଜନ ସମ୍ପାଦକ ଆଦିତ୍ୟ



ପ୍ରସନ୍ନ ମହାନ୍ତି, ଓଡିଶା ବିଦ୍ୟୁତ କର୍ମଚାରୀ ମହାସଂଘର ମିଡିଆ ସେଲ ସମ୍ପାଦକ ଆଲୋକ ରଂଜନ ନାୟକ, ଉପଖଣ୍ଡ ସମ୍ପାଦକ ସମ୍ପଦ କୁମାର ଚୈାଧୁରୀ, ତପନ କୁମାର ବାରିକ, ଅରବିନ୍ଦ ବାରିକ, ବିଜୟ କୁମାର ନାୟକ, ତନ୍ମୟ କୁମାର ଜେନା, ରାଜକିଶୋର ମହାନ୍ତି, ସୌମ୍ୟରଂଜନ ପଟ୍ଟନାୟକ ପ୍ରମୁଖ ଯୋଗଦେଇ ଜଗତସିଂହପୁର ଜିଲ୍ଲାରେ ମହାସଂଘର ଅଧିବେଶନକୁ ସଫଳ କରିବା ପାଇଁ ସମସ୍ତ ପ୍ରକାର ସହଯୋଗ ପ୍ରତ୍ୟେକ କର୍ମଚାରୀ କରିବାକୁ ନିବେଦନ କରିଥିଲେ। ଏହି ଅବସରରେ କରୋନା ଯୋଦ୍ଧା ଭାବେ ସ୍ୱାସ୍ଥ୍ୟକର୍ମୀ ଚନ୍ଦନାରାଣୀ ସାମନ୍ତ ଓ ବରିଷ୍ଠ ସାମ୍ବାଦିକ ବିଜୟ କୁମାର ସ୍ୱାଇଁଙ୍କୁ ପୁଷ୍ପଗୁଚ୍ଛ ଉତ୍ତରୀୟ ଦେଇ ସମ୍ବର୍ଦ୍ଧିତ କରାଯାଇଥିଲା।

# ଉପକୂଳ ଓଡିଶା ବିକାଶ ପରିଷଦର ପାଣିପାଇଁ ପ୍ରତିବାଦ

**ଜଗତସିଂହପୁର(ସଂପର୍କବାର୍ତ୍ତା):-** ଅଡଶପୁର ରାସ୍ତାର ମଧ୍ୟବର୍ତ୍ତୀ ସ୍ଥଳରେ ବରିଷଣ ଗ୍ରାମବାସୀଙ୍କୁ ପାନୀୟଜଳ ଯୋଗାଇଦେବାପାଇଁ ତିନିବର୍ଷତଳେ ଏକ ପାନୀୟ ଜଳଯୋଗାଣ କେନ୍ଦ୍ର ସ୍ଥାପନ କରାଯାଇଛି ଏବଂ ବରିଷଣ ସମସ୍ତ ୱାର୍ଡ ସମେତ ବରିଗୁଡିକୁଦ ଗ୍ରାମକୁ ପାଣିପାଇପ୍ ସଂଯୋଗ କରାଯାଉଛି। ଉକ୍ତ ଜଳଯୋଗାଣ କେନ୍ଦ୍ରଟି ମାତ୍ର ଛଅ ମାସ ଚାଲିଛି ।ତାପରେ ଅଚଳ ହୋଇ ପଡିଛି। ଯାହା ଭିତରେ ଦୀର୍ଘ ଅଢେଇବର୍ଷରୁ ଅଧିକ ସମୟ ବିତିଗଲାଣି । ହେଲେ ଜଳଯୋଗାଣ କେନ୍ଦ୍ରକୁ ଚାଲୁ କରାଯାଇନାହିଁ। ବାରମ୍ବାର ଅଭିଯୋଗ କଲେ ମଧ୍ୟ ଫଳଶୁନ୍। ପିଇବା ପାଣିବିନା ଜନସାଧାରଣ ବହୁ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ବିଭିନ୍ନ ପ୍ରକାର ରୋଗର ଶିକାର ମଧ୍ୟ ହେଉଛନ୍ତି। ଜଳଯୋଗାଣ କେନ୍ଦ୍ରକୁ ଚାଲୁ କରି ସ୍ଥାନୀୟ ଅଞ୍ଚଳ କୁ ପାନୀୟ ଜଳ ଯୋଗାଇ ଦେବାପାଇଁ ଉପକୂଳ ଓଡିଶା ବିକାଶ ପରିଷଦ ସହଯୋଗରେ ବରିଷଣ ଗ୍ରାମବାସୀ





ମୁଖ୍ୟମନ୍ତ୍ରୀଙ୍କୁ ଏକ ଦାବୀପତ୍ର ଡାକଯୋଗେ ପ୍ରଦାନ କରିଛନ୍ତି। ୫ଟି ସଚିବଙ୍କୁ ମଧ୍ୟ ଲିଖିତ ଭାବରେ ଅବଗତ କରିଛନ୍ତି। ଆଜି ପୂର୍ବାହ୍ନ ୧୧ଟା ସମୟରେ ଗ୍ରାମର ମହିଳା ମାନେ ହାତରେ ଖାଲି ମାଠିଆ ଧରି ଏକ ଶୋଭା ଯାତ୍ରାରେ ଗ୍ରାମ ପରିକ୍ରମା କରିଥିଲେ ଏବଂ ଗଣମାଧ୍ୟମ ଜରିଆରେ ପାଣିପାଇଁ ସରକାରଙ୍କୁ ନିବେଦନ କରିଥିଲେ। ମହିଳାମାନଙ୍କ ମେଳି ଓ ପ୍ରତିବାଦ ଯୋଗୁଁ କିଛି ସମୟପାଇଁ ରାସ୍ତାରୋକ ହୋଇଥିଲା। ସମାଜସେବୀ ଶଶୀ ପରିଡା, ମୁକ୍ତି ସାହୁ, କାହ୍ନୁ ଜେନା, ସରୋଜ ଦାସ, ବାନାମ୍ବର ବାରିକ,ପ୍ରକାଶ ବିରାଟ, କୁଞ୍ଜବିହାରୀ ଜେନା,କାଳନ୍ଦୀ ଚରଣ ପ୍ରଧାନ ,ପୁନି ଭୋଇ,ରଞ୍ଜନା ଭୋଇ,ଜମ୍ବୁ ସାହୁ,ନୟନା ନାୟକ,ସୀତା ନାୟକ ପ୍ରମୁଖ ଅଂଶଗ୍ରହଣ କରିଥିଲେ। ଉକ୍ତ କାର୍ଯ୍ୟକ୍ରମରେ ପରିଷଦର କର୍ମକର୍ତ୍ତା ଅରୁଣ କୁମାର ଆଚାର୍ଯ୍ୟ,ବେଣୁଧର ନାୟକ,ଅଜୟ କୁମାର ଜେନା,ଜ୍ୟୋତିରଂଜନ ପରିଡା,ମାନସ ସ୍ୱାଇଁ,ଅଂଶଗ୍ରହଣ କରିଥିଲେ। ଆବାହକ ସରୋଜ ନାୟକ କାର୍ଯ୍ୟକ୍ରମକୁ ସଂଯୋଜନା କରିଥିଲେ।

# ବହୁମୁଖୀ ପ୍ରତିଭାର ଅଧିକାରୀଥିଲେ ପଣ୍ଡିତ ନୀଳକଣ୍ଠ ଦାସ

**ଜଗତସିଂହପୁର(ଅକ୍ଷୟ କୁମାର ବେହେରା):-** ଜଗତସିଂହପୁର ସାରସ୍ୱତ ପରିଷଦ ପକ୍ଷରୁ ଆଜି ପଣ୍ଡିତ ନୀଳକଣ୍ଠ ଦାସଙ୍କ ୫୪ତମ ଶ୍ରାଦ୍ଧୋତ୍ସବ ସ୍ଥାନୀୟ ତରଡାପଡା ଠାରେ ପାଳିତ ହୋଇଯାଇଛି। ଏଥିରେ ସଭାପତିତ୍ୱ କରି ପରିଷଦର ସଭାପତି ଅଧ୍ୟାପକ ହିମାଂଶୁ ଆଚାର୍ଯ୍ୟ କହିଲେ ଜଣେ ପ୍ରବୀଣ ଶିକ୍ଷାବିତ୍ ,ସୁସାହିତ୍ୟିକ,ସମାଜ ସଂସ୍କାର ,ସଂପାଦକ,ଭାଷ୍ୟକାର ତଥା ଆଦର୍ଶ ଜନନାୟକ ଭାବେ ପଣ୍ଡିତ ନୀଳକଣ୍ଠ ଦାସ ବହୁମୁଖୀ ପ୍ରତିଭାର ଅଧିକାରୀ ଥିଲେ। ମୁଖ୍ୟ ଆଲୋଚକ ଭାବେ ଡି.ଆଇ.ସି.ର ପ୍ରଶିକ୍ଷଣ ପ୍ରାୟୋଜକ ବିଷ୍ଣୁ ପ୍ରସାଦ ସାମଲ ତାଙ୍କ ବକ୍ତବ୍ୟରେ ସ୍ୱର୍ଗତ ନୀଳକଣ୍ଠ ଦାସ ଜଣେ ସଚ୍ଚା ସ୍ୱାଧୀନତା ସଂଗ୍ରାମୀ ଓ ସୂନାମଧନ୍ୟ ଭାଷ୍ୟକାର ପ୍ରତିଷ୍ଠା ଅର୍ଜନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଶରତ ଚନ୍ଦ୍ର ମହାରଣା ,ରବିନ୍ଦ୍ର ଦାସ,ପ୍ରକାଶ କୁମାର





ଲେଙ୍କା,ଶିକ୍ଷୟିତ୍ରୀ ସୁଶ୍ରୀ ଅଞ୍ଜୁସା,ସସ୍ମିତା ମିଶ୍ର ପ୍ରମୁଖ ଆଲୋଚନାରେ ଅଂଶଗ୍ରହଣ କରି ସମାଜର ସଂପାଦକ ଓ ନବଭାରତ ପତ୍ରିକାରେ ସଂପାଦନା କରିବାରେ ତାଙ୍କ କାର୍ଯ୍ୟଦକ୍ଷତାର ଉଚ୍ଚ ପ୍ରଶଂସା କରିଥିଲେ। ଏହି ଅବସରରେ ବୈଦିକ ବିଦ୍ୱାନ ପଣ୍ଡିତ ସମୀର ରଂଜନ ଦାଶଙ୍କୁ ଉତ୍ତରୀୟ ,ପୁଷ୍ପଗୁଚ୍ଛ ଓ ମାନପତ୍ର ଦେଇ ପଣ୍ଡିତ ନୀଳକଣ୍ଠ ଦାସ ସ୍ମୃତି ସମ୍ମାନରେ ସମ୍ମାନିତ କରାଯାଇଥିଲା। ଶେଷରେ ଆଇଟିଆଇର ନିର୍ଦ୍ଦେଶକ ରଶ୍ମୀରଂଜନ ମିଶ୍ର ଧନ୍ୟବାଦ ଅର୍ପଣ କରିଥିଲେ।

# ବଡଭାଇକୁ ମାରି ଚମଡା ନେଇଗଲେ ଦୁର୍ବୃତ୍ତ

**ଭୋପାଳ(ସଂପର୍କବାର୍ତ୍ତା):-** ମଧ୍ୟ ପ୍ରଦେଶର ସତନା ଜିଲ୍ଲା ରକ୍ସେଲଓ ଜଙ୍ଗଲରେ ଶିକାରୀମାନେ ଏକ ବାଘକୁ ହତ୍ୟାକରି ତାର ଚମଡା ନେଇଯିବା ସହିତ ମୃତଦେହକୁ ନିକଟସ୍ଥ ପୋଖରୀରେ ଫିଙ୍ଗିଦେଇଥିବା ଚର୍ଚ୍ଚାର ବିଷୟ ପାଲଟିଛି ।ହୀର ନାମକ ଏହି ବାଘ ଆଉ ଏକ ବାଘ ଘଟଣାସ୍ଥଳରୁ କଲର ଆଇଡି ଜବତ କରିଛନ୍ତି ବନ ବିଭାଗ ଅଧିକାରୀ ସୂଚନାଯୋଗ୍ୟ,ହୀର ଏବଂ ମୋତି ନାମକ ଦୁଇ ବାଘ ଏକାଠି ରହିଥିଲେ ।ତେବେ ଶିକାରୀମାନେ ଯୋଜନାବଦ୍ଧ ଭାବେ ହୀରାକୁ ହତ୍ୟା କରିବା



ପରେ ତାର ଚମଡା ନେଇଯାଇଛନ୍ତି ଏବଂ ଶରୀରରେ ଫିଙ୍ଗି ଦେଇଛନ୍ତି । ଘଟଣା ବାବଦରେ ଜଣାପଡିବାପରେ ବନ ବିଭାଗ ଅଧିକାରୀ ଘଟଣାଶସ୍ଥଳରେ ପହଂଚ ତଦନ୍ତ ଆରମ୍ଭ କରିଛନ୍ତି । ଘଟଣାରେ ୩ ଜଣଙ୍କୁ ଅଟକ ରଖି ପଚରାଉଚରା ଜାରି ରଖିଛି ବନ ବିଭାଗ ।ବାଘର ପୋଷ୍ଟମର୍ଟମ କରାଯାଇ ଶେଷକୃତ୍ୟ ସମ୍ପନ୍ନ ହୋଇଛି ।ହୀରାକୁ ଶିକାର କରାଯାଇଥିବା ବନ ବିଭାଗ ଖବର ପାଇବା ଘଟଣାସ୍ଥଳରେ ପହଂଚଥିଲା ସେଠାରେ ରେଡିଓ କଲର ଭାଙ୍ଗା ହୋଇ ପଡିଥିବା ଦେଖିବାକୁ ମିଳିଥିଲା ଏହା ପରେ ମୃତ ବାଘ ହୀରା ବୋଲି ଜଣିପଡିଥିଲା ବନ ବିଭାଗ ପକ୍ଷରୁ କୁହାଯାଇଛି ଯେ ଗତ ଅକ୍ଟୋବର ୧୩ତାରଖି ପରଠାରୁ ହୀରାର ସ୍ଥିତି ବାବଦରେ କୌଣସି ସୂଚନା ମିଳିନଥିଲା ସେବେଠାରୁ ତାକୁ ଖୋଜା ଚାଲିଥିଲା ।ସୋମାବାର ସକାଳେ ହିଁ ତାର ଶବ ମିଳିଥିଲା ଶିକାରୀମାନେ ଅତି ନିର୍ଦ୍ଦୟ ଭାବେ ହତ୍ୟାକରି ତାର ଚମଡା ନେଇଯାଇଛନ୍ତି ।କରେଣ୍ଟ ଦ୍ୱାରା ତାକୁ ହତ୍ୟାକରିବା ପରେ ଏଭଳି ଜଘନ୍ୟ କାଣ୍ଡ ଘଟାଇଛନ୍ତି ଶିକାରୀ । ଘଟଣାରେ ବର୍ତ୍ତମାନ ୩ ଜଣଙ୍କୁ ଅଟକ ରଖାଯାଇ ପଚରାଉଚରା କରାଯାଉଛି

# ‘ହିନ୍ଦ୍’ ସିନେମା ହଲ୍ ଭଙ୍ଗାଯିବ

**ବାଦାମବାଡି(ସଂପର୍କବାର୍ତ୍ତା):-** କଟକ ଏସ୍‌ସିବି ବଡ ମେଡିକାଲକୁ ବିଶ୍ୱସ୍ତରୀୟ କରିବାକୁ ନବକଳେବର କାର୍ଯ୍ୟ ଜୋର୍‌ସୋରରେ ଆଗେଇ ଚାଲିଥିବାରୁ ଏହାର ଚତୃପାର୍ଶ୍ୱରେ ଥିବା ଜବର ଦଖଲକୁ ଉଛେଦ ପ୍ରକ୍ରିୟାକୁ ଯୋରଦାର କରାଯାଉଛି । ଏହି ପରିପ୍ରେକ୍ଷୀରେ ରାଣୀହାଟରେ ଥିବା କଟକର ସର୍ବ ପୁରାତନ ହିନ୍ଦ୍ ସିନେମା ହଲକୁ ଭଙ୍ଗାଯିବ ବୋଲି ଜଣାପଡିଛି । ଏଥିପାଇଁ ହଲକୁ ସରକାର ନିଜ ନିୟନ୍ତ୍ରଣକୁ ନେଇ ହଲ୍ ଭିତରେ ବ୍ୟବସାୟ କରୁଥିବା ବ୍ୟବସାୟୀମାନଙ୍କୁ ଆସନ୍ତା ୧୨ ତାରିଖ ଭିତରେ ଖାଲି କରିବାକୁ ନୋଟିସ୍ ଜାରି କରାଯାଇଛି । ମୋଚିସାହି ଛକରୁ ମଙ୍ଗଳାବାଗ ପର୍ଯ୍ୟନ୍ତ ରାସ୍ତାର ଉନ୍ନତି କରଣ ପାଇଁ ଉଛେଦ ଚାଲିଥିବା ବେଳେ ଏଥିରେ ଥିବା ଅନେକ ଘରୋଇ ଲୋକଙ୍କ ଘର ଅଧିଗ୍ରହଣ କରାଯିବା ବୋଲି ପ୍ରକ୍ରିୟା ଆରମ୍ଭ ହୋଇଛି। ସେଥିରେ ମେଡିକାଲ ପରିସରରେ ଥିବା ଅନେକ ଘର ସହିତ ପବ୍ଲିକ ସ୍କୁଲ ମଧ୍ୟ ଭଙ୍ଗାଯିବ ବୋଲି ଜଣାପଡିଛି । ସେହିପରି ହିନ୍ଦ ସିନେମା ହଲ୍ ଭଙ୍ଗାଯିବା ପରେ ଏହା ସଂଲଗ୍ନ ୩ ଏକର ପରିମିତ ଜମି ଉପରେ ସରକାରଙ୍କ ପକ୍ଷରୁ ସ୍ୱଳ୍ପ ମୂଲ୍ୟର ହୋଟଲ, ରୋଗୀ ସଂପର୍କିୟଙ୍କ ଲାଗି ପ୍ରତିକ୍ଷାଳୟ, ଓ ଧର୍ମଶାଳା ପ୍ରଭୃତି ନିର୍ମାଣ କରାଯିବ ବୋଲି ଜିଲ୍ଲା ପ୍ରଶାସନ ପକ୍ଷରୁ କୁହାଯାଇଛି । ରାଣୀହାଟ ପୋଲ ଠାରୁ ତାଳଦଣ୍ଡା କେନାଲ ବନ୍ଧ କଡରେ ଥିବା ଚମଡା ନିଗମ କାର୍ଯ୍ୟାଳୟ, ବିହନ ନିଗମ କାର୍ଯ୍ୟାଳୟ, ହସ୍ତତନ୍ତ ଓ ଉଠା ଜଳସେଚନ କାର୍ଯ୍ୟାଳୟ ସବୁକୁ ପ୍ରତାପନଗରୀ ଧାକୁଲେଇ ଠାରେ ଥିବା ଜଳ ଓ ଭୂମି ପରିଚାଳନା କେନ୍ଦ୍ର ପରିସରରେ ଥିବା ଜମିକୁ ସ୍ଥାନାନ୍ତରିତ କରାଯିବ ବୋଲି ନିଷ୍ପତ୍ତି ସରିଛି । ତେବେ ଏହି ଭଙ୍ଗା ଗଢା ଭିତରେ ଚିକିତ୍ସା ସେବା କ୍ଷେତ୍ରରେ ରୋଗୀମାନେ କିଭଳି ସୁଫଳ ପାଇପାରିବେ ତାହା କେବଳ ଆଗାମୀ ଦିନରେ ଜଣାପଡିବ ।

# ସ୍ଥାନାନ୍ତର ମତଦାତାଙ୍କ ମତଦାନରେ ବିଭ୍ରାଟ ଆଶଙ୍କା

**କଟକ(ସଂପର୍କବାର୍ତ୍ତା):-** ରାଜ୍ୟର ପଞ୍ଚାୟତ,ପୌର ନିର୍ବାଚନ କରିବା ପାଇଁ ସରକାର ଘୋଷଣା କରିସାରିଛନ୍ତି । ପଞ୍ଚାୟତ ନିର୍ବାଚନ ପାଇଁ ସଂରକ୍ଷଣ ତାଲିକା ପ୍ରକାଶ ପାଇବା ପରେ ପୌର ନିର୍ବାଚନ ପାଇଁ ମଧ୍ୟ ପ୍ରଶାସନିକସ୍ତରରେ ପ୍ରକ୍ରିୟା ଆରମ୍ଭ ହୋଇଛି । ଆଗାମୀ ଦିନରେ ରାଜ୍ୟର ୩୦ ଜିଲ୍ଲା ତଥା ୫୮ କବ୍‌ଡିଭିଜନର ୩୧୪ ବ୍ଲକରେ ଥିବା ୬୭୮୯ ଗ୍ରାମପଞ୍ଚାୟତରେ ନିର୍ବାଚନ ପାଇଁ ପ୍ରଶାସନିକ ଓ ରାଜନୈତିକ ସ୍ତରରେ ପ୍ରସ୍ତୁତି ଜୋରଦାର୍ ଆରମ୍ଭ ହୋଇଛି । ସେହିଭଳି ରାଜ୍ୟରେ ମୋଟ ୧୧୪ ସହରାଞ୍ଚଳ ମଧ୍ୟରେ ୫ ମ୍ୟୁନିସିପାଲଟି କର୍ପୋରେସନ୍, ୪୮ ପୌରାଞ୍ଚଳ ଓ ୬୧ ଏନ୍‌ଏସିରେ ଦୀର୍ଘବର୍ଷ ଧରି ନିର୍ବାଚନ ହୋଇନଥିବାବେଳେ ଏବ ନିର୍ବାଚନ ପାଇଁ ପସ୍ତୁତି ଆରମ୍ଭ ହୋଇଛି । ତେବେ କଟକ ମହାନଗର ନିଗମରେ ଏଥର ମତଦାନରେ ବିଭ୍ରାଟ ହେବାର ଯଥେଷ୍ଟ ଆଶଙ୍କ ରହିଥିବା ବୁଦ୍ଧିଜୀମାନେ ଅଭିଯୋଗ କରୁଛନ୍ତି । ସମ୍ପ୍ରତି ସହରରେ ଉନ୍ନତିକରଣ ପାଇଁ ରାଜ୍ୟ ସରକାର ଓ ସିଏମ୍‌ସି ପକ୍ଷରୁ ଅନେକ ପରିବାରଙ୍କୁ ସ୍ଥାନାନ୍ତର କରିବାକୁ ପଡିଛି । ଏହି ଲୋକମାନଙ୍କୁ। ଗୋଟିଏ ୱାର୍ଡ ଅଞ୍ଚଳରୁ ନେଇ ଅନ୍ୟ ଅଞ୍ଚଳରେ ଥଇଥାନ କରାଯିବା ପରେ ସୋନେ କେଉଁ ବୁଥ୍‌ରେ ମତଦାନ କରିବେ, ସେନେଇ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି । ନିୟମାନୁଯାୟୀ ଜନସାଧାରଣ ସହରାଞ୍ଚଳରେ ୫୦୦ ମିଟରରୁ ୧ କିଲୋମିଟର ମଧ୍ୟରେ ଥିବା ବୁଥ୍‌ରେ ମତଦାନ କରିବାର ବ୍ୟବସ୍ଥା ରହିଥିବାବେଳେ ବିସ୍ଥାପିତ ଲୋକଙ୍କୁ ପୂର୍ବ ସ୍ଥାନରୁ ପ୍ରାୟ ୫ରୁ ୧୦ କିଲୋମିଟର ଦୂରକୁ ନିଆଯାଇ । ସେଠାରେ ଥଇଥାନ କରାଯାଇଛି । ତେବେ ଏତେ ଦୂରକୁ ଯାଇ ପ୍ରାର୍ଥୀମାନେ କିଭଳି ପ୍ରଚାର କରିବେ ଏବଂ ଭୋଟରମାନେ କେଉଁଠାରେ ମତଦାନ କରିବେ, ସେ ନେଇ ଦ୍ୱନ୍ଦ୍ୱ ସୃଷ୍ଟି ହୋଇଛି।

ସୂଚନା ଅନୁଯାୟୀ କଟକ ବଡମେଡିକାଲକୁ ବିଶ୍ୱସ୍ତରୀୟ ସ୍ୱାସ୍ଥ୍ୟକେନ୍ଦ୍ର କରାଯିବା ପାଇଁ ସିଏମ୍‌ସି ଅନ୍ତର୍ଗତ ୩ଟି ୱାର୍ଡର ଲୋକଙ୍କୁ ଅନ୍ୟ ଅଞ୍ଚଳକୁ ବିସ୍ଥାପିତ କରାଯାଇଛି । ଅର୍ଥାତ୍ ସିଏମ୍‌ସି ଅନ୍ତର୍ଗତ ୩୫ ନମ୍ବର ୱାର୍ଡରେ ୧୧୦୦୪ ଜଣ ଜନସଂଖ୍ୟା ଥିବାବେଳେ ପ୍ରାୟ ୧ହଜାର ଭୋଟରଙ୍କୁ

## ସିଏମ୍‌ସି ନିର୍ବାଚନ

ସ୍ଥାନାନ୍ତର କରାଯାଇଛି । ସେହିଭଳି ୩୮ ନମ୍ବର ୱାର୍ଡ ରେଭେନ୍ସା କ୍ୟାମ୍ପସ୍‌ରେ କିଛି ଭୋଟରଙ୍କୁ ଛାଡିଦେଲେ ଅନ୍ୟମାନ୍ୟଙ୍କୁ ମଧ୍ୟ ହଟାଇ ଦିଆଯାଇଛି । ପୁନଶ୍ଚ ସିଏମ୍‌ସି ୪୦ ନମ୍ବର ୱାର୍ଡ ଯୋବ୍ରା ଅଞ୍ଚଳରୁ ପ୍ରାୟ ୫୦% ଲୋକଙ୍କୁ ବିସ୍ଥାପିତ କରାଯାଇଛି । ତେବେ ଏହି ବିସ୍ଥାପିତ ମାନଙ୍କୁ ସିଏମ୍‌ସି ଅନ୍ତର୍ଗତ ୪୮ ନମ୍ବର ୱାର୍ଡ ଜଗତପୁର, ନିମପୁର, ପଣ୍ଡାସାହି ନିକଟରେ ଥଇଥାନ କରାଯାଇଥିବାବେଳେ ଆଉ କିଛି ଲୋକଙ୍କୁ ସିଏମ୍‌ସି ଅନ୍ତର୍ଗତ ୫୧ ନମ୍ବର ୱାର୍ଡ ନୂଆପଡା ବାଲିସାହି ଅଞ୍ଚଳରେ ଥଇଥାନ କରାଯାଇଛି । ତେଣୁ ଏହି ଲୋକମାନେ କେଉଁ ୱାର୍ଡରେ ଭୋଟ ଦେବେ ସେନେଇ ଦ୍ୱନ୍ଦ୍ୱ ଉପୁଜୁଛି । ଅନ୍ୟପକ୍ଷରେ ଉକ୍ତ ବିସ୍ଥାପିତ ଲୋକମାନଙ୍କୁ ନୂଆ ୱାର୍ଡରେ ସାମିଲ କରାଯିବା କିମ୍ବା ୱାର୍ଡଗୁଡିକର ନୂତନ ସୀମା ନିର୍ଦ୍ଧାରଣ କରାଯିବା ନେଇ ସରକାରଙ୍କ ପକ୍ଷରୁ କୌଣସି ବିଜ୍ଞପ୍ତି ପ୍ରକାଶ ପାଇନାହିଁ ।

ତେଣୁ ସରକାର ଓ ପ୍ରଶାସନ ଏହି ଲୋକମାନଙ୍କୁ ବିସ୍ଥାପିତ କରିଥିବାବେଳେ ସେମାନଙ୍କ ମତଦାନ ପାଇଁ କି ପଦକ୍ଷେପ ନେଉଛି, ତାହା ଦେଖିବାକୁ ବାକି ରହିଲା ବୋଲି ଅଞ୍ଚଳର ନିର୍ବାଚନ ସମୀକ୍ଷକମାନେ ମତ ଦେଇଛନ୍ତି । ସହରର ଜନଗଣନା ହିସାବ ଅନୁଯାୟୀ ୩୮ ନମ୍ବର ୱାର୍ଡରେ ୭୪୬୪ ଜନସଂଖ୍ୟା ଥିବାବେଳେ ସେମାନଙ୍କ ମଧ୍ୟରୁ ୨୮୬୮ଜଣ ତଫସିଲଭୁକ୍ତ ଜାତି ଓ ୨୧୫ଜଣ ତଫସିଲଭୁକ୍ତ ଉପଜାତିର ଲୋକ ରହିଥିବାବେଳେ ୪୦ ନମ୍ବର ୱାର୍ଡରେ ୭୨୨୧ ଜନସଂଖ୍ୟା ଥିବାବେଳେ ସେମାନଙ୍କ ମଧ୍ୟରୁ ୧୧୭୬ ଜଣ ତଫସିଲଭୁକ୍ତ ଜାତି ଓ ୩୮ଜଣ ତଫସିଲଭୁକ୍ତ ଉପଜାତିର ଲୋକ ରହିଥିଲେ । ସେମାନଙ୍କ ମଧ୍ୟରୁ ହଜାର ହଜାର ସଂଖ୍ୟାରେ ଲୋକଙ୍କୁ ସ୍ଥାନାନ୍ତର କରାଯାଇଥିବାବେଳେ ସେମାନେ ଏବେ କେଉଁ ଅଞ୍ଚଳର ଭୋଟର ହେବେ ସେ ନେଇ ଜିଲ୍ଲାପ୍ରଶାସନ ତୁରନ୍ତ ପଦକ୍ଷେପ ନେବାକୁ ପୂର୍ବତନ କର୍ପୋରେଟର୍ ତଥା ଜଗତପୁର ବସ୍ତି ସଂଘ ସଭାପତି ଆଇଜୀବୀ ନିରୋଦ ଚନ୍ଦ୍ର ପଣ୍ଡା, ସ୍ମୃତିରଞ୍ଜନ ମିଶ୍ର, ବିଷ୍ଣୁଚରଣ ନାୟକ, ମୁରଲୀଧର ମଲ୍ଲିକ, ଗଦାଧର ନାୟକ ପ୍ରମୁଖ ଦାବି କରିଛନ୍ତି ।

# ଦୁର୍ଘଟଣାରେ ଖବରକାଗଜ ବିତରକ ଗୁରୁତର

**ରଘୁନାଥପୁର(ସଂପର୍କବାର୍ତ୍ତା):** ବାଇକ ଦୁର୍ଘଟଣାରେ ଖବରକାଗଜ ବିତରକ ଗୁରୁତର ହୋଇଛନ୍ତି । ଘଟଣାରୁ ପ୍ରକାଶ, ରଘୁନାଥପୁର ଥାନା ଅନ୍ତର୍ଗତ ଜଗନ୍ନାଥପୁର ଗ୍ରାମର ରତ୍ନାକର ବେହେରାଙ୍କ ପୁଅ ଖବରକାଗଜ ବିତରକ ଚନ୍ଦନ କୁମାର ବେହେରା କିଶନନଗର ଥାନା ଅନ୍ତର୍ଗତ ଶିର୍ଲୋ ଠାରେ ଖବର କାଗଜ



ବାଇକରେ ନେଇ ବଂଟନ କରୁଥିବା ସମୟରେ ଦୁର୍ଘଟଣା ଘଟି ଗୁରୁତର ହୋଇଥିଲେ। ତାଙ୍କୁ ସଙ୍ଗେ ସଙ୍ଗେ ରଘୁନାଥପୁର ମେଡିକାଲକୁ ସ୍ଥାନୀୟ ଲୋକେ ଆଣି ଚିକିତ୍ସା ନିମନ୍ତେ ଭର୍ତ୍ତି କରିଥିଲେ। ସେ ଜଣେ ଅତ୍ୟନ୍ତ ଗରିବ ଓ ଅସହାୟ ହୋଇଥିବାରୁ ତାଙ୍କର ଚିକିତ୍ସା ପାଇଁ ଅର୍ଥର ଅଭାବ ଅଛି। ଏଥିପାଇଁ ସେ ଚିକିତ୍ସିତ ହୋଇ ସମ୍ପୂର୍ଣ୍ଣ ସୁସ୍ଥ ହୋଇପାରୁନାହାଁନ୍ତି।

# ସୀମା ସୁରକ୍ଷା ବଳ ସୀମାନ୍ତରେ ସ୍ୱର୍ଣ୍ଣିମ ବିଜୟ ମଶାଲକୁ ଭବ୍ୟ ସମ୍ମାନ

**ଭୁବନେଶ୍ୱର(ପରମେଶ୍ୱର ଦାଶ):-** ଭୁବନେଶ୍ୱର ସ୍ଥିତ ସୀମା ସୁରକ୍ଷା ବଳ ସୀମାନ୍ତ ସାମରିକ ମୁଖ୍ୟାଳୟ (ସ୍ୱତନ୍ତ୍ର ଅପରେସନ) ଠାରେ ସ୍ୱର୍ଣ୍ଣିମ ବିଜୟ ମଶାଲକୁ ଭବ୍ୟ ସ୍ୱାଗତ କରାଯାଇଛି । ଆଜି ପୂର୍ବାହ୍ନରେ ବିଜୟ ମଶାଲକୁ ୧୨୦ ବାଟାଲିୟନ ତରଫରୁ କର୍ଣ୍ଣେଲ ଯଶୱନ୍ତ ସିଂ ସାମରିକ ମର୍ଯ୍ୟାଦାର ସହ ପାଇପ୍ ବ୍ୟାଣ୍ଡ ଶୋଭାଯାତ୍ରା ମଧ୍ୟରେ ସେନା ସୁରକ୍ଷାବଳ(ବି.ଏସ୍.ଏଫ) କାର୍ଯ୍ୟାଳୟରେ ପହଁଚାଇଥିଲେ । ସୀମା ସୁରକ୍ଷା ବଳର ଉପ ମହା ନିରୀକ୍ଷକ (ବି.ଏସ୍.ଏଫ୍) ଶ୍ରୀ ଧୀରେନ୍ଦ୍ର କୁମାର ମଶାଲକୁ ଭବ୍ୟ ସମ୍ମାନର ସହ ଗ୍ରହଣ କରିବା ପରେ ଏହାକୁ କାର୍ଯ୍ୟାଳୟ ଠାରେ ଅବସ୍ଥାପିତ କରାଯାଇଥିଲା । ଏଠାରେ ଆୟୋଜିତ ଏକ ସ୍ୱତନ୍ତ୍ର ଉତ୍ସବରେ ଉପ ମହାନିରୀକ୍ଷକ ଶ୍ରୀ କୁମାର ବି.ଏସ୍.ଏଫ୍‌ର ଯବାନମାନଙ୍କୁ ଉଦ୍‌ବୋଧନ ଦେଇ କହିଲେ ଯେ, ୧୯୭୧





ମସିହା ଭାରତ-ପାକିସ୍ତାନ ଯୁଦ୍ଧରେ ସୀମା ସୁରକ୍ଷା ବଳ, ଭାରତୀୟ ପଦାତିକ ବାହିନୀ ସହ ସମ ତାଳରେ ବାୟୁସେନା ଏବଂ ନୌସେନା ସହିତ ସାମିଲ ହୋଇ ବୀରତ୍ୱର ଉଲ୍ଲେଖନୀୟ ପରାକାଷ୍ଠା ବଳରେ ପାକିସ୍ତାନକୁ ପରାସ୍ତ କରିଥିଲେ । ଏହି ବିଜୟ ଫଳରେ ବାଂଲାଦେଶ କିପରି ଏକ ନୂତନ ରାଷ୍ଟ୍ର ଭାବେ ଜନ୍ମ ନେଇଥିଲା, ସେ ସଂପର୍କରେ ଆଲୋକପାତ କରିଥିଲେ । ଏହି ଯୁଦ୍ଧରେ ଅସାଧାରଣ ବୀରତ୍ୱ ପ୍ରଦର୍ଶନ କରିଥିବା ବାୟୁସେନା, ନୌସେନା ସହ ସୀମା ସୁରକ୍ଷା ବଳର ବୀର ଯବାନମାନଙ୍କୁ ବୀର ଚକ୍ର, ପରମବୀରଚକ୍ର ଆଦି ସମ୍ମାନରେ ଭୂଷିତ କରାଯାଇଥିବା ସଂପର୍କରେ ସେ ବିଶେଷ ଭାବେ ବର୍ଣ୍ଣନା କରିଥିଲେ । ଯୁଦ୍ଧରେ ପ୍ରାଣବଳି ଦେଇଥିବା ଭାରତୀୟ ବୀର ଯବାନମାନଙ୍କର ତ୍ୟାଗ ଓ ଆତ୍ମୋତ୍ସର୍ଗ ପ୍ରତି ଗଭୀର ଶ୍ରଦ୍ଧାଞ୍ଜଳି ଜ୍ଞାପନ କରାଯାଇ ସେନା ବଳ ତରଫରୁ ୨ ମିନିଟ୍ ନିରବ ପ୍ରାର୍ଥନା କରାଯାଇଥିଲା ।

# ୬ମାସରେ ଭୁଷୁଡି ପଡିଲା ପାଚେରୀ

## ଯନ୍ତ୍ରୀଙ୍କୁ ବାଧ୍ୟତାମୂଳକ ଅବସର ଦେବାକୁ ଦାବି

**ହାଟଡିହି(ସଂପର୍କବାର୍ତ୍ତା):-** ନିର୍ମାଣ ହେବାର ୬ମାସ ମଧ୍ୟରେ ଭୁଷୁଡି ପଡିଲା ପାଚେରୀ । ଏପରି ଘାଟଣା ଦେଖିବାକୁ ମିଳିଛି ହାଟଡିହି ବ୍ଲକ ହଦଗଡ ଡାକ୍ତରଖାନାରେ । ଖବରରୁ ଜଣାଯାଇଛି ଯେ ଖଣିଜ ପ୍ରତିଷ୍ଠାନ ପକ୍ଷରୁ ଏନ.ଏଚ.ଆର .ଏମ ମାଧ୍ୟମରେ ୩୬ଲକ୍ଷ ଟଙ୍କା ବ୍ୟୟ ଅଟକଳରେ ହଦଗଡ ଡାକ୍ତରଖାନା ପରିସରରେ ଡେଲିଭରୀ ରୁମ୍, ପାଚେରୀ ଓ ସମ୍ମୁଖ ଭାଗଟି କଂକ୍ରିଟ କରାଯାଇଥିଲା ଡାକ୍ତରଖାନାର ପଛପଟେ ନୂତନ ପାଚେରୀ ନିର୍ମାଣ କରାଯିବାକୁ ଥିବାବେଳେ ତାହା କରାନଯାଇ ପୁରୁଣା ପାଚେରୀ ଉପରେ ଦୁଇଫୁଟା ଇଟା ଯୋଡାଯାଇ ତାହାକୁ ପ୍ଲାଷ୍ଟର କରାଯାଇ ଚୂନ ମାରି ନୂ ଆଭଳି କରାଯାଇଥିଲା କିନ୍ତୁ କାମଟି ୬ମାସ ବି ଗଲାନି । ଗତିକାଲି ଏହି ପାଚେରୀଟି ସମ୍ପୂର୍ଣ୍ଣ ଭୁଷୁଡି ପଡିଛି । ୧୫ବର୍ଷ ତଳର ପୁରୁଣା ପାଚେରୀର ତଳ ଠିକ ନଥିବା ସ୍ଥଳେ ବିଭାଗୀୟ ଯନ୍ତ୍ରୀ କିପରି ତାହା ଉପରେ ୨ଫୁଟ ଯୋଡବାକୁ କହିଲେ ତାହା ବିଭାଗୀୟ ଯନ୍ତ୍ରୀଙ୍କ କାର୍ଯ୍ୟ ଦକ୍ଷତା ଉପରେ ପ୍ରଶ୍ନ ଚିହ୍ନ ଲଗାଇଛି





ତୁରନ୍ତ ଏହାର ତଦନ୍ତ କରି ସଂପୃକ୍ତ ଯନ୍ତ୍ରୀ ଓ ଠିକାଦାରଙ୍କ ବିରୁଦ୍ଧରେ ଦୃଢ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଅଂଚଳବାସୀଙ୍କ ପକ୍ଷରୁ ଦାବି କରାଯାଇଛି । ଏ ସମ୍ପର୍କରେ କନିଷ୍ଠଯନ୍ତ୍ରୀ ଜ୍ୟୋନ ରଂଜନ ସେଠୀଙ୍କୁ ପଚାରିବାରେ ସେ କହିଛନ୍ତି ଯେ ଡାକ୍ତରଖାନା ପରିସରଟି ମାଟି ପକାଯାଇ ଉଚ୍ଚତା । ଏହି ପାଚେରୀ ପାଇଁ ସରକାରଙ୍କ ଅନୁଦାନ ଯାହାବି ଖର୍ଚ୍ଚ କରାଗଲା ତାହା ପଡିବା ସାର ହେଲା ଖାଲି ଏହି ଗୋଟଏ କାମ ନୁହଁ ବ୍ଲକରେ ବିଭିନ୍ନ ବିଭାଗ ଦ୍ୱାରା ହେଉଥିବା ଅନେକ କାମ ଯନ୍ତ୍ରୀ ମାନଙ୍କ ଅନୁସାରେ ହେଉଥିବାଯୋଗୁଁ ଏହିପରି ଲକ୍ଷ ଲକ୍ଷ କାମ ଗୁଡିକ ବରବାଦ ହେଉଥିବା ଅଭିଯୋଗ ହେଉଛି । କେନ୍ଦୁଝର ଜିଲ୍ଲାପାଳ କରାଯିବାପରେ ପାଚେରୀର ଉଚ୍ଚତା କମିଯବାରୁ ତାହାକୁ ଦୁଇଫୁଟ ବଢା ଯାଇଥିଲା ଯେହେତୁ ପୁରୁଣା ପାଚେରୀ ଥିଲା ତାହା ଗଳିପଡିଲା ବୋଲି ସେ ସଫେଇ ଦେଇଛନ୍ତି । ଅନ୍ୟପକ୍ଷରେ, ସ୍ଥାନୀୟ ଅଧିବାସୀ ସରକାରଙ୍କୁ ଗୁହାରି କରି ସଂପୃକ୍ତ ଯନ୍ତ୍ରୀଙ୍କୁ ଚାକିରୀରୁ ବାଧ୍ୟତାମୂଳକ ଅବସର ଦେବା ପାଇଁ ଦାବି କରୁଛନ୍ତି।

# ୟୁନିଟ୍-୮ ଡିଏଭି ପବ୍ଲିକ୍ ସ୍କୁଲରେ ସ୍ୱର୍ଣ୍ଣିମ ବିଜୟ ବର୍ଷ ପାଳିତ

**ଭୁବନେଶ୍ୱର(ପରମେଶ୍ୱର ଦାଶ):-** ଭୁବନେଶ୍ୱର ୟୁନିଟ୍-୮ ଡିଏଭି ପବ୍ଲିକ୍ ସ୍କୁଲଠାରେ ଆଜି ପବିତ୍ର ବିଜୟ ମଶାଲ ପହଁଚିବା ପରେ ବିଦ୍ୟାଳୟ ତରଫରୁ ଭବ୍ୟ ସ୍ୱାଗତ କରାଯାଇଥିଲା । ଏହାକୁ ଏନ୍,ସି.ସି କ୍ୟାଡେଟ୍‌ଙ୍କ ଦ୍ୱାରା ଗ୍ରହଣ କରାଯାଇ ବିଦ୍ୟାଳୟର ପ୍ରେକ୍ଷାଳୟ(ଭି.ଆର. ହଲ) କୁ ଅଣାଯାଇଥିଲା । ସେଠାରେ ବିଜୟ ମଶାଲ ଅବସ୍ଥାପିତ ହେବା ପରେ ପ୍ରଥମେ ଜାତୀୟ ସଂଗୀତ ପରିବେଷଣ ଓ ପୁଷ୍ପଗୁଚ୍ଛ ପ୍ରଦାନ ସହ ସମ୍ମାନ ପ୍ରଦର୍ଶନ କରାଯାଇଥିଲା ।

ଏହି ଅବସରରେ ଏଠାରେ ଆୟୋଜିତ "ସ୍ୱର୍ଣ୍ଣିମ ବିଜୟ ବର୍ଷ" ପାଳନ ସାଧାରଣ ସଭାରେ ଅତିଥି ଭାବେ ୧୯୭୧ ମସିହା ଭାରତ-ପାକିସ୍ତାନ ଯୁଦ୍ଧରେ ଅଂଶଗ୍ରହଣ କରିଥିବା ବହୁ ସମ୍ମାନଜନକ ସେବା





ମେଡାଲର ଅଧିକାରୀ ଲେଫ୍ଟନାଣ୍ଟ ଜେନେରାଲ ଜୟନ୍ତ କୁମାର ମହାନ୍ତି ଏବଂ ବ୍ରିଗେଡିୟର ବରଦା ପ୍ରସାଦ ପଟ୍ଟନାୟକ ଯୋଗଦେଇ ଯୁଦ୍ଧରେ ସେମାନଙ୍କର ଯୋଗଦାନ, ଯୁଦ୍ଧକୌଶଳ, ବିଜୟର ସଫଳତା ଏବଂ ସାଥୀ କେତେକ ବୀର ଯବାନଙ୍କ ଦେଶ ପାଇଁ ଲଢେଇରେ ବଳିଦାନ ସଂପର୍କରେ ବର୍ଣ୍ଣନା କରିଥିଲେ।

ପୂର୍ବତନ ମୁଖ୍ୟ ଶାସନ ସଚିବ ଶ୍ରୀ ପଟ୍ଟନାୟକ କହିଲେ ଯେ, ଶାନ୍ତିପ୍ରିୟ ଦେଶ ଆମ ଭାରତ ସବୁବେଳେ ବିଶ୍ୱ ସମୁଦାୟକୁ ଶାନ୍ତିର ବାର୍ତ୍ତା ଦେଇ ଆସିଛି । କିନ୍ତୁ ପୂର୍ବ ପାକିସ୍ତାନରେ ଯେତେବେଳେ ମାନବାଧିକାର ଏବଂ ସାଧାରଣ ଲୋକଙ୍କର ମୌଳିକ ଅଧିକାର କ୍ଷୁର୍ଣ୍ଣ ହୋଇଛି, ସେତେବେଳେ ଏକ ସାର୍ବଭୌମ ଗଣତାନ୍ତ୍ରିକ ରାଷ୍ଟ୍ର ଭାବରେ ସ୍ୱତନ୍ତ୍ର ବାଂଲାଦେଶ ରାଷ୍ଟ୍ର ଗଠନ ପାଇଁ ଭାରତ ନିଜର କର୍ତବ୍ୟ କରିଛି । ଏଥିପାଇଁ ଆମ ପ୍ରତିରକ୍ଷା ଦାୟିତ୍ୱରେ ଥିବା ସ୍ଥଳବାହିନୀ, ନୌବାହିନୀ ଓ ବାୟୁସେନାଙ୍କର ଅପୂର୍ବ ବୀରତ୍ୱ ପ୍ରତି ସ୍ୱର୍ଣ୍ଣିମ ବିଜୟ ଦିବସ ବର୍ଷ ପାଳନ ଅବସରରେ ଆମେ ଅତ୍ୟନ୍ତ ଗର୍ବ କରିବା ସହ ସେମାନଙ୍କୁ ଗଭୀର ଶ୍ରଦ୍ଧା ଓ ସମ୍ମାନ ଜଣାଉଛୁ ବୋଲି ଶ୍ରୀ ପଟ୍ଟନାୟକ କହିଥିଲେ।

ଅନ୍ୟମାନଙ୍କ ମଧ୍ୟରେ ଡିଏଭି ପବ୍ଲିକ୍ ସ୍କୁଲର ଆଂଚଳିକ ଅଧିକାରୀ ଡଃ. କେଶବ ଚନ୍ଦ୍ର ଶତପଥୀ, ଡି.ଏ.ଭି ୟୁନିଟ୍ -୮ର ପରିଚାଳକ ଡଃ. ଡି.ଏନ୍,ମିଶ୍ର,ସହକାରୀ ଆଂଚଳିକ ଅଧିକାରୀ,ଡିଏଭି ଓଡିଶା ଜୋନ ଡଃ. ସୁଜାତା ଯୋଗଦେଇ ବିଜୟ ମଶାଲକୁ ସମ୍ମାନ ଜଣାଇଥିଲେ । ବିଦ୍ୟାଳୟର ଛାତ୍ରଛାତ୍ରୀମାନଙ୍କ ଦ୍ୱାରା ବୀର ଯବାନଙ୍କ ସ୍ମୃତିରେ ମନୋଜ୍ଞ ଦେଶାତ୍ମବୋଧକ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା ।



RNI Regd No : ODIODI/2016/74122

ସତ୍ୟ ଓ ତଥ୍ୟ ଭିତ୍ତିକ ସମ୍ବାଦ

# ସଂପର୍କବାର୍ତ୍ତା

SAMPARK BARTA

ODIA WEEKLY

www.samparkabarta.in

ପୃଷ୍ଠା ୮



| ADVERTISEMENT TARIFF | Colour | B & W |
|---|---|---|
| Full Page | 40,000/- | 20,000/- |
| Half Page | 20,000/- | 10,000/- |
| Qrt. Page | 10,000/- | |
| Front Page | 100% Extra | |
| Back Page | 50% Extra | |
| Ear Panel | 3,000/- | |




# ଅପାରଗ ପୋଲିସ୍‌ଙ୍କୁ ଦିଆଯିବ ବାଧ୍ୟତାମୂଳକ ଅବସର

**କଟକ(ସଂପର୍କବାର୍ତ୍ତା):-** ଅପରାଗ , କାର୍ଯ୍ୟଦକ୍ଷତା ବାଷ୍ଟସନୀୟତାକୁ ନେଇ ସନ୍ଦେହ ଥିବା ସରକାରୀ କର୍ମଚାରୀଙ୍କୁ ଚାକିରିରୁ ବିଦା କରିବା ପୁଲିସ ବିଭାଗ କାର୍ଯ୍ୟକାରୀ କରିବାକୁ ଯାଉଛି । ଏହି ସମ୍ଭାବ୍ୟ ତାଲିକାରେ ୨୨୯ ଜଣ ଇନ୍ସପେକ୍ଟର ଥିବା ଜଣାପଡିଛି । ୨୦୧୯ , ସେପ୍ଟେମ୍ବର ସଂକ୍ରାନ୍ତରେ ଚିଠି (୩୮୮୫୨,୩୦-୧୦-୨୧) କରାଯାଇଛି । ବିଭନ୍ନ ପୁଲିସ୍ ଜିଲ୍ଲା, ଏଡିଜି , ରେଂଜ ଅଧିକାରୀଙ୍କୁ ଚିଠି ଲେଖି ଏକ

## ସମ୍ଭାବ୍ୟ ତାଲିକାରେ ୨୨୯ଇନ୍ସପେକ୍ଟର

ବା ବାଧ୍ୟତା ମୂଳକ ଅବସର ପାଇଁ ରାଜ୍ୟ ସରକାରଙ୍କ ପକ୍ଷରୁ ଆରମ୍ଭ ହୋଇଥିବା ପ୍ରକିୟାକୁ ଏବେ ରାଜ୍ୟ ପୁଲିସ ଆଇଜି ପର୍ସନେଲଙ୍କ ପକ୍ଷରୁ ଏ ୨୪ ତାରିଖରେ ଜିଏ ବିଭାଗର ଚିଠି (ନଂ୨୭୦୩୭) କୁ ଆଧାର କରି ମାନଦଣ୍ଡ ନିର୍ଦ୍ଧାରଣ କରାଯାଇଛି । ସେହି ବିବରଣୀ ମଧ୍ୟରେ ଇନ୍ସପେକ୍ଟରମାନଙ୍କନ ଗତ ୫ବର୍ଷର




ପ୍ରଶଂସା ପତ୍ର, ପୁରସ୍କାର ଓ ନାମ ତାଲିକା ସଂଲଗ୍ନ କରାଯାଇଛି । ତେବେ ଆସନ୍ତା ୧୦ ତାରିଖ ସୁଦ୍ଧା ସେମାନଙ୍କର ଗତ ୫ ବର୍ଷର ପ୍ରଶଂସାତ୍ର, ପୁରସ୍କାର ଓ ଦଣ୍ଡ ବିଧାନ ହୋଇଥିଲେ ତାର ବିବରଣୀ ଉଲ୍ଲେଖ କରିବା ପାଇଁ କୁହାଯାଇଛି । ଏହି ନୋମିନେସନ ରୋଲରେ ସଂପୃକ୍ତ ଇନ୍ସପେକ୍ଟମାନଙ୍କ ନାମରେ ଅପରାଧିକ ମାମଲା ଥିଲେ , ବିଭାଗୀୟ କାର୍ଯ୍ୟାନୁଷ୍ଠାନ ହୋଇଥିଲେ , ମାନବାଧିକାର କମିସନଙ୍କ ନିକଟରେ ଥିବା ଅଭିଯୋଗ, ଭିଜିଲାନସ ମାମଲା ଇତ୍ୟାଦିର ସମସ୍ତ ବିବରଣୀ ରଖିବାକୁ କୁହାଯାଇଛି । ତେବେ ଯେଉଁ ଇନ୍ସପେକ୍ଟର ୩୦ବର୍ଷରୁ ଅଧିକ କାମ କରିଥିବେ ଓ ତାଙ୍କ ବୟସ ୩୧.୩.୨୦୨୧ ସୁଦ୍ଧା ୫୦ରୁ୫୫ ବର୍ଷ ହୋଇଥିବ, ସେମାନଙ୍କୁ ଏହି ତାଲିକାରେ ରଖାଯାଇ ପାରିବ। ଆସନ୍ତା ୧୦ତାରିଖ ସୁଦ୍ଧା ରେଂଜ ଅଫିସ ଗୁଡିକ ଏହି ତାଲିକା ପ୍ରଦାନ କରିବେ ।ଇନ୍ସପେକ୍ଟରମାନଙ୍କର ସିସିଆର ମଧ୍ୟ ଏଥରେ ସଂଯୁକ୍ତ କରାଯିବ ।ତେବେ ଏଥିପାଇଁ ବିଭିନ୍ନ ବିଭାଗରେ କାମ କରୁଥିବା ଇନ୍ସପେକ୍ଟରମାନଙ୍କ ମଧ୍ୟରେ ଛନକା ପଶିଛି । ଦୁର୍ନୀତି ଗ୍ରସ୍ତ ବା ଭିଜିଲାନ୍‌ସ ଟ୍ରାପରେ ଥିବା ଅଧିକାରୀମାନେ ଏବେ ଏହାକୁ ନେଇ ପ୍ରମାଦ ଗଣିବା ଆରମ୍ଭ କରିଛନ୍ତି ।

## ପୁଣି ପ୍ରମାଣ ମାଗିଲେ ଦିବ୍ୟଶଙ୍କର

**ଭୁବନେଶ୍ୱର(ସଂପର୍କବାର୍ତ୍ତା):-** ରାଜ୍ୟରେ ଥମୁତି ମମିତା ମେହେର ମର୍ଡର ତାତି । ବିରୋଧିଙ୍କ ହୋହାଲ୍ଲା ମଧ୍ୟ କମୁଛ ରାଜ୍ୟ । ହତ୍ୟାକାଣ୍ଡର ମୁଖ୍ୟ ଅଭିଯୁକ୍ତ ଗୋବିନ୍ଦ ସାହୁ ସହ ମନ୍ତ୍ରୀ ଦିବ୍ୟଶଙ୍କର ମଶ୍ରଙ୍କ ଲିଙ୍କ ଥିବା ନେଇ ରାଜ୍ୟ ସରକାରଙ୍କୁ ଘେରୁଛନ୍ତି ବିରୋଧୀ । ଗୋଟିଏ ପଟେ ରାଜ୍ୟ ଗୃହ ରାଷ୍ଟ୍ରମନ୍ତ୍ରୀଙ୍କ ଇସ୍ତଫା ଦାବିରେ ବିରୋଧି ଅଡି ବସିଥିବାବେଳେ ବହିଷ୍କାର ଦାବି ନେଇ ମୁହଁ ଖୋଲିଛନ୍ତି ଖୋଲିଛନ୍ତି ମନ୍ତ୍ରୀ ଦିବ୍ୟଶଙ୍କର । ବିରୋଧିଙ୍କ



ବହିଷ୍କାର ଦାବି ନେଇ ମୁହଁ ଖୋଲିଲେ ଦିବ୍ୟଶଙ୍କରତାଙ୍କ ବିରୁଦ୍ଧରେ ମିଥ୍ୟା ଅଭିଯୋଗ କରଯାଇଛି । ତାଙ୍କ ଉପରେ ଆରୋପ ଲଗାଉଥିବା ବିରୋଧି ଉପଯୁକ୍ତ ପ୍ରମାଣ ଦିଅନ୍ତୁ । ଶହ ଶହ ମିଥ୍ୟା କେବେ ହେଲେ ସତକୁ ଘୋଡାଇ ପାରିବନି ବୋଲି କହିଛନ୍ତି । ରାଜ୍ୟ ଗୃହ ରଷ୍ଟ୍ରମନ୍ତ୍ରୀ । ପୂର୍ବରୁ ମଧ୍ୟ ନିଜ ଉପରେ ଆସିଥିବା ଆସିଥିବା ଅଭିଯୋଗର ପ୍ରମାଣ ମାଗିଥିଲେ ମନ୍ତ୍ରୀ ।

## କେନ୍ଦ୍ରକୁ ବିଜେଡିର ଚେତାବନୀ

**ଭୁବନେଶ୍ୱର(ସଂପର୍କବାର୍ତ୍ତା):-** କେନ୍ଦ୍ର ସରକାର ତୈଳଦର ଉପରେ ଉତ୍ପାଦ ଶୁଳ୍କ ହ୍ରାସ କରିବା ପରେ ଆଜି ରାଜ୍ୟ ସରକାରଙ୍କ ପକ୍ଷରୁ ଭାଟ୍ କମାଇବା ପାଇଁ ଘୋଷଣା କରାଯାଇଛି । ଗତକାଲି କେନ୍ଦ୍ର ସରକାର ପେଟ୍ରୋଲର ଉତ୍ପାଦ ଶୁଳ୍କ ଉପରେ ୫ ଟଙ୍କା ଓ ଡିଜେଲ ଉପରେ ୧୦ଟଙ୍କା ହ୍ରାସ କରିଥିଲେ। ତେବେ ଏହାପରେ ରାଜ୍ୟ ରାଜନୀତି ହାଲକା ଗରମ ହୋଇଛୁ । ବିଜେଡି ପକ୍ଷରୁ ପୁଣି କେନ୍ଦ୍ର ସରକାରଙ୍କୁ ଚେତାବନୀ ଦିଆଯାଇଛି । ବିଜେଡି ପକ୍ଷରୁ କୁହାଯାଇଛି ଯେ ଖାଲି ପେଟ୍ରୋଲ୍-ଡିଜେଲ ଦର କମାଇଲେ ହେବନାହିଁ। ରନ୍ଧନ ଗ୍ୟାସ୍ ଦର ମଧ୍ୟ ହ୍ରାସ କରାଯାଉ କେନ୍ଦ୍ର ସରକାରଙ୍କୁ




୧୦ଦିନର ସମୟ ଦିଆଗଲା ନଚେତ ପୁଣି ଥରେ ବିଜେଡି ରାଜରାସ୍ତାକୁ ଓହ୍ଲାଇବା ଆଉ ଦରଦାମ ବୃଦ୍ଧିକୁ ବିରୋଧ କରି ଆରମ୍ଭ ହୋଇଥିବା ଆନ୍ଦୋଳନକୁ ଫଂଚାୟତ ସ୍ତରରେ ପ୍ରତିଘରେ ପହଂଚଯିବା ବିଜେଡି ପକ୍ଷରୁ ଏଭଳି ଚେତାବନୀ ଦେଇଛନ୍ତି । ଚନ୍ଦବାଲି ବିଧାୟକ ବ୍ୟୋମକେଶ ରାୟ ।

## ବିଜେଡି, ଭାଜପା ସହ ଯିଏ ସମ୍ପର୍କରେ ଅଛ ସଜାଗ ରୁହ

**ଭୁବନେଶ୍ୱର(ସଂପର୍କବାର୍ତ୍ତା):-** ଯିଏ କଂଗ୍ରେସରେ ରହି ବିଜେଡି ଏବଂ ଭାଜପା ସହ ସମ୍ପର୍କ ରେ ଅଛ ସେମାନେ ଆଉ ଏ ଦଳରେ ରୁହନାହିଁ । ସେମାନଙ୍କ ବିଷୟରେ ମୋ ପାଖରେ ତଥ୍ୟ ଅଛି । ଯଦି ନଜିର ଏଭଳି କାର୍ଯ୍ୟରୁ ବିରତ ନ ରହୁ ଆଉ ବରଦାସ୍ତ କରାଯିବ ନାହିଁ, ସିଧା ଦଳରୁ ବିଦା କରିଦିଆଯିବ ତୁମମାନଙ୍କ ଯୋଗୁ ବର୍ଷ ବର୍ଷ ଧରି କଂଗ୍ରେସ ସହ ଯୋଡିହୋଇ ରହିଥିବା କର୍ମୀମାନେ ହଇରାଣ ହୋଇଗଲାଣି । ତୁମମାନଙ୍କ ବ୍ୟକ୍ତିଗତ ସ୍ୱାର୍ଥ ଲାଗି ଆଉ ସେହି କର୍ମୀମାନଙ୍କୁ ହଇରାଣ ହେବାକୁ ଦିଆଯିବ ନାହିଁ । ଯେଉଁ କର୍ମୀମାନେ ତୁମମାନଙ୍କ ଯୋଗୁ ନିଜର ଜୀବନ ଜୀବିକା ହରାଇଛନ୍ତି ସେମାନଙ୍କୁ ନ୍ୟାୟ ମିଳିବ ବୋଲି କହି ଦଳୀୟ ନେତାମାନଙ୍କ ଉପରେ କଂଗ୍ରେସ ପ୍ରଭାରୀ ଏ ଚେଲ୍ଲକୁମାର ପ୍ରବଳ ବର୍ଷିଛନ୍ତି । ତାଙ୍କର ଏଭଳି ଶାଣିତ ଆକ୍ରମଣ ଦଳୀୟ ନେତାଙ୍କ ଚିନ୍ତା




ବଢାଇ ଦେଇଛି ।ଗତ ସୋମବାର କଂଗ୍ରେସର ରାଜ୍ୟ ପରିବର୍ଦ୍ଧିତ କାର୍ଯ୍ୟକାରିଣୀ ବୈଠକ କଂଗ୍ରେସର ଭବନଠାରେ ଅନୁଷ୍ଠିତ ହୋଇଥିଲା ବୈଠକରେ ପ୍ରଦେଶ କଂଗ୍ରେସ କମିଟି (ପିସିସି) ସଭାପତି ନିରଞ୍ଜନ ପଟ୍ଟନାୟକ, ପୂର୍ବତନ ପିସିସି ସଭାପତି ଜୟଦେବ ଜେନା, ଶରତ ପଟ୍ଟନାୟକ, ଗଣେଶ୍ୱର ବେହେରା, ପୂବତନ ମହିଳା ସଭାପତି ସସ୍ମିତା ବେହେରା ଏବଂ ବିଧାୟକ ମହମ୍ମଦ ମୋକିମ ଓ ତାରାପ୍ରସାଦ ବାହିନୀପତି ପ୍ରମୁଖ ବରିଷ୍ଠ ନେତାମାନେ ଉପସ୍ଥିତ ଥିଲେ ସୋମବାର ଠାରୁ ଦଳର ନୂଆ ମେମ୍ବରଶିପ୍ ଡ୍ରାଇଭ୍‌ର ମଧ୍ୟ ଶୁଭାରମ୍ଭ କରାଯାଇଥିଲ ଏହି ପ୍ରସଙ୍ଗରେ କାର୍ଯ୍ୟକାରଣୀରେ ଅଭିଭଷଣ କାର୍ଯ୍ୟ କ୍ରମ ଚାଲିଥିଲା ଏନେଇ ପିସିସି ସଭାପତି ନିଜର ଅଭିଭାଷଣ ରଖିବା ପରେ ସିଧା ଚେଲ୍ଲକିମାର ନିଜ ମତ ରଖିଥିଲେ । ଏଥିରେ କେତେଜଣ ବିଧାୟକ ଓ ନେତାଙ୍କୁ କହିବାର ସୁଯୋହ ମ ମିଳିବାରୁସେମାନେ ରାଗିଯାଇଥିଲେ ସଙ୍ଗେ ସଙ୍ଗେ ଜଣେ ବିଧାୟକ ବୈଠକରୁ ବାହାରିଯାଇ ସିଧା ଗଣମାଧ୍ୟମକୁ କହିଲେ, ଏଠାରେ ଆମର କିଛି ସମ୍ମାନ ନାହିଁ ତେଣୁ ଏହି ବୈଠକରୁ ରହିବାର କିଛି ଆବଶ୍ୟକତା ନାହିଁ । ଏକଥା ବୈଠକ ଭିତରେ ଥିବାବେଳେ ଚେଲ୍ଲକୁମାରଙ୍କ କାନରେ ପଡିଯାଇଥିଲା ଏହାପରେ ଚିହିଁକି ଉଠି ସେ କହିଥିଲେ, ବହୁ ନେତା ଏଠି ଅଛନ୍ତି ଯେଉଁମାନେ ବିଜେଡ ଓ ଭାଜପା ସମ୍ପର୍କରେ ରହଛନ୍ତି । ସେମାନେ ଆଉ ଦଳର କ୍ଷତି ନକରି ନିଜ ଆଡୁ ଛାଡିଦିଅନ୍ତୁ । ଯେଉଁମାନେ ଗଣମାଧ୍ୟମକୁ ଯାଇ ଯାତୁସାତୁ ମତାମତ ଦେଇ ଦଳର କ୍ଷତି କରିବାକୁ ଚାହୁଁଛନ୍ତି ସେମାନେ ସତର୍କ ହୋଇଯାଆନ୍ତୁ । ଏଥ ସହ କଂଗ୍ରେସ ସମ୍ବିଧାନ ଯାହାକୁ ଜଣାନିଁ ସେମାନେ ଦଳରେ ନ ରୁହନ୍ତୁ ବୋଲି ସେ କହିଥିଲେ । ପରେ ଚେଲ୍ଲକୁମାର ପିପିଲି ଉପନିର୍ବାଚନ ଫଳାଫଳ ବାହାରିବା ଦିନ କଂଗ୍ରେସ ଭବନରେ ପଶି ତାଲା ପକାଇ ଚେୟାର, ଟେବୁଲ ଭାଙ୍ଗିଥିବା ନେତା ଓ କର୍ମୀଙ୍କୁ ଶାଣିତ ଆକ୍ରମଣ କରି କହିଥିଲେ , ଯାହାର ପିସିସି ସଭାପତିଙ୍କ ଉପରେ ରାଗ ଅଛି ।ସେମାନେ ଜଣାନ୍ତୁ, ସେଥିରେ କିଛି ନାହିଁ । ସେହି କଥା ଲାଗି କଂଗ୍ରେସର କ୍ଷତି କଲେ କ୍ଷମା ମିଳିବନାହିଁ । ଅନ୍ୟପଟେ କଂଗ୍ରେସ ଭବନରେ ଭଙ୍ଗାରୁଜା ଘଟଣାକୁ ଗଣମାଧ୍ୟମରେ ଖବର ଦେଇ ଦଳର କ୍ଷତି କରିଥିବା ନେତା ଓ କର୍ମୀଙ୍କ ତାଲିକା ଚେଲ୍ଲକୁମାର ମଗାଇଛନ୍ତି । ଏହିତାଲିକା ପ୍ରସ୍ତୁତ କାର୍ଯ୍ୟ ଶେଷ ହୋଇଥିବା ଜଣିବାକୁ ମିଳିଛି ।ସେମାନଙ୍କୁ ଦଳ ପକ୍ଷରୁ ଗୁରୁବାର ସୁଦ୍ଧା ବହିଷ୍କାର କରିଦିଆଯିବ ବୋଲିବିଶେଷ ସୂତ୍ରରୁ ଜଣା ପଡିଛି । ଅନ୍ୟପଟେ ଯେଉଁ ଦଳର କ୍ଷତି ହେବା ଭଳି କାମ କରନ୍ତି ସେମାନଙ୍କ ବିରୋଧରେ ତୁରନ୍ତ କାର୍ଯ୍ୟାନୁଷ୍ଠାମ ନେବା ଲାଗି ମଧ୍ୟ ଚେଲ୍ଲକୁମାର ନିର୍ଦ୍ଦେଶ ପାଇଥିବା ଜାଣିବାକୁ ମିଳୀଛି ।

## କେନ୍ଦ୍ରକୁ ମନ୍ତ୍ରୀ ରଣେନ୍ଦ୍ରଙ୍କ ସର୍ତକବାଣୀ

**ଭୁବନେଶ୍ୱର(ସଂପର୍କବାର୍ତ୍ତା):-** ସର୍ତକ ହୋଇଯାଅ କେନ୍ଦ୍ର ସରକାର । ଦର ବୃଦ୍ଧି ଯୋଗୁ ବିଭିନ୍ନ ରାଜ୍ୟର ଉପନିର୍ବାଚନରେ ବିଫଳ ହୋଇଛି । ସବୁ କ୍ଷେତ୍ରରେ କେନ୍ଦ୍ର ସରକାର ବିଫଳ । ରାଜ୍ୟର କ୍ଷମତା ଛଡାଇ ନେଇଗଲେ କେନ୍ଦ୍ର ସରକାର । ରାଜ୍ୟ ସରକାରଙ୍କର ବରିଷ୍ଠ ମନ୍ତ୍ରୀ ରଣେନ୍ଦ୍ର ପ୍ରତାପ ସ୍ୱାଇଁ କେନ୍ଦ୍ରକୁ ଶୁଣାଇଛନ୍ତି ସର୍ତକବାଣୀ । ଡିଜେଲ ଦର ବଢ଼ିବାରୁ ଚାଷୀର ଉତ୍ପାଦନ ଖର୍ଚ୍ଚ ବଢିଛି । ସମାଧାନର ବାଟ ନ ବାହାର କଲେ , ଆହୁରି ଦର ବଢିବ । ଯାହାର ଫଳ



ଭୋଗିବେ କେନ୍ଦ୍ର ସରକାର । ନ ଅସନ୍ତୋଷ ତେଜିଲାଣି । ବିଭିନ୍ନ ରାଜ୍ୟରେ ଉପନିବାଚନ ଫଳାଫଳ ବିଜେପି ବିରୋଧରେ ଯାଇଛି । ଏବେଠୁ କେନ୍ଦ୍ର ସରକାର ସର୍ତକ ହୋଇ ଯାଆନ୍ତୁ । ଦରବୃଦ୍ଧି ନ ରୋକିରେ ଆଗକୁ ଲୋକ

### ସତର୍କ ହୁଅ ନଚେତ ଗାଦିରୁ ଯିବ

ଜବାବ ଦେବେ । ସରକାର ଶାସନ କ୍ଷମତାରୁ ଯିବେ । ଏମିତି ଭବିଷ୍ୟବାଣୀ କରିଛନ୍ତି ରଣେନ୍ଦ୍ର । ବିଭିନ୍ନ ରାଜ୍ୟରେ ଅନୁଷ୍ଠିତ ଉପନିର୍ବାଚନରେ ବିଜେପିର ପରାଜୟ ଦରବୃଦ୍ଧିର ପ୍ରତି ଫଳନ ବୋଲି ଖାଦ୍ୟ ଯୋଗଣ ଓ ସମବାୟ ମନ୍ତ୍ରୀ ଶ୍ରୀ ସ୍ୱାଇଁ ଯୁକ୍ତି ବାଢିଛନ୍ତି ।ସେ ଅଭିଯୋଗ କରିଛନ୍ତି , ଦରବୃଦ୍ଧିକୁ ପ୍ରସଙ୍ଗ କରି ବିଜେପି କ୍ଷମତାକୁ ଆସିଲା ମାତ୍ର ଏବେ ଦର ଦାମ ଆକାଶଛୁଆଁ । ରାଜ୍ୟର କ୍ଷମତାକୁ କେନ୍ଦ୍ର ଛଡାଇ ନେଇଛି । ପେଟ୍ରୋଲ ଓ ଡିଜେଲ ଦର ଉପରେ ରାଜ୍ୟର କିଛି ନିୟନ୍ତ୍ରଣ ନାହିଁ । କେନ୍ଦ୍ରର ଟିକସ ବୋଝ ତେଲ ଦରକୁ ସର୍ବକାଳୀନସ୍ତରକୁ ନେଇଛି । ଡିଜେଲ ଦର ବଢିବାରୁ ଚାଷୀର ଉତ୍ପାଦନ ଖର୍ଚ୍ଚ ବଢିଛି । ପରିବହନ ଖର୍ଚ୍ଚ ମଧ୍ୟ ବଢି ବଢି ଚାଲିଛି । ସାଧାରଣ ଲୋକ ବଂଚବ କେମିତି ?

## କରୋନା ବଟିକା 'ମୋଲନୁପିରାଭିର'

**ନୂଆଦିଲ୍ଲୀ(ସଂପର୍କବାର୍ତ୍ତା):-** କରୋନା ମୁକାବିଲା ପାଇଁ ଆସିଲା ବିଶ୍ୱର ପ୍ରଥମ ବଟିଲା ମୋଲନୁପିରାଭିର । ଏହାକୁ ଗ୍ରୀନ ସିଗନାଲ ଦେଇଛି ବ୍ରିଟେନ ଆମେରିକୀୟ କମ୍ପାନୀ ମର୍କ ଆଣ୍ଡ କୋ ମୋଲୁନ ପ୍ରସ୍ତୁତକାରୀ କମ୍ପାନୀ ମୋଲୁନପିରାଭିର ବଟିକ ଦ୍ୱାରା ରୋଗୀଙ୍କ ମୃତ୍ୟୁ ଏବଂ ହସ୍ପିଟାଲରେ ଆଡମିଟ ହେବା ଭଳି ଆଶଙ୍କକୁ ୫୦ ପ୍ରତିଶତ କମାଇଦେବ । ୮୦ ହାଜର



ବଟିକା ଅର୍ଡର ଯୁକେ ଅର୍ଡର କରିଛି । ମୋଲନୁପିରାଭିର ବଟିକାର କ୍ଲିନିକାଲ ଟ୍ରାଏଲ ପରୀକ୍ଷଣରେ ଭଲ ପ୍ରଦର୍ଶନ ମଧ୍ୟ ରହିଛି । ତୃତୀୟ ପର୍ଯ୍ୟାୟ କ୍ଲିନିକାଲ ଟ୍ରାଏଲ ପାଇଁ ୭୭୫ ଜଣ ସଂକ୍ରମିତଙ୍କ ଠାରେ ମୋଲନୁପିରାଭିରକୁ ପ୍ରୟୋଗ କରାଯାଇଥିଲା ସମସ୍ତ ସଂକ୍ରମିତଙ୍କ ଠାରେ ଗୁରୁତର ହେବାର ଯଥେଷ୍ଟ ସମ୍ଭାବନା ରହିଥିଲା କିନ୍ତୁ ୭.୩ ପ୍ରତିଶତ ସଂକ୍ରମିତଙ୍କ ଡାକ୍ତରଖାନାରେ ଭର୍ତ୍ତି କରିବାକୁ ପଡିଥିଲା ସବୁ ଭାରିଏଣ୍ଟ ବିରୋଧରେ ଏହାର ପ୍ରଭାବଶାଳୀ ପ୍ରଦର୍ଶନ ରହିଥିବା କମ୍ପାନୀ ପକ୍ଷରୁ ସ୍ପଷ୍ଟୀକରଣ କରାଯାଇଛି ।

## କାଠ ଚୋର ୪ ପୋଲିସ୍ କୋର୍ଟ ଚାଲାଣ

**ଗଜପତି(ସଂପର୍କବାର୍ତ୍ତା):-** ପୋଲସି ଭ୍ୟାନ ଯୋଗେ କାଠ ଚୋରଚାଲାଣ ମାମଲାରେ ଅଟକ ରହିଥିବା ଚାରି ଅଭିଯୁକ୍ତଙ୍କୁ ଗିରଫ ।କରି କୋର୍ଟ ଚାଲାଣ କରିଛି ବନ ବିଭାଗ । ଗିରଫ ଅଭିଯୁକ୍ତମାନେ ହେଲେ ପାରଳାଖେମୁଣ୍ଡି ରିଜର୍ଭ



ପୋଲିସ ୩ୟ ବାଟାଲିୟନର ଯବାନ ତସମନ୍ତ ଆଚାର୍ଯ୍ୟ, ଚିନ୍ମୟ ବେହେରା ,ପ୍ରଭାତ ମହାକୁଡ ଓ ଡ୍ରାଇଭର ଶ୍ରୀଧର ମହାପାତ୍ର । ୧୯୭୨ ଫରେଷ୍ଟ ଏକ୍ଟ ୫୬ ଓ ୧୯୮୦ ଓଟିଇଟି ଏକ୍ଟ ୪,୧୨,୧୪,୦୨୧ ଧାରା ଅନୁସାରେ ଅଭିଯୁକ୍ତମାନଙ୍କୁ ଗିରଫ କରିକୋର୍ଟ ଚାଲାଣ କରିଛି ବନ ବିଭାଗ।

## ପୂ. ଜିଲ୍ଲାପାଳଙ୍କୁ ଗାଳି କରୁଥିବା ଭଡୁଆ କୁଆଡେ ଗଲେ ?

**କୁଜଙ୍ଗ(ସଂପର୍କବାର୍ତ୍ତା):-** କୁଜଙ୍ଗ ବନବିଭାଗ ପକ୍ଷରୁ ଗଲା ଶୁକ୍ରବାର ଦିନ ନୂଆଗାଁ ସେକ୍ସନ ଅଧିନ ବରବୁଦାସ୍ଥିତ ଜଙ୍ଗଲ ଜମିରୁ

### ଚିଙ୍ଗୁଡି ଘେରି ଉଚ୍ଛେଦ ଚାଲିଛି

ବେଆଇନ୍ ଚିଙ୍ଗୁଡି ଘେରିକୁ ଉଚ୍ଛେଦ କରାଯାଇଛି । ଜଙ୍ଗଲ ଜମିକୁ କିଛି ଲୋକ ଜବରଦଖଲ କରି ଦୀର୍ଘ ବର୍ଷ ହେବ ଚିଙ୍ଗୁଡି ଘେରି କରିଥିଲେ। ଫଳରେ ପରିବେଶ ପ୍ରଦୂଷଣ ହେବା ସହ ସବୁଜ ସୁରକ୍ଷା ବଳୟ ସୃଷ୍ଟିରେ ବାଧା ଉପୁଜିଥିଲା। ଏ ନେଇ ରାଜନଗର ଡିସିଏଫ୍ ଅଧିର ବେହେରା କୁଜଙ୍ଗ ରେଞ୍ଜ ଅଫିସର ରଞ୍ଜନ ମିଶ୍ର ନୂଆଗାଁ ବନପାଳ ଜ୍ଞାନପ୍ରକାଶ ମହାନ୍ତି, ବନରକ୍ଷୀ ନିରଞ୍ଜନ ମଣ୍ଡଳ। ସୁରେଶ ରାଉତ ଓ ନୂଆଗାଁ ରାଜସ୍ୱ ନିରୀକ୍ଷକ ପ୍ରମୁଖଙ୍କ ଉପସ୍ଥିତିରେ ୭ଟି ବେଆଇନ୍ ଚିଙ୍ଗୁଡି



ଘେରି ଭଙ୍ଗା ଯାଇଛି । ଉଚ୍ଛେଦ କାର୍ଯ୍ୟ ସରିଲା ପରେ ସେଠାରେ ହେନ୍ତାଳ ବନ ସୃଷ୍ଟି କରାଯାଇ ସାମୁଦ୍ରିକ ସୁରକ୍ଷା ବଳୟ ସୃଷ୍ଟି କରାଯିବ ବୋଲି ରେଞ୍ଜ ଅଫିସର ମିଶ୍ର କହିଛନ୍ତି । ଅନ୍ୟପକ୍ଷରେ, ଏହି ଚିଙ୍ଗୁଡି ଘେରି ଉଚ୍ଛେଦକୁ ନେଇ ଜଗତସିଂହପୁର ଜିଲ୍ଲାପାଳ ସଂଗ୍ରାମ କେଶରୀ ମହାପାତ୍ରଙ୍କୁ ଯେଉଁ ଦୁଇଜଣ ଭଡୁଆ ନେତା ବିରୋଧ କରୁଥିଲେ ସେ ଏବେ କେଉଁଠି ? ବୋଲି କୁହାଯାଉଛି। ରାଜନଗର ଡିଏଫ୍‌ଓ ଏହି ଚିଙ୍ଗୁଡି ଘେରି ଉଚ୍ଛେଦ କରିବାକୁ ସରକାରଙ୍କ ନିର୍ଦ୍ଦେଶ ଅନୁଯାୟୀ ଉଚ୍ଛେଦ କରିଆସୁଛନ୍ତି। ଏଥିରେ ଜିଲ୍ଲାପାଳ ସଂଗ୍ରାମ କେଶରୀ ମହାପାତ୍ର ଜିଲ୍ଲା ମାଜିଷ୍ଟ୍ରେଟ୍ ହିସାବରେ ତାଙ୍କର ସହଯୋଗ ରହିବା ଆବଶ୍ୟକ। କିନ୍ତୁ ଜିଲ୍ଲାପାଳଙ୍କୁ ଅଯଥାରେ ଦାୟୀ କରାଯାଇ ଯେଉଁପରି ଆକାରରେ ଗାଳିଗୁଲଜ କଲେ ଯେଉଁ ବରିଷ୍ଠ ନେତା ଦୁଇଜଣ ଅଭିଯୋଗ କରୁଥିଲେ ଏବେ କ'ଣ ସେମାନଙ୍କ ମୁହଁରେ ତୁଣ୍ଡି ଲାଗିଛି ବୋଲି ପ୍ରଶ୍ନ କରାଯାଉଛି।

## ମୋଦି ଚତୁର ରାଜନେତା

**ନୂଆଦିଲ୍ଲୀ(ସଂପର୍କବାର୍ତ୍ତା):-** କଂଗ୍ରେସ ସାଂସଦ ଶଶି ଥରୁର୍ ପୁଣି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କର ପ୍ରଶଂସା କରିଛନ୍ତି। ସେ ମୋଦିଙ୍କୁ ସର୍ଦ୍ଦାର ବଲ୍ଲଭ ଭାଇ ପଟେଲ୍‌ଙ୍କ ସହ ତୁଳନା କରିଛନ୍ତି। ରବିବାର(୭ ତାରିଖ) ସେ କହିଛନ୍ତି ସର୍ଦ୍ଦାର ସମଗ୍ର ରାଷ୍ଟ୍ର ତଥା ଗୁଜୁରାଟିଙ୍କ ପ୍ରତିନିଧିତ୍ୱ କରୁଥିଲେ। ମୋଦି ମଧ ତାଙ୍କ ଭଳି କାମ କରୁଛନ୍ତି। ମୋଦି ଜଣେ ଚତୁର ରାଜନେତା ବୋଲି ଥରୁର୍ କହିଛନ୍ତି। ସେ ଏ କଥା ନିଜ ପୁସ୍ତକ 'Pride, Prejudice and Punditry: The Essential Shashi Tharoor' ରେ କହିଛନ୍ତି। ଥରୁର୍ ନିଜ ପୁସ୍ତକରେ କହିଛନ୍ତି, ନରେନ୍ଦ୍ର ମୋଦି ଏକ ଚତୁର ରାଜନେତା, ଗୁଜୁରାଟରୁ ମହାତ୍ମା ଗାନ୍ଧୀ ଏବଂ ସର୍ଦ୍ଦାର ବଲ୍ଲଭ ଭାଇ ପଟେଲ୍‌ଙ୍କ ପରେ ନିଜର ଏକ ପରିଚୟ ସୃଷ୍ଟି କରିଛନ୍ତି। ୨୦୧୪ରୁ ଏହା ଆରମ୍ଭ ହୋଇଥିଲା। ଗୁଜୁରାଟର ମୁଖ୍ୟମନ୍ତ୍ରୀ ଥିବାବେଳେ ସେ ଷ୍ଟାଚ୍ୟୁ ଅଫ୍ ଲିବର୍ଟି ଭଳି ପଟେଲଙ୍କ ୬୦୦ଫୁଟ୍ ଉଚ୍ଚ ମୂର୍ତ୍ତିନିର୍ମାଣ ପାଇଁ ଦେଶବାସୀଙ୍କୁ ଲୁହା ଦାନ କରିବାକୁ ନିବେଦନ କରିଥିଲେ। ୨୦୦୨ ଦଙ୍ଗା ପରେ ମୋଦିଙ୍କ ଛବି ଖରାପ ହୋଇଯାଇଥିଲା। କିନ୍ତୁ ପଟେଲଙ୍କ ଭଳି କଠୋର ଏବଂ ନିର୍ଣ୍ଣାୟକ କାର୍ଯ୍ୟାନୁଷ୍ଠାନ ନେଇ ନିଜର ମଳିନ ଛବିକୁ ପୁଣି ଥରେ ସଜ୍ଜ କରିଥିଲେ ବୋଲି ଥରୁର୍ ନିଜ ପୁସ୍ତକରେ କହିଛନ୍ତି। ଏହା ପୂର୍ବରୁ ଥରୁର୍ ଦେଶର ଏକ କୋଟି ଟିକାକରଣକୁ ନେଇ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କୁ ପ୍ରଶଂସା କରିଥିଲେ।

## ବିଜେପିର ଜ୍ଞାନ ନାହିଁ:ଅମର

**ଭୁବନେଶ୍ୱର(ରାମଚନ୍ଦ୍ର ମହାନ୍ତି, ରାଜ୍ୟ ପ୍ରତିନିଧି):-** ମନରେଗା ନେଇ ଓଡ଼ିଶା ସଂପର୍କରେ ବିଜେପି ମିଥ୍ୟା ତଥ୍ୟ ଦେଇଛି। ସେଥି ପାଇଁ ବିଜେପି ଉପରେ ବର୍ଷିଛନ୍ତି ବିଜେଡି ସାଂସଦ ଅମର ପଟ୍ଟନାୟକ। ସେ କହିଛନ୍ତି ମନରେଗାର ବର୍ତ୍ତମାନ ସ୍ଥିତି ନେଇ ବିଜେପିର ଜ୍ଞାନ ନାହିଁ। ପୂର୍ବରୁ ଅର୍ଦ୍ଧ ସତ୍ୟ କହିଥିଲେ। ଏବେ ବି ଦୋହରାଉଛନ୍ତି। ୨୯ ଅକ୍ଟୋବରରେ ଜାତୀୟ ଗଣମାଧମ ହିନ୍ଦୁରେ ପ୍ରକାଶ ପାଇଥିଲା ଯେ, ଏ ପର୍ଯ୍ୟନ୍ତ ୨୧ଟି ରାଜ୍ୟକୁ ମନରେଗା ଅର୍ଥ ଯାଇନାହିଁ। ୮୬୮୬ କୋଟିର ନେଗେଟିଭ୍ ବାଲାନ୍ସ କେନ୍ଦ୍ର ବଜେଟ୍‌ରେ



ଦେଖାଉଛି, କାରଣ ଟଙ୍କା ନାହିଁ। କାରଣ ଓଡ଼ିଶାରେ ଏପ୍ରିଲ୍‌ରୁ ୭୪୬ କୋଟି ଟଙ୍କା ମିଳିନି। ଟଙ୍କା ତ ଆସିନି, ଲୋକଙ୍କୁ କାମ କେମିତି ଦିଆଯିବ ବୋଲି ସାଂସଦ ଅମର ପ୍ରଶ୍ନ କରିଛନ୍ତି ? ସେ କହିଛନ୍ତି ଅଡିଟ୍ ରିପୋର୍ଟ କଥା ବିଜେପି କହୁଛି, ହେଲେ ଖର୍ଚ୍ଚ ହେବା ପରେ ତ ଅଡିଟ୍ ରିପୋର୍ଟ ଦିଆଯାଏ। ଅକ୍ଟୋବର ୩୦ ଯାଏ ପୂର୍ବ ବର୍ଷର ଖର୍ଚ୍ଚ ରିପୋର୍ଟ ଦିଆଯିବା କଥା ୧ ତାରିଖରେ ଓଡ଼ିଶା ଦେଇଛି। ଏହା ସହ ଯୁସିର ସଂପର୍କ ନାହିଁ। ଓଡ଼ିଶାର ୩୦ଟି ଜିଲ୍ଲାରୁ ୨୨ଟି ଜିଲ୍ଲା ହାତପାହାନ୍ତାରେ ଅଛନ୍ତି। ବିଜେପି ଲୋକଙ୍କୁ ବିଭ୍ରାନ୍ତ କରୁଛି। ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଯେଉଁ ଚିଠି ପ୍ରଧାନମନ୍ତ୍ରୀଙ୍କୁ ଲେଖିଛନ୍ତି ତାହା ଯଥାର୍ଥ ଥିଲା। ତେଣୁ ଟଙ୍କା ଆସିଲା ଯେଉଁ ଅର୍ଥ ଦେବାର ଥିଲା ତାହା ନ ଦେବାରୁ ମୁଖ୍ୟମନ୍ତ୍ରୀ ଚିଠି ଲେଖିଥିଲେ। ବିଜେପି ଯାହା କହୁଛି ସେଥିରେ କୌଣସି ସତ୍ୟାସତ୍ୟ ନାହିଁ। ଅବାନ୍ତର ଓ ମିଥ୍ୟା କଥା ବିଜେପି ନେତା କହୁଥିବା ବିଜେଡି ସାଂସଦ ଅମର ପଟ୍ଟନାୟକ କହିଛନ୍ତି।

## ବିରୋଧୀ କଞ୍ଚା ମିଛ କହୁଛନ୍ତି:ବିଦ୍ୟଶଙ୍କର

**ଜୁନାଗଡ଼(ସଂପର୍କବାର୍ତ୍ତା):-** ମମିତା ମେହେର ହତ୍ୟାକାଣ୍ଡକୁ ନେଇ ରାଜ୍ୟ ପଡୁଥିବା ଓ ଉଠୁଥିବା ବେଳେ ଖୋଦ୍ ଗୃହ ରାଷ୍ଟ୍ରମନ୍ତ୍ରୀ ଛନ୍ଦି ହୋଇପଡିଛନ୍ତି। ଯାହାକୁ ନେଇ ଏବେ ରାଜ୍ୟସାରା ପ୍ରତିବାଦର ସ୍ୱର ଦେଖିବାକୁ ମିଳୁଛି। ମାତ୍ର ଏହି ମାମଲାରେ ମନ୍ତ୍ରୀଙ୍କ କିଛି ସଂପୃକ୍ତି ନାହିଁ ବୋଲି ପୂର୍ବରୁ ପ୍ରେସ୍ ରିଲିଜ୍ କରି ଆଜି(ରବିବାର) ପୁଣି ଥରେ ଏକ ମିଶ୍ରଣ ପର୍ବରେ ମନ୍ତ୍ରୀ ଦିବ୍ୟଶଙ୍କର ମିଶ୍ର ନିଜକୁ ନିର୍ଦ୍ଦୋଷ ବୋଲି କହିଛନ୍ତି। ବିରୋଧୀ କଞ୍ଚା ମିଛ କହୁଛନ୍ତି। ରାଜ୍ୟବାସୀଙ୍କୁ ଭ୍ରମିତ କରିବାକୁ ଚେଷ୍ଟା କରୁଛନ୍ତି। ଏବେ



ରାଜନୈତିକ, ସାମାଜିକ ଓ ଧାର୍ମିକ ସ୍ତରରେ କିଛି ଭୁଲ୍ କାମ କରିନାହିଁ କି କରିବି ନାହିଁ ବୋଲି ଆଜି ଜୁନାଗଡ ବିଜେଡି ମିଶ୍ରଣ ପର୍ବରେ ମନ୍ତ୍ରୀ ଦିବ୍ୟଶଙ୍କର କହିଛନ୍ତି। ମୋର ବି ପରିବାର, ପୁଅ-ଝିଅ, ଭାଇ-ଭଉଣୀ ଅଛନ୍ତି ଏବଂ ବିରୋଧୀଙ୍କ ଏହି ମିଥ୍ୟା ପ୍ରଚାର ଆମକୁ ବହୁ କଷ୍ଟ ଦେଉଛି ବୋଲି ପ୍ରତିକ୍ରିୟାରେ କହିଛନ୍ତି ମନ୍ତ୍ରୀ।

ତେବେ ଅନ୍ୟପଟେ ଆଜି କଳାହାଣ୍ଡିରେ ମନ୍ତ୍ରୀଙ୍କୁ ତୀବ୍ର ବିରୋଧ କରାଯାଇ ବିଜେଡି ସାଂଗଠନିକ ସଂପାଦକ ପ୍ରଣବ ପ୍ରକାଶ ଦାସଙ୍କ ଉପସ୍ଥିତିରେ ମନ୍ତ୍ରୀ ଦିବ୍ୟଶଙ୍କରଙ୍କ ଗାଡି ଉପରକୁ ଅଣ୍ଡା ମାଡ କରିବା ସହିତ କଳାପତକା ଦେଖାଇଥିଲେ ବିରୋଧୀ।


ଯୋଗାଯୋଗ ପ୍ରତିନିଧି- ରାଜ୍ୟ ପ୍ରତିନିଧି-୯୪୩୭୦୨୩୩୮୦(ରାମଚନ୍ଦ୍ର ମହାନ୍ତି), ଭୁବନେଶ୍ୱର-୯୫୮୩୭୮୩୩୫୧(ପରମେଶ୍ୱର ଦାଶ), କଟକ-୯୪୩୭୬୨୮୪୩୯(ତପନ ମହାନ୍ତି), ଜଗତସିଂହପୁର-୯୭୭୭୪୩୧୯୫୯(ଅକ୍ଷୟ କୁମାର ବେହେରା), ଜଗତସିଂହପୁର ବ୍ଲକ/ମ୍ୟୁନିସିପାଲିଟି-୯୩୩୭୦୯୨୮୧୭(ପବିତ୍ର କୁମାର ଦାଶ)



ବି.ଦ୍ର- ସମ୍ବାଦ ପରିବେଷଣ କରୁଥିବା ସାମ୍ବାଦିକ ପ୍ରକାଶିତ ସମ୍ବାଦ ପାଇଁ ଉତ୍ତରଦାୟୀ ରହିବେ । ପ୍ରକାଶକ ଓ ସମ୍ପାଦକ ନୁହଁନ୍ତି ।

All disputes relating to any news item published shall be subject to the Jurisdiction of Jagatsinghpur court/s.

ପ୍ରକାଶିତ ସମ୍ବାଦ ବାବଦରେ ଯେକୌଣସି ବିବାଦ ସମ୍ବନ୍ଧୀୟ ମାମଲା କେବଳ ଜଗତସିଂହପୁରସ୍ଥିତ ଅଦାଲତରେ କରାଯାଇ ପାରିବ ।



Printed , Published & owned by Rama Chandra Mohanty Printed at Mayur Offset Printers, Plot No. D-1/1, Sector-A, Zone-D, Mancheswar Industrial Estate, Bhubaneswar-751010, Dist-Khurda (Odisha) and Published at Panisalia, Jagatsinghpur, Odisha, City Office : AT- SANJUKTA BHAWAN, PLOT NO. 48/992 , MAHATAB ROAD, OLD TOWN, BHUBANESWAR-751002, ODISHA

ସଂପାଦକ : ରାମଚନ୍ଦ୍ର ମହାନ୍ତି

● Editor : Rama Chandra Mohanty Mob- 9437023380, 7978875473 Email : samparkabarta1@gmail.com

News Editor: Akshaya Kumar Behera